ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୫/୨୦୨୫ (୨୦ ପୃଷ୍ଠା) | Bhubaneswar, Tuesday, November 25/2025 | Page 20 | ₹ 7.00 | BERHAMPUR
୫୨ଶ ଭାଗ ୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 2 | ମୂଲ୍ୟ ₹୭/-

DSPL-373



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
## କରକମଳରେ
## ନୂତନ ଭାବେ ଚୟନୀତ ୧୨ଟି ବିଭାଗର
## ୭,୨୯୩ଜଣ ପ୍ରାର୍ଥୀଙ୍କୁ
## ନିଯୁକ୍ତିପତ୍ର ପ୍ରଦାନ ଓ ପ୍ରଶିକ୍ଷଣ

| | | | |
|---|---|---|---|
| **୨,୩୬୫** ସ୍ୱରାଷ୍ଟ୍ର ବିଭାଗ (ପ୍ରଶିକ୍ଷଣ) | **୨,୧୫୪** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | **୧,୭୫୦** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | **୬୭୨** ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ |
| **୧୧୭** କୃଷି ଓ କୃଷକ ସଶକ୍ତିକରଣ ବିଭାଗ | **୭୪** ଉଚ୍ଚଶିକ୍ଷା ବିଭାଗ | **୪୦** ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ୍)ଙ୍କ କାର୍ଯ୍ୟାଳୟ | **୩୯** ସୂଚ୍ନା ଓ ଲୋକ ସମ୍ପର୍କ ବିଭାଗ |
| **୩୬** ଜଳ ସମ୍ପଦ ବିଭାଗ | **୧୭** ବାଣିଜ୍ୟ ଓ ପରିବହନ ବିଭାଗ | **୧୫** ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ | **୧୪** ଇସ୍ପାତ ଓ ଖଣି ବିଭାଗ |

**୨୫ ନଭେମ୍ବର ୨୦୨୫ । କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ଉଚ୍ଚଶିକ୍ଷା ବିଭାଗ
ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ୍)ଙ୍କ କାର୍ଯ୍ୟାଳୟ । ସୂଚ୍ନା ଓ ଲୋକ ସମ୍ପର୍କ ବିଭାଗ । ଜଳ ସମ୍ପଦ ବିଭାଗ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
ବାଣିଜ୍ୟ ଓ ପରିବହନ ବିଭାଗ । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ । ଇସ୍ପାତ ଓ ଖଣି ବିଭାଗ । ସ୍ୱରାଷ୍ଟ୍ର ବିଭାଗ (ପ୍ରଶିକ୍ଷଣ)

**ଓଡ଼ିଶା ସରକାର**

OIPR-

# ଏସ୍‌ଆଇଆର୍ କାର୍ଯ୍ୟଚାପ ବିରୋଧରେ ବିଏଲ୍‌ଓଙ୍କ ବିକ୍ଷୋଭ

**କୋଲକାତା,୨୪।୧୧**

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ଜନିତ କାର୍ଯ୍ୟଚାପରୁ ବିଭିନ୍ନ ରାଜ୍ୟରେ ୧୦ରୁ ଅଧିକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଲାଣି। ଏସ୍‌ଆଇଆର୍‌କୁ ବିଭିନ୍ନ ରାଜ୍ୟରେ ବିରୋଧ କରାଯାଉଛି। ପଶ୍ଚିମବଙ୍ଗରେ ଏହି ପ୍ରକ୍ରିୟା ସହ ଜଡ଼ିତ ବିଏଲ୍‌ଓମାନଙ୍କର ଏକ ସଂଗଠନ କାର୍ଯ୍ୟଚାପ ପ୍ରତିବାଦରେ ସୋମବାର ଶୋଭାଯାତ୍ରାରେ ଯାଇ

## ଅମାନବୀୟ ଚାପ ମଧ୍ୟରେ କାମ କରୁଛନ୍ତି ବିଏଲ୍‌ଓ: କମିଟି

କୋଲକାତାସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଥିବା ବିଏଲ୍‌ଓ ଅଧିକାର ରକ୍ଷା କମିଟିର ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। କମିଟି ପକ୍ଷରୁ ଅଭିଯୋଗ ହୋଇଛି ଯେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ବିଭିନ୍ନ ଜିଲାରେ ବିଏଲ୍‌ଓମାନେ ଅଭୂତପୂର୍ବ ଏବଂ ଅମାନବୀୟ ଚାପ ମଧ୍ୟରେ କାମ କରୁଛନ୍ତି। ଉତ୍ତର କୋଲକାତା କଲେଜ ସ୍କୋୟାରରୁ ଶୋଭାଯାତ୍ରା ଆରମ୍ଭ ହୋଇ କେନ୍ଦ୍ରୀୟ କୋଲକାତାରେ ଥିବା ମୁଖ୍ୟ ନିର୍ବାଚନ ଅଫିସରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ନିର୍ବାଚନ କମିଶନ ହସ୍ତକ୍ଷେପ କରି ସୁଧାରାତ୍ମକ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି।




କୋଲକାତାସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ବାହାରେ ସୋମବାର ବିଏଲ୍‌ଓମାନେ ବିକ୍ଷୋଭ କରୁଛନ୍ତି।

# ଭାରତ ଜନ୍ମିତ କାନାଡୀୟ ଉପକୃତ ହେବେ

**ନୂଆଦିଲ୍ଲୀ,୨୪।୧୧**

କାନାଡା ସରକାର ନାଗରିକତ୍ୱ ଆଇନରେ ଆଧୁନିକୀକରଣ କରିଛନ୍ତି। ପୁରୁଣା ନିୟମରେ ଯେଉଁମାନେ ନାଗରିକତ୍ୱରୁ ବାଦ୍ ପଡ଼ିଥିଲେ ସେମାନେ ସଂଶୋଧିତ ନିୟମରେ ଉପକୃତ ହେବେ। ବିଲ୍ ସି-୩କୁ ରାଜକୀୟ ମଞ୍ଜୁରୀ ମିଳିଛି। ଉକ୍ତ ଆଇନ ଅନୁଯାୟୀ, ସ୍ୱାଭାବିକ ନାଗରିକମାନେ ସେମାନଙ୍କର ବିଦେଶରେ ଜନ୍ମିତ କିମ୍ବା

## ନାଗରିକତ୍ୱ ନିୟମ ବଦଳାଇଲା କାନାଡା

ପୋଷ୍ୟ ସନ୍ତାନଙ୍କୁ ନାଗରିକତ୍ୱ ଅଧିକାର ହସ୍ତାନ୍ତର କରିପାରିବେ। ଏହାଦ୍ୱାରା କାନାଡାରେ ଥିବା ଅନେକ ହଜାର ଭାରତୀୟ ବଂଶୋଦ୍ଭବ ପରିବାର ଉପକୃତ ହେବେ ବୋଲି କୁହାଯାଉଛି। ଗତ ବୁଧବାର ବିଲ୍ ସି-୩ ସିନେଟ୍‌ର ଅନୁମୋଦନ ଲାଭ କରିଥିଲା।

# ସିଜେଆଇ ଭାବେ ଶପଥ ନେଲେ ସୂର୍ଯ୍ୟକାନ୍ତ



**ନୂଆଦିଲ୍ଲୀ,୨୪।୧୧**

ଭାରତର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୋମବାର ଶପଥଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ସିଜେଆଇ ପଦରୁ ଅବସର ନେଇଥିବା ଜଷ୍ଟିସ୍ ବି.ଆର୍. ଗବଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସିଜେଆଇ ହୋଇଛନ୍ତି। ଗତମାସ ୩୦ ତାରିଖରେ ତାଙ୍କୁ ସିଜେଆଇ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେ ଏହି ପଦବୀରେ ୨୦୨୭ ଫେବୃଆରୀ ୯ ପର୍ଯ୍ୟନ୍ତ ଅର୍ଥାତ୍ ୧୫ ମାସ ରହିବେ। ସିଜେଆଇ ସୂର୍ଯ୍ୟକାନ୍ତଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ଉଚ୍ଛେଦ ନିଷ୍ପତ୍ତିକୁ କାଏମ ରଖିବା, ରାଜ୍ୟ ବିଲ୍ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ କ୍ଷମତା ନେଇ ରାୟ ପ୍ରଦାନ କରିଥିବା ଖଣ୍ଡପୀଠରେ ସୂର୍ଯ୍ୟକାନ୍ତ ରହିଥିଲେ। ବିହାର ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ନାମ ପ୍ରକାଶ କରିବାକୁ ସେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଜେଆଇ ଭାବେ ଶପଥ ନେବା ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୋମବାର ପ୍ରଥମ ଦିନରେ ୧୭ଟି ମାମଲାର ଶୁଣାଣି କରିଛନ୍ତି। ଜରୁରୀ ଶୁଣାଣି ପାଇଁ ମାମଲାଗୁଡ଼ିକୁ ଉଲ୍ଲେଖ କରିବା ନିମନ୍ତେ ଲିଖିତ ଆବେଦନ ଜରୁରୀ ବୋଲି ସୂର୍ଯ୍ୟକାନ୍ତ ସୋମବାର ନୂଆ ପ୍ରକ୍ରିୟାତ୍ମକ ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି। ତେବେ ମୃତ୍ୟୁଦଣ୍ଡ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଭଳି ମାମଲାରେ ଅସାଧାରଣ ସ୍ଥିତିରେ ମୌଖିକ ନିବେଦନକୁ ଗ୍ରହଣ କରାଯିବ। ରାଷ୍ଟ୍ରପତି ଭବନରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଭଗବାନଙ୍କ ନାମରେ ହିନ୍ଦୀରେ ଶପଥ ନେଇଥିଲେ। ଏହା ପରେ ସେ କୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଏବଂ ଡ. ବି.ଆର୍. ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ପରେ ସିଜେଆଇ ଭାବେ ଆନୁଷ୍ଠାନିକ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ଅରୁଣାଚଳକୁ ଚାଇନାର ଅଂଶ କହିଲେ ସାଂଘାଇ କର୍ତ୍ତୃପକ୍ଷ



ପ୍ରେମ ୱାଙ୍ଗ୍‌ଜୋମ୍ ଥୋଙ୍ଗ୍‌ଡୋକ୍

**ନୂଆଦିଲ୍ଲୀ,୨୪।୧୧**

ଚାଇନାର ସାଂଘାଇ ଏୟାରପୋର୍ଟରେ ଇମିଗ୍ରେଶନ ଅଧିକାରୀମାନେ ଅରୁଣାଚଳ ପ୍ରଦେଶର ଜଣେ ମହିଳାଙ୍କୁ ହଇରାଣ କରିବା ସହ ଦୀର୍ଘସମୟ ଅଟକ ରଖିଥିବା ଅଭିଯୋଗ ହୋଇଛି। ଅସ୍ଥାୟୀ ରହଣି ପାଇଁ ସେମାନେ ଭାରତୀୟ ପାସ୍‌ପୋର୍ଟକୁ ସ୍ୱୀକାର କରିବାକୁ ମନା କରିଦେଇଥିଲେ। ଅରୁଣାଚଳପ୍ରଦେଶ ଚାଇନାର ଅଂଶବିଶେଷ ବୋଲି ଆପ୍ରବାସନ ଅଧିକାରୀମାନେ କହିଥିବା ପ୍ରେମ ୱାଙ୍ଗ୍‌ଜୋମ୍ ଥୋଙ୍ଗ୍‌ଡୋକ୍ ନାମ୍ନୀ ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ରିଟେନରେ ରହୁଥିବା ଥୋଙ୍ଗ୍‌ଡୋକ୍ ଗତ ୨୧ ତାରିଖରେ ଲଣ୍ଡନରୁ ଜାପାନ ଯାଇଥିଲେ। ସାଂଘାଇ ପୁଡୋଙ୍ଗ ଏୟାରପୋର୍ଟରେ ତାଙ୍କୁ ୩ ଘଣ୍ଟା ବିଶ୍ରାମ ନେବାର ଥିଲା। ତେବେ ଇମିଗ୍ରେଶନ କାଉଣ୍ଟରରେ ଥିବା ଅଧିକାରୀମାନେ ତାଙ୍କ ପାସ୍‌ପୋର୍ଟକୁ ଅବୈଧ ବୋଲି କହିଥିଲେ। କାରଣ ପାସ୍‌ପୋର୍ଟରେ ଥିବା ତାଙ୍କ ଜନ୍ମସ୍ଥାନ ଅରୁଣାଚଳପ୍ରଦେଶ ଚାଇନାର ଅଂଶବିଶେଷ ବୋଲି ଦର୍ଶାଇଥିଲେ। ପରେ ଜଣେ ଅଧିକାରୀ ତାଙ୍କୁ ଭାରତୀୟ କହି ଚିତ୍କାର କରିବା ସହ ସେଠାରୁ ଦୂରେଇ ଦେଇଥିଲେ। ଏନେଇ ଭାରତ ବେଜିଂ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଛି। ଉଭୟ ଦେଶ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ କାର୍ଯ୍ୟ ଜାରି ରଖିଥିବାବେଳେ ଚାଇନାର ପଦକ୍ଷେପ ଅନାବଶ୍ୟକ ଅବରୋଧ ବୋଲି ନୂଆଦିଲ୍ଲୀ କହିଛି।

# ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ମାଲେସିଆରେ ସୋସିଆଲ ମିଡିଆ ନିଷେଧ ହେବ


**କୁଆଲାଲମ୍ପୁର,୨୪।୧୧**

ଆସନ୍ତା ବର୍ଷରୁ ମାଲେସିଆ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ଆକାଉଣ୍ଟ ନିଷେଧ କରିବା ପାଇଁ ଯୋଜନା କରିଛି। ପୂର୍ବରୁ ଅଷ୍ଟ୍ରେଲିଆରେ ଏଭଳି କଟକଣା ଲାଗୁ ହୋଇଥିବାବେଳେ ବହୁସଂଖ୍ୟାରେ ଦେଶ ପିଲାମାନଙ୍କ ପାଇଁ ଡିଜିଟାଲ ବୟସୀମାକୁ କଡ଼ାକଡ଼ି କଲେଣି। ସାଇବର ବୁଲିଂ, ଦୁର୍ନୀତି ଏବଂ ଯୌନ ଶୋଷଣ ଭଳି ଅନ୍‌ଲାଇନର ହାନିକାରକ ପ୍ରଭାବରୁ କିଶୋରୀକିଶୋରଙ୍କୁ ରକ୍ଷାକରିବା ପାଇଁ ଏକ ବୃହତ୍ତର ଉଦ୍ୟମର ଅଂଶସ୍ୱରୂପ ମାଲେସିଆ କ୍ୟାବିନେଟ ଉପରୋକ୍ତ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛି। କଟକଣା ଲାଗୁ ହୋଇଥିବା ଅନ୍ୟାନ୍ୟ ଦେଶର ଅଭିମୁଖ୍ୟକୁ ମାଲେସିଆ ସରକାର ଅନୁଧ୍ୟାନ କରୁଥିବା ସେଠାର ଯୋଗାଯୋଗ ମନ୍ତ୍ରୀ କହିଛନ୍ତି।



# ସ୍ୱଚ୍ଛ ବାୟୁ ହେଉ ମୌଳିକ ଅଧିକାର: ସୁନୀତା

## ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୫: ତାମୀ ମୁର୍ମୁଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ



'ଧରିତ୍ରୀ'ର ୫୨ତମ ବର୍ଷ ପାଳନ ଅବସରରେ ସୋମବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ 'ଧରିତ୍ରୀ ୟୁଥ କନ୍‌କ୍ଲେଭ-୨୦୨୫'ରେ ଯୋଗଦେଇଥିବା ଅତିଥି ଏବଂ ଜୁରି ମେମ୍ବରଙ୍କ ଗହଣରେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ' ଆୱାର୍ଡ ପାଇଥିବା ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା।

ଭୁବନେଶ୍ୱର, ୨୪।୧୧ (ବନ୍ଦନା ସେଠୀ)

ଆମେ ସମସ୍ତେ ଏବେ ଜଳବାୟୁ ପରିବର୍ତ୍ତନ ଭଳି ଏକ ବିରାଟ ସଙ୍କଟ ଦେଇ ଗତି କରୁଛେ। ଏହାକୁ ଆମେ ନିଜେ ହିଁ ତିଆରି କରିଛୁ। ସମ୍ପୂର୍ଣ୍ଣ ମାନବ ସମାଜ ଏକାଠି ହୋଇ ଏହାର ସମାଧାନର ବାଟ ଖୋଜିବା ବର୍ତ୍ତମାନର ସବୁଠାରୁ ବଡ ଆହ୍ୱାନ ପାଲଟିଛି। ବର୍ତ୍ତମାନର ବିକାଶ ମଡେଲଗୁଡ଼ିକ କେବଳ ସଙ୍କଟକୁ ଅଧିକ ଗଭୀର କରି ଚାଲିଛି ଓ ପରିବେଶଗତ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ବାୟୁ ପ୍ରଦୂଷଣ ଏବେ ପ୍ରମୁଖ ସମସ୍ୟା ପାଲଟିଛି। ସ୍ଥିତି ଏଭଳି ହେଲାଣି ଯେ, ସ୍ୱଚ୍ଛ ବାୟୁ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ହେବା ଉଚିତ ବୋଲି ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ (ସିଏସ୍‌ଇ)ର ମହାନିର୍ଦ୍ଦେଶକ ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦକ ପଦ୍ମଶ୍ରୀ ସୁନୀତା ନାରାୟଣ କହିଛନ୍ତି। 'ଧରିତ୍ରୀ'ର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୋମବାର ସ୍ୱସ୍ତିପ୍ରିମିୟମ୍ ହୋଟେଲ୍‌ଠାରେ ଆୟୋଜିତ ୟୁଥ୍ କନ୍‌କ୍ଲେଭ୍‌ର ପଞ୍ଚମ ସଂସ୍କରଣ 'କ୍ଲାଇମେଟ୍ ଚେଞ୍ଜ: ଫାଇଣ୍ଡିଂ ସଲ୍ୟୁଶନ'ରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସେ କହିଛନ୍ତି ଯେ, ବ୍ୟାପକ ଗାଡ଼ି ମୋଟର ଚଳାଚଳ ଯୋଗୁ ପରିବେଶ ଅଧିକ ପ୍ରଦୂଷିତ ହେଉଛି। ବର୍ତ୍ତମାନ ସମୟ ଆସିଛି ଗାଡ଼ି ଚଳାଚଳକୁ ସୀମିତ କରି କିଭଳି ଅଧିକ ଲୋକଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଯାଇ ପାରିବ ସେ ନେଇ ପଦକ୍ଷେପ ନିଆଯିବା ଦରକାର। ପ୍ରଦୂଷଣର ଅନ୍ୟତମ କାରକ କୁହାଯାଉଥିବା ପ୍ଲାଷ୍ଟିକ ସମ୍ପର୍କରେ ମତ ରଖି ସେ କହିଛନ୍ତି ଯେ, ପ୍ଲାଷ୍ଟିକ୍ ଏକ ପ୍ରସଙ୍ଗ ନୁହେଁ, ବରଂ ତାକୁ ପୃଥକୀକରଣ କରିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ବର୍ଜ୍ୟକୁ ☞ପୃଷ୍ଠା-୨

# କେନ୍ଦ୍ର, ଇସିଆଇକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ରାଜନୈତିକ ଦଳଙ୍କୁ ବେନାମୀ ଚାନ୍ଦା



ନୂଆଦିଲ୍ଲୀ,୨୪।୧୧

ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ବେନାମୀ ଚାନ୍ଦା ବିରୋଧରେ ଦାଏର ପିଟିଶନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଏବଂ ଭାରତର ନିର୍ବାଚନ କମିଶନ (ଇସିଆଇ) ଏବଂ ଅନ୍ୟମାନଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ରାଜନୈତିକ ଦଳଙ୍କୁ ୨,୦୦୦ ଟଙ୍କାରୁ କମ୍ ପରିମାଣର ଚାନ୍ଦା ଦେଉଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ ରହୁ ନ ଥିବାରୁ ଆୟକର ଆଇନରେ ଥିବା ଏଭଳି ବ୍ୟବସ୍ଥାର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସ୍ୱଚ୍ଛତା ଅଭାବରୁ ନିର୍ବାଚନୀ ପ୍ରକ୍ରିୟାର ପବିତ୍ରତା ନଷ୍ଟ ହେଉଛି। ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦାର ଉତ୍ସ ସମ୍ପର୍କରେ ଭୋଟରମାନେ ଜାଣିବାରୁ ବଞ୍ଚିତ ହେଉଛନ୍ତି। କିଏ କେଉଁ ଉଦ୍ଦେଶ୍ୟରେ ଚାନ୍ଦା ଦେଉଛନ୍ତି ତାହା ଜଣାପଡୁନାହିଁ। ଫଳରେ ମତଦାନ ବେଳେ ଭୋଟରମାନେ ତର୍କସଙ୍ଗତ, ବୁଦ୍ଧିମାନ ଭାବେ ନିଷ୍ପତ୍ତି ନେଇପାରୁ ନାହାନ୍ତି ବୋଲି ପିଟିଶନ୍‌ରେ ଦର୍ଶାଯାଇଛି। ରାଜନୈତିକ ଦଳର ପଞ୍ଜୀକରଣ ପାଇଁ ସର୍ତ୍ତାବଳୀ ଉଲ୍ଲେଖ କରିବା ଏବଂ କୌଣସି ଚାନ୍ଦା ଗ୍ରହଣ କରି ନ ଥିବା କୌଣସି ଦଳକୁ ରାଜନୈତିକ ଚିହ୍ନ ମଞ୍ଜୁରୀ ପ୍ରଦାନ ଲାଗି ଇସିଆଇଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନ୍‌ରେ ନିବେଦନ କରାଯାଇଛି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟ୍ଟା ଉକ୍ତ ପିଟିଶନ୍‌ର ଶୁଣାଣି ୪ ସପ୍ତାହ ପରେ କରିବାକୁ ଧାର୍ଯ୍ୟ କରିଛନ୍ତି। ତେବେ ଆବେଦନକାରୀ ଖେମସିଂ ଭଟ୍ଟି ଏବଂ ସ୍ନେହା କଳିତା ପ୍ରଥମେ ହାଇକୋର୍ଟ ଗଲେନି କାହିଁକି ବୋଲି ଖଣ୍ଡପୀଠ ସେମାନଙ୍କ ଓକିଲ ବିଜୟ ହଂସାରିଆଙ୍କୁ ପ୍ରଶ୍ନ କରିଥିଲେ।

# ମହିଳା କବାଡ଼ି ବିଶ୍ୱକପ୍: ଭାରତ ଚାମ୍ପିୟନ

ନୂଆଦିଲ୍ଲୀ,୨୪।୧୧

ବାଂଲାଦେଶର ରାଜଧାନୀ ଢାକାଠାରେ ଅନୁଷ୍ଠିତ ମହିଳା କବାଡ଼ି ବିଶ୍ୱକପ୍-୨୦୨୫ରେ ଭାରତ ଚାମ୍ପିୟନ ହୋଇଛି। ସୋମବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ଭାରତ ୩୫-୨୮ ବ୍ୟବଧାନରେ ଚାଇନିଜ ତାଇପେକୁ ପରାସ୍ତ କରିଛି। ଏହା ଭାରତର ଲଗାତର ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ। ପୂରା ଟୁର୍ନାମେଣ୍ଟରେ ଭାରତୀୟ ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ଅପରାଜେୟ ରହି ସେମିଫାଇନାଲରେ ପହଞ୍ଚିଥିଲା। ସେମିରେ ଭାରତ ୩୩-୨୧ ବ୍ୟବଧାନରେ ଇରାନକୁ ହରାଇଥିଲା। ଭାରତୀୟ ଦଳର ଏହି ଉଲ୍ଲେଖନୀୟ ଉପଲବ୍ଧିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ' ଜରିଆରେ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ ହାରଠାରୁ ଓଡ଼ିଶାର ଅଭିବୃଦ୍ଧି ହାର ୨.୨୦% ଅଧିକ

## ୭ ବର୍ଷ ଧରି ଜିଏସ୍‌ଡିପି ହାର ରହିଛି ୮%

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟର ଆର୍ଥିକ ସ୍ଥିତାବସ୍ଥା ନେଇ ଏକ ରିପୋର୍ଟ ଜାରି ହୋଇଛି; ଯେଉଁଥିରେ ଓଡ଼ିଶାର ବିକାଶ ଏବେ ତ୍ୱରାନ୍ୱିତ ହେଉଥିବା ଜଣାଯାଇଛି। ଗତ ୧୦ବର୍ଷ ମଧ୍ୟରେ ଜାତୀୟ ଅଭିବୃଦ୍ଧି ହାର ଯାହା ରହିଛି, ତାହାଠାରୁ ଓଡ଼ିଶାର ଅଭିବୃଦ୍ଧି ହାର ୨.୨୦ % ଅଧିକ ରହିଛି ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱର,୨୪।୧୧
(ରବିନାରାୟଣ ଜେନା)

ଓଡ଼ିଶାକୁ କିଭଳି ଦେଶର ସବୁଠାରୁ ଅଗ୍ରଣୀ ରାଜ୍ୟରେ ପରିଗଣିତ କରାଯାଇପାରିବ ତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ୟମ ଚଳାଇଛନ୍ତି। ଏପରି କି ରବିବାର ମଧ୍ୟ ଲୋକସେବାଭବନରେ ବସି ସରକାରୀ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି। ଆଶା ରହିଛି ୨୦୩୬ରେ ଓଡ଼ିଶା ଯେତେବେଳେ ତା'ର ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ କରିବ, ସେତେବେଳକୁ ଏକ ସମୃଦ୍ଧ ଓ ଶକ୍ତିଶାଳୀ ରାଜ୍ୟ ରୂପେ ଦେଶରେ ଉଭା ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟର ଆର୍ଥିକ ସ୍ଥିତାବସ୍ଥା ନେଇ ଏକ ରିପୋର୍ଟ ଜାରି ହୋଇଛି; ଯେଉଁଥିରେ ଓଡ଼ିଶାର ବିକାଶ ଏବେ ତ୍ୱରାନ୍ୱିତ ହେଉଥିବା ଜଣାଯାଇଛି। ଗତ ୧୦ବର୍ଷ ମଧ୍ୟରେ ଜାତୀୟ ଅଭିବୃଦ୍ଧି ହାର ଯାହା ରହିଛି, ତାହାଠାରୁ ଓଡ଼ିଶାର ଅଭିବୃଦ୍ଧି ହାର ୨.୨୦ % ଅଧିକ ରହିଛି ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

ଅର୍ଥ ବିଭାଗ ପକ୍ଷରୁ ନଭେମ୍ବର ୨୦ରେ ଜାରି ଅର୍ଥନୀତି ଚିତ୍ରପଟର ତଥ୍ୟ ଅନୁଯାୟୀ, ଗତ ୧୦ବର୍ଷ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ହାର ୭.୭୪% ରହିଛି, ଯାହା କି ଜାତୀୟସ୍ତରରେ ଏହି ହାର ୫.୫୪% ରହିଛି। କୋଭିଡ୍ ସମୟ(୨୦୨୦-୨୧)ରେ ଓଡ଼ିଶାର ଅର୍ଥନୀତି ତଥା ରାଜ୍ୟର ସାମୂହିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୨.୧ପ୍ରତିଶତ ସଙ୍କୁଚିତ ହୋଇଥିବାବେଳେ ସର୍ବଭାରତୀୟସ୍ତରରେ ଏହା ୬.୬% ସଙ୍କୁଚିତ ହୋଇଥିଲା। ସେହିପରି ୨୦୨୧-୨୨ରେ ଏହା ରାଜ୍ୟରେ ୧୬.୪ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ଜାତୀୟସ୍ତରରେ ମାତ୍ର ୭ପ୍ରତିଶତ ରହିଛି ବୋଲି ଅର୍ଥ ବିଭାଗ ପକ୍ଷରୁ ଗ୍ରୋଥ୍ ଇନ୍ ଓଡ଼ିଶା ଅର୍ଥନୀତି ବନାମ ଜାତୀୟ ଅର୍ଥନୀତିରେ ଦର୍ଶାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ ରାଜ୍ୟର ସାମୂହିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୯.୪୯ ଲକ୍ଷ କୋଟି ଟଙ୍କା ରହିଥିଲା, ଯାହା କି ୧୧୫ ବିଲିୟନ ଆମେରିକୀୟ ଡଲାର ସହିତ ସମାନ। ତେବେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ୧୯% ପ୍ରତିଶତ ଜିଏସ୍‌ଡିପି ମିଳିଥିବାବେଳେ ଶିଳ୍ପ କ୍ଷେତ୍ରରୁ ସର୍ବାଧିକ ୪୪% ପ୍ରତିଶତ ଏବଂ ସେବା କ୍ଷେତ୍ରରୁ ୩୭% ମିଳୁଛି। ସେହିପରି ଗତ ୭ବର୍ଷ ମଧ୍ୟରେ ରାଜ୍ୟର ହାରାହାରି ଅର୍ଥନୈତିକ ଅଭିବୃଦ୍ଧି ହାର ୮ପ୍ରତିଶତ ରହିଛି। ତେବେ ୨୦୧୫-୧୬ ଆର୍ଥିକବର୍ଷରେ ଓଡ଼ିଶାର ଜିଏସ୍‌ଡିପି ହାର ୮.୦୦ ରହିଥିବାବେଳେ ୨୦୨୦-୨୧ରେ ଏହା ଖସି ବିଯୁକ୍ତ(-)୬.୬୦ପ୍ରତିଶତ ହୋଇଥିଲା। ମାତ୍ର ୨୦୨୦-୨୧ ପରେ ଏହା ଏକାଥରକେ ୬.୯୯ ପ୍ରତିଶତକୁ ଉଠି ସେବେଠାରୁ ଏହି ହାର ବଜାୟ ରହିଛି।

ସୂଚନାଯୋଗ୍ୟ, ରାଜ୍ୟରେ ପୁଞ୍ଜିବିନିଯୋଗ ପାଇଁ ସରକାରଙ୍କ ପକ୍ଷରୁ ଶିଳ୍ପନୀତିରେ ସଂସ୍କାର ଅଣାଯିବା ସହିତ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନକୁ ଗୁରୁତ୍ୱ ଦିଆଯାଉଛି; ଯେଉଁଥିପାଇଁ ଗତ ଦଶନ୍ଧି ତଳେ ରାଜ୍ୟରୁ ମୁହଁ ଫେରାଇଥିବା ପୋସ୍‌କୋ ଏବେ ଓଡ଼ିଶାମୁହାଁ ହୋଇଛି। ରାଜ୍ୟ ସରକାରଙ୍କ ଶିଳ୍ପ ମହାକୁମ୍ଭରେ ୧୦ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବକୁ ବାସ୍ତବରେ କାର୍ଯ୍ୟକାରୀ କରିବା ଲାଗି ସରକାରୀ ଉଦ୍ୟମ ଜାରି ରହିଥିବାବେଳେ ଅର୍ଥ ବିଭାଗର ଏହି ସକାରାତ୍ମକ ରିପୋର୍ଟ ସରକାରଙ୍କ ମନୋବଳ ବୃଦ୍ଧି କରିବ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୯୬% ଅଭିଯୋଗର ସମାଧାନ ସରିଲାଣି

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୫ତମ ପାଳି ସୋମବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗକୁ ସିଧାସଳଖ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କ ମନ୍ତ୍ରିମଣ୍ଡଳର ୮ ବରିଷ୍ଠ ସଦସ୍ୟ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗତ ୧୪ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨,୯୫୦ଟି ଅଭିଯୋଗ ମଧ୍ୟରୁ ୧୨,୩୭୧ଟିର ସମାଧାନ କରାଯାଇଛି, ଯାହା ଶତକଡ଼ା ୯୬% ଅଟେ। ଏହାଛଡ଼ା ଆସିଥିବା ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି।

ମୁଖ୍ୟମନ୍ତ୍ରୀ ସକାଳେ ଆସି ପ୍ରଥମରୁ ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବିଷୟରେ ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ। ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ଲୋକଙ୍କ ସରକାର। ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ ପାଇଁ ସେମାନେ ବଦ୍ଧପରିକର। ଜିଲାସ୍ତରରେ ମଧ୍ୟ ନିୟମିତ ଭାବେ ଜିଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲାସ୍ତରରେ ଆସୁଥିବା ଅଭିଯୋଗଗୁଡ଼ିକୁ ସେଠାରେ ସମାଧାନ କରିବା ପାଇଁ ଜିଲାପାଳ ଓ ଏସ୍‌ପିମାନଙ୍କୁ ଗତ ଜିଲାପାଳ ଓ ଏସ୍‌ପି ସମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଅଧିକାଂଶ ସମସ୍ୟା ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ। ଲୋକଙ୍କୁ ସେମାନଙ୍କ ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ମହାପାତ୍ର, ବିଭୂତି ଭୂଷଣ ଜେନା, ପ୍ରଦୀପ ବଳ ସାମନ୍ତ ଏବଂ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହାସହ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଛନ୍ତି।

# ଓଟିଇଟି ଆବେଦନ ଅବଧି ୨୭ ଯାଏ ବଢ଼ିଲା

କଟକ,୨୪।୧୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ନିମନ୍ତେ ଆବେଦନର ଶେଷ ତାରିଖ ନଭେମ୍ବର ୨୭ ଯାଏ ବଢ଼ାଇ ଦିଆଯାଇଛି। ଏହାବାଦ ଆଉ ଅବଧି ବଢ଼ାଯିବ ନାହିଁ। ଏ ନେଇ ବୋର୍ଡ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଆବେଦନର ଶେଷ ତାରିଖ ନଭେମ୍ବର ୨୫ ଥିଲା।

ସୂଚନା ଯୋଗ୍ୟ ଯେ, ଚାକିରି କରିଥିବା ବା ନୂତନ ପ୍ରାର୍ଥୀଙ୍କ ନିମନ୍ତେ ଓଟିଇଟି ଆସନ୍ତା ଡିସେମ୍ବର ୧୭ ତାରିଖରେ ଦୁଇଟି ପର୍ଯ୍ୟାୟରେ ହେବ। ଏଥିପାଇଁ ଆଡମିଟ କାର୍ଡ ଡିସେମ୍ବର ୧୦ ତାରିଖରୁ ଉପଲବ୍ଧ ହେବ।

**ଆଜିର ସମ୍ପାଦକୀୟ**

**ଜାତୀୟ ସ୍ୱାର୍ଥ ତ୍ୟାଗ**

# ପରଲୋକରେ ହି-ମ୍ୟାନ୍

ମୁମ୍ବାଇ,୨୪।୧୧

ବଲିଉଡ୍‌ର ହି-ମ୍ୟାନ୍ ଭାବେ ପରିଚିତ ସବୁଠୁ ଲୋକପ୍ରିୟ ଅଭିନେତା ଧର୍ମେନ୍ଦ୍ରଙ୍କର ସୋମବାର ଜୁହୁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଦୀର୍ଘ ୬୫ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ଧର୍ମେନ୍ଦ୍ର ପ୍ରାୟ ୩୦୦ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ପରଲୋକରେ ବଲିଉଡ୍ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।



ଧର୍ମେନ୍ଦ୍ର: ୧୯୩୫-୨୦୨୫

ଏହି ବର୍ଷୀୟାନ ଅଭିନେତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଧର୍ମେନ୍ଦ୍ରଙ୍କ ପରଲୋକରେ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ଘଟିଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ମୁମ୍ବାଇର ପଓ୍ୱନହଂସ ଶ୍ମଶାନରେ ପରିବାର

## ■ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ଘଟିଲା: ପ୍ରଧାନମନ୍ତ୍ରୀ

ସଦସ୍ୟମାନଙ୍କ ଉପସ୍ଥିତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେଠାରେ ସ୍ତ୍ରୀ ତଥା ଅଭିନେତ୍ରୀ ହେମାମାଳିନୀ, ଝିଅ ଈଶା ଦେଓଲ, ଆମିର ଖାନ୍, ଅମିତାଭ ବଚ୍ଚନ, ଅଭିଷେକ ବଚ୍ଚନ, ସଲମାନ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ବଲିଉଡ୍ ଜଗତର ବହୁ ଅଭିନେତା ଓ ଅଭିନେତ୍ରୀ ଉପସ୍ଥିତ ରହି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ।

ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ଗତ ମାସରେ ଧର୍ମେନ୍ଦ୍ରଙ୍କୁ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ସେ ଘରକୁ ଫେରିବାର ୧୨ ଦିନ ପରେ ଦେହାନ୍ତ ଘଟିଛି। ଡିସେମ୍ବର ୮ରେ ଧର୍ମେନ୍ଦ୍ର ତାଙ୍କର ୯୦ତମ ଜନ୍ମଦିନ ପାଳନ କରିଥାନ୍ତେ। ୧୯୩୫ରେ ପଞ୍ଜାବର ଲୁଧିଆନାରେ ଜନ୍ମିତ ଧର୍ମେନ୍ଦ୍ର ୧୯୬୦ରେ 'ଦିଲ୍ ଭି ତେରା ହମ୍ ଭି ତେରି' ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଆଇଏସ୍‌ଡି ପକ୍ଷରୁ ୮ମ ରାଜ୍ୟସ୍ତରୀୟ ୟୁଥ୍ କନ୍‌ଭେନ୍‌ଶନ୍, ସ୍ଥାନ: ଜିକେସିଏମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ଗଣ ବିକ୍ଷୋଭ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଉପଲକ୍ଷେ ସ୍ମାରକୀ ବକ୍ତୃତା ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପୁରୁଣା ବସ୍‌ଷ୍ଟାଣ୍ଡ ୟୁନିଟ୍ ୨ ବ୍ୟବସାୟୀ ସଂଘ ପକ୍ଷରୁ ସମ୍ପାଦକ ଭଗବାନ ଜେନାଙ୍କୁ ଶ୍ରଦ୍ଧାଞ୍ଜଳୀ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ୟୁନିଟ୍ ୨, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟକାର ବିଜୟ ମିଶ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ: ସ୍ଥାନ: ମୋହନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ନୂଆପାଟଣା ନୋଡାଲ ଉପ୍ରା ବିଦ୍ୟାଳୟ, ତିଗିରିଆ, ସମୟ: ସକାଳ ୮ଟା।
- ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ବଡ଼ବାରସିଂ ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା।

### ଖୋର୍ଦ୍ଧା
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁମାରବସ୍ତ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର
- ଏକତା ପଦଯାତ୍ରା, ସ୍ଥାନ: ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୮ଟା।
- ବାଲେଶ୍ୱର ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

### ଭଦ୍ରକ
- ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

### ମୟୂରଭଞ୍ଜ
- ଜୋନ୍‌ସ୍ତରୀୟ ବିଜ୍ଞାନ ମେଳା ଏବଂ ଭଲିବଲ ପ୍ରତିଯୋଗିତା, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସର, ମୋରଡ଼ା, ସମୟ: ପୂର୍ବାହ୍ନ୧୦ଟା।
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବିନୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟ, ରାସଗୋବିନ୍ଦପୁର,ସମୟ:ପୂର୍ବାହ୍ନ ୧୧ଟା।
- ବହୁଭାଷୀ ନାଟକ ମହୋତ୍ସବ,ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

### କେନ୍ଦୁଝର
- ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ଶିବିର, ସ୍ଥାନ: ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ହରିବଂଶ ପାଠ, ସ୍ଥାନ :ଶାଳନିଆଁ , ହାଟଡିହୀ, ସମୟ : ସକାଳ ୬ଟା ଏବଂ ସନ୍ଧ୍ୟା ୫ ଟା।
- ଜିଲା ଆଥଲେଟମିଟ୍ ପ୍ରସ୍ତୁତି ଉତ୍ସବ ଏବଂ ବୈଠକ, ସ୍ଥାନ : ସୁନ୍ଦରାପାଳ ହାଟଡିହୀ, ସମୟ : ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ବେଦ ପାଠାଶାଳା ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଫାଷ୍ଟ ଗେଟ, ସମୟ: ସକାଳ ୮ଟା।
- ଯକ୍ଷ୍ମା ରୋଗୀଙ୍କୁ କିଟ୍ ବଣ୍ଟନ, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାରତ ଏକତା ନେଇ ପଦଯାତ୍ରା, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

### ଗଞ୍ଜାମ
- ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ମିନି ଷ୍ଟାଡିୟମ,ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ, ଗଞ୍ଜାମ, ସମୟ : ସକାଳ ୯ ଟା।
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପରାଙ୍କୁଶ ବିଦ୍ୟାପୀଠ ଖେଳ ପଡିଆ, ସାମନ୍ତିଆପଲ୍ଲୀ, ପାତ୍ରପୁର, ସମୟ: ସକାଳ ୯ ଟା।
- ବ୍ଲକ ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### କନ୍ଧମାଳ
- ଦାରିଙ୍ଗବାଡ଼ି ପଞ୍ଚାୟତସ୍ତରୀୟ ଏକାଭିମୁଖୀତା ମେଳା, ସ୍ଥାନ: ସିଆଙ୍ଗବାଲି ପଞ୍ଚାୟତ ଭଲିବଲ ପଡ଼ିଆ, ସମୟ: ୧୦ ଟା।

### ଜଗତ୍‌ସିଂହପୁର
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।
- ଆନ୍ତର୍ଜାତିକ ମହିଳା ବିରୋଧୀ ହିଂସାଦିବସ ଉପଲକ୍ଷେ ଆଲୋଚନା ସଭା, ସ୍ଥାନ: ସାକ୍ଷରତା ସମିତି ପରିସର, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା
- ସଡ଼କ ସୁରକ୍ଷା ସଚେତନତା ରାଲି, ସ୍ଥାନ: ତିନିମୁହାଣୀ ପ୍ରେଟ୍ରୋଲ ପମ୍ପ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- କୁରାଳ ପଞ୍ଚମୀ ଉତ୍ସବ, ସ୍ଥାନ: ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଧର୍ମଶାଳା ବ୍ଲକ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ପୂର୍ତ୍ତି ଉପଲକ୍ଷେ ପଦଯାତ୍ରା, ସ୍ଥାନ: ନାକପୋଲ ଛକଠାରୁ କାଏମା ଖେଳପଡ଼ିଆ ପର୍ଯ୍ୟନ୍ତ, ସମୟ: ସକାଳ ୭ଟା।

### ନୟାଗଡ଼
- ଜିଲାସ୍ତରୀୟ ପଦଯାତ୍ରା, ସ୍ଥାନ:ରଣପୁର ବ୍ଲକ ପଞ୍ଚୁଦୋଳ ପଡିଆ ରଣପୁରଠାରୁ ଚମ୍ପାପେଡି ମନ୍ଦିର, ସମୟ:ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା।
- ତ୍ରିନାଥ ଠାକୁରଙ୍କ ଜନ୍ମ ଉତ୍ସବର ୩ୟ ଦିବସରେ ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ:ନୟାଗଡ ତ୍ରିନାଥ ଛକ, ସମୟ:ଅପରାହ୍ନ ୩ଟା ।
- ମଣିଭଦ୍ରା ମହାଯଜ୍ଞର ୨ୟ ଦିବସ, ସ୍ଥାନ:ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ମଣିଭଦ୍ରା କଳାପାଟ ପୀଠ, ସମୟ:ମଧ୍ୟାହ୍ନ ୧୨ରୁ ରାତି ୮ଟା ।
- ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ:ଭାପୁର ବ୍ଲକ କରବର ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ:ଭାପୁର ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ।

### ରାୟଗଡ଼ା
- ୮୧ତମ ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକ୍‌ସ୍ତରୀୟ ଚଇତି ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର
- ଲୋକ ମହୋତ୍ସବ ମଣ୍ଡେଇ ଶୁଭାରମ୍ଭ, ସ୍ଥାନ: ଉମରକୋଟ ପୋଡ଼ଗଡ ପଞ୍ଚାୟତର ଭଣ୍ଡରିଗୁଡ଼ା ଭୈରବ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା।

### କୋରାପୁଟ
- ପୌରାଞ୍ଚଳସ୍ତରୀୟ ପରବ ମଶାଲ ଶୋଭାଯାତ୍ରା, ସ୍ଥାନ: ବଲ୍ଲଭ ନାରାୟଣ ମନ୍ଦିର, ଜୟପୁର, ସମୟ: ସକାଳ ୮ଟା।
- ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟରର ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ପଟ୍ଟାଙ୍ଗି ବ୍ଲକ ଅଞ୍ଚଳ ଗସ୍ତ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- କୁରାଳ ପଞ୍ଚମୀ କାର୍ଯ୍ୟକ୍ରମ, ସ୍ଥାନ: ଗୌଡ଼ଗୁଡ଼ା, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ଭିତ୍ତିଭୂମି ବିକାଶ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ବ୍ଲକ୍‌ସ୍ତରୀୟ ପରବ ଉଦ୍‌ଯାପିତ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି,ସମୟ, ଅପରାହ୍ନ ୫ଟା।
- ଶିଳ୍ପୀ ଉନ୍ନତି ଯୋଜନା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

### ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ଏକତା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ : ରିଜର୍ଭ ପୋଲିସ ପଡିଆ, ସମୟ : ସକାଳ ୮ଟା ୩୦ ।
- ଜିଲା ପ୍ରଶାସନ ଆୟୋଜନରେ ଏକତା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ : ରିଜର୍ଭ ପୋଲିସ ପଡିଆ, ସମୟ : ସକାଳ ୮ଟା ୩୦ ।
- ଶ୍ରୀହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ କାର୍ଯ୍ୟକ୍ରମ, ସ୍ଥାନ : ବୁଦ୍ଧହିଲ ସ୍ଥିତ ହନୁମାନ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୧ଟା ।
- ଦ୍ୱିତୀୟ ବିର୍ସା ମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ପୂର୍ବାହ୍ନ ୧୧ଟା ।
- ଜିଲା ସ୍ତରୀୟ ଟାଇବାଲ ଫ୍ୟାସନ ଶୋ, ସ୍ଥାନ : ଫୋରସି ଗ୍ରାଉଣ୍ଡ, ସମୟ : ସନ୍ଧ୍ୟା ୬ଟା ।

### ରାଉରକେଲା
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ହୋମିଓପ୍ୟାଥି କଲେଜ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱୟଂଶାସିତ ମହାବିଦ୍ୟାଳୟର ୬୯ତମ ବାର୍ଷିକ ଉତ୍ସବ, ସ୍ଥାନ: ପାନପୋଷ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ଭାଷା ଓ ସାହିତ୍ୟ ସରଳୀକରଣ ଆଲୋଚନାଚକ୍ର, ସ୍ଥାନ: ଜାତୀୟ କ୍ଲବ, ପାୱାର ହାଉସ୍ ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ଆସର, ସ୍ଥାନ: ବିଶ୍ରା ଡାହାର ରୋଡ, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ପୁସ୍ତକ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

### କଳାହାଣ୍ଡି
- ଦ୍ୱି-ଦିବସୀୟ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ, ସ୍ଥାନ: ଭବାନୀପାଟଣା ସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଡ଼ଙ୍ଗର ଗଡ଼ ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ବ୍ଲକ କଲମ,ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼
- ଜିଲାସ୍ତରୀୟ କ୍ରୟ କମିଟି ବୈଠକ, ସ୍ଥାନ: ଦେବଗଡ଼ କଲେକ୍ଟୋରେଟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସାଗଯୁରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

### ନୂଆପଡ଼ା
- ଅଖଣ୍ଡ ଅଷ୍ଟପ୍ରହରୀ ନାମଯଜ୍ଞ ପୂର୍ଣ୍ଣାହୃତି,ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଝୋଲପଥର ଗାଁ, ସମୟ: ସକାଳ ୭ଟା ୧୫ ।
- କୁରାଳ (କୁମ୍ଭାର) ସମାଜ ପକ୍ଷରୁ କୁରାଳ ପୂଜା ପତାକା ଉତ୍ତୋଳନ ଓ ପୁରାଣ ପାଠ, ସ୍ଥାନ: ନୂଆପଡା ଏନଏସି ମହୁଆଭଟା ୱାର୍ଡ ନଂ.୧୩/୧୪, ସମୟ: ସକାଳ ୮ଟା ।
- ୩ୟ ଫୁଟବଲ ମହାକୁମ୍ଭ ଅଷ୍ଟମ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ, ଆର୍ଥିକ ଉନ୍ନତି ଓ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। ଭାଇ, ବନ୍ଧୁ ତଥା ପଡ଼ୋଶୀଙ୍କ ସହ ସମତାଳ ଦେଇ ଚଳିବା ପାଇଁ ଚେଷ୍ଟାକଲେ ସୁଫଳ ମିଳିପାରିବ। ସହକର୍ମୀଙ୍କ ସହ ବିଭିନ୍ନ ଆଲୋଚନାରେ ସମୟ କଟାଇବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା କାରଣରୁ ଖୁସି ରହିବେ।

**ବୃଷ**
ଦିନ ସାରା ହସଖୁସିରେ ବନ୍ଧୁ ଓ ପ୍ରିୟଜନଙ୍କ ସହ ସମୟ ଅତିବାହିତ କରିବେ। ପରିବାରରେ ବିଭିନ୍ନ ପ୍ରକାର ବ୍ୟୟ ବରାଦର ଭରଣାକରିବା ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇ ନ ପାରନ୍ତି। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ।

**ମିଥୁନ**
ଅନୁକୂଳ ଗ୍ରହ ସ୍ଥିତି ଯୋଗୁ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନବାହନ ଚାଳନା କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ର ଏବଂ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କର୍କଟ**
ବନ୍ଧୁଙ୍କ ସହ ତର୍କବିତର୍କ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ମଧ୍ୟରେ ମନ ଅଶାନ୍ତ ରହିବ। ଅପେକ୍ଷା କରିଥିବା ସରକାରୀ ସ୍ତରରୁ ଶୁଭଖବର ଶୁଣି ଖୁସି ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁମିଳନର ସୁଯୋଗ ପାଇବେ। ପାରିବାରିକ ସମସ୍ୟାକୁ ସୁଧାରିବାକୁ ଯାଇ ବନ୍ଧୁଙ୍କ ଦ୍ୱାରସ୍ଥ ହେବେ।

**ସିଂହ**
ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ସବୁ କଥାରେ ତରବର ହେଲେ ସମସ୍ୟା ସୃଷ୍ଟି ହୋଇପାରେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
କର୍ମାରମ୍ଭରେ ପ୍ରତିରୋଧ କିମ୍ବା ପ୍ରତିବନ୍ଧକ ରହିବ ନାହିଁ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବାରୁ ଭାବପ୍ରବଣତା ବୃଦ୍ଧିପାଇବ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ତୁଳା**
ନୂତନ ପରିବେଶ ଓ ପାରିପାର୍ଶ୍ୱିକ ପରିସ୍ଥିତିର ପରିବର୍ତ୍ତନ ମନକୁ ସରସ ସୁନ୍ଦର କରିଦେଇପାରେ। ପାରିବାରିକ ଜୀବନରେ ବ୍ୟତିକ୍ରମ ରହିଥିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ , ନଚେତ୍ ସମସ୍ୟା ସୃଷ୍ଟି ହୋଇପାରେ।

**ବିଛା**
ଦିନଟି ପ୍ରତ୍ୟେକ ଦୃଷ୍ଟିକୋଣରୁ ଅନୁକୂଳ ରହିବ। ଯାହା ଚାହିଁବେ ତାହା ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂରହେବା ସହ ଫଳପ୍ରଦ ଆଲୋଚନା କରିବାରେ ସମର୍ଥ ହେବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ପୂର୍ବ ସମସ୍ୟା ଦୂରେଇଯାଇଥିବାରୁ ମନ ଏକ ପ୍ରକାର ହାଲୁକା ରହିବ। କିନ୍ତୁ କର୍ମକ୍ଷେତ୍ର ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବହୁ ଦିନରୁ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟିହେବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ମକର**
ସାମୟିକ କର୍ମଜଞ୍ଜାଳରୁ ମୁକ୍ତି ମିଳିବା ହେତୁ ଦିନଟି ସ୍ୱାଭାବିକ ଭାବରେ ବିତାଇବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ଆର୍ଥିକ ଅଭିବୃଦ୍ଧି ପାଇଁ ଚେଷ୍ଟିତ ହେବା ସହ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସରକାରଙ୍କ ଦ୍ୱାରା ପରିଚାଳିତ ତୀର୍ଥଯାତ୍ରାର ସୁଯୋଗ ପାଇବା ପାଇଁ ମନ ବଳାଇବେ।

**କୁମ୍ଭ**
ଦୀର୍ଘ ସମୟରୁ ପ୍ରତୀକ୍ଷା କରି କରି ପରିଶେଷରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଆଶଙ୍କା ରହିଛି। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ର କରି ମାନସିକ ସ୍ଥିତି ଭଲ ରହିବନାହିଁ। ପରିବାରରେ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ**
ଆଜି ସ୍ୱାସ୍ଥ୍ୟ ଭଲ ରହିବା ସହ କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନାକରିବା ଭଲ। ନିଜ ଲୋକଙ୍କ ବିଶ୍ୱାସଘାତକତାରୁ ସରଳ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି।

ଆଜି ନଭେମ୍ବର ୨୫ ତାରିଖ, ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ, ମାର୍ଗଶିର ଶୁକ୍ଳପକ୍ଷର କୁରାଳ ପଞ୍ଚମୀ ମଙ୍ଗଳବାର, କୁମ୍ଭକାରମାନଙ୍କ ଉପକରଣ ସହ ଚକ୍ରଧାରୀଙ୍କ ପୂଜା। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୦୪ ଗତେ, ଘ.୦୬।୪୮ ମଧ୍ୟେ, ଘ.୦୮।୪୯ ମି. ଗତେ, ଘ. ୧୧।୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୨।୧୭ ମି. ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ

### ସ୍ୱଚ୍ଛ ବାୟୁ...

ସମ୍ଭଳରେ ପରିଣତ କରିବା ବର୍ତ୍ତମାନ ସମୟର ଆହ୍ୱାନ ପାଲଟିଛି। ସେହି ଦିଗରେ ପଦକ୍ଷେପ ନିଆଯିବା ନିତାନ୍ତ ଆବଶ୍ୟକ ବୋଲି ସୁନୀତା କହିଛନ୍ତି। ସିଏସ୍‌ଇର ଗବେଷଣାଲବ୍ଧ ତଥ୍ୟ ଆଧାରରେ ଗତ ସପ୍ତାହରେ ପ୍ରକାଶିତ ରିପୋର୍ଟ ଆଧାରରେ ସେ କହିଛନ୍ତି ଯେ, ଭାରତର କିଛି ଭାଗରେ ପ୍ରତ୍ୟେକ ଦିନ କିଛି ନା କିଛି ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ଗରିବ ଲୋକଙ୍କ ଉପରେ ଏହାର ସବୁଠାରୁ ଅଧିକ ପ୍ରଭାବ ପଡୁଛି, କିନ୍ତୁ ଏମାନେ ସେହି ଲୋକ ଯେଉଁମାନଙ୍କର ବାୟୁମଣ୍ଡଳରେ ଗ୍ରୀନ ହାଉସ୍ ଗ୍ୟାସ ଭଣ୍ଡାର ସୃଷ୍ଟିରେ ଯୋଗଦାନ ନାହିଁ। ଯୁବପିଢ଼ିଙ୍କ ଉପଲକ୍ଷେ ସେ କହିଛନ୍ତି ଯେ, ଆମେ ଯେଭଳି ସଂଗ୍ରାମ କରିଛୁ ତୁମମାନଙ୍କୁ ସେଭଳି କରିବାକୁ ପଡିବ ନାହିଁ। କେବଳ ନୂଆ ଆଇଡିଆକୁ ବାସ୍ତବତାରେ ପରିଣତ କରିବା ଦିଗରେ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରିବ ବୋଲି ସେ ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ କୋଲକାତାରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିଶନର ଡ. ଆଣ୍ଡ୍ରୁ ଫ୍ଲେମିଙ୍ଗ ଯୋଗଦେଇ କହିଲେ, ଆଜିର ଯୁବପିଢ଼ି ମାନବ ଇତିହାସର ସବୁଠାରୁ ପ୍ରଭାବଶାଳୀ। ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିଲେ ହେଁ ଏହାର ସମାଧାନ ପାଇଁ ମଧ୍ୟ ସେମାନେ ଆଗେଇ ଆସୁଛନ୍ତି। ସେମାନଙ୍କର ନିରନ୍ତର ପ୍ରଚେଷ୍ଟା, କାର୍ଯ୍ୟ ପ୍ରତି ଦୃଢ ପ୍ରତିବଦ୍ଧତା ଭବିଷ୍ୟତ ପିଢ଼ି ପାଇଁ ଆଶା ପ୍ରକାଶ କରୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଓଡ଼ିଶାର ଅଧିକାଂଶ ଅଞ୍ଚଳ ତୀବ୍ରଭାବେ ପ୍ରଭାବିତ ହେଉଛି। ଏଭଳି ସ୍ଥଳେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବା ପାଇଁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ପ୍ରୟାସକୁ ଡ. ଫ୍ଲେମିଙ୍ଗ୍ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ବନ୍ୟପ୍ରାଣୀ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଯୋଗଦେଇ ଆମକୁ ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷା ନେଇ ଆଗେଇ ଆସିବା ଉଚିତ୍ ବୋଲି କହିଥିଲେ। ଏଥିସହିତ ଗ୍ରେଟ୍ର ଆଡ୍‌ଜୁଟାଣ୍ଟ ଷ୍ଟୋର୍କ (ସ୍ଥାନୀୟ ଭାଷାରେ 'ହର୍ଗିଲା' ପକ୍ଷୀ ଭାବେ ଜଣାଶୁଣା)ର ସଂରକ୍ଷଣ ଆରମ୍ଭ ସମୟରେ ତାଙ୍କୁ କିଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା ସେ ବିଷୟରେ ବର୍ଣ୍ଣନା କରିଥିଲେ। 'ହର୍ଗିଲା' ପକ୍ଷୀକୁ ପ୍ରଥମେ ଅଶୁଭ ଭାବେ ବିବେଚନା କରାଯାଉଥିଲା। ଏପରିକି ପକ୍ଷୀମାନେ ଯେଉଁ ଗଛରେ ରହିବା ପାଇଁ ଚେଷ୍ଟା କରୁଥିଲେ ଲୋକମାନେ ସେହି ଗଛକୁ କାଟି ଦେଉଥିଲେ। ୨୦୦୭ ମସିହାରେ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ମୁଁ ଅଣ୍ଟା ଭିଡିଥିଲି। ଦିନେ ମତେ ଗୋଟିଏ ଗାଁରୁ ଏକ ଫୋନ୍ କଲ୍ ଆସିଥିଲା। ଜଣେ ବ୍ୟକ୍ତିଙ୍କ ଘରପାଖ ଗଛରେ ହର୍ଗିଲା ପକ୍ଷୀ ବସା ବାନ୍ଧି ଥିବାରୁ ବ୍ୟକ୍ତି ଜଣକ ସେହି ଗଛକୁ କାଟିବାକୁ ଯାଉଥିଲେ। ଖବର ପାଇବା ପରେ ମୁଁ ସେଠାକୁ ଯାଇ ତାଙ୍କୁ ଅଟକାଇ ଥିଲି। ସେମାନେ ଏହି ପକ୍ଷୀକୁ ଅଶୁଭ କହିବା ସହିତ ତାହାର ବଞ୍ଚିବାର ଅଧିକାର ନାହିଁ ବୋଲି କହିଥିଲେ। ଏପରିକି ଘଟଣାରୁ ଦୂରେଇ ରହିବା ପାଇଁ ମତେ ମଧ୍ୟ ଗାଳି, ଧମକ ଦେଇଥିଲେ। ସେହି ଦିନଠାରୁ ମୁଁ ଲୋକଙ୍କ ମନରେ ହର୍ଗିଲା ପକ୍ଷୀକୁ ନେଇ ରହିଥିବା ଭ୍ରାନ୍ତ ଧାରଣା ଦୂରେଇବା ପାଇଁ ଚେଷ୍ଟା ଆରମ୍ଭ କରିଥିଲି। ଏହି ଘଟଣା ମୋ ଜୀବନର ମୋଡ ପରିବର୍ତ୍ତନ କରିଥିଲା। ଏହାପରେ ମହିଳାମାନଙ୍କୁ ନେଇ ଏହି ପକ୍ଷୀଙ୍କ ସୁରକ୍ଷା ଦିଗରେ କାମ କରିବା ପାଇଁ ଚେଷ୍ଟା କରିଥିଲି। ପ୍ରଥମେ ଏହାକୁ କେହି ଗ୍ରହଣ କରି ନଥିଲେ, ମାତ୍ର ପରେ ଆମର ପ୍ରୟାସକୁ ସମର୍ଥନ ମିଳିଥିଲା। ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ହେଲାଣି। ବର୍ତ୍ତମାନ ୨୦ହଜାର ମହିଳାଙ୍କୁ ନେଇ 'ହର୍ଗିଲା ଆର୍ମି' ଗଠନ କରାଯାଇଛି। ଏମାନେ ପକ୍ଷୀ ବସା ବାନ୍ଧିଥିବା ଗଛଗୁଡ଼ିକୁ ସୁରକ୍ଷା ଦେବା ସହ ଆର୍ଦ୍ରଭୂମି ବାସସ୍ଥାନର ପୁନରୁଦ୍ଧାର ଏବଂ ସଂରକ୍ଷଣ କରିବା ନେଇ କାମ କରୁଛନ୍ତି। ହର୍ଗିଲା ଭଳି ଅଣଦେଖା କରାଯାଉଥିବା ଅନ୍ୟ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଆମେ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ପୂର୍ଣ୍ଣିମା କହିଥିଲେ।

ପ୍ରାରମ୍ଭରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଇ କହିଲେ, 'କ୍ଲାଇମେଣ୍ଟ ଗ୍ରାଣ୍ଟ' ପ୍ରୟାସ ତୃଣମୂଳସ୍ତରରେ ପରିବେଶ ପାଇଁ କାମ କରୁଥିବା ବ୍ୟକ୍ତିଙ୍କୁ ସହଯୋଗ ଦେବା ସହ ସେମାନଙ୍କୁ ସେମାନଙ୍କ କମ୍ୟୁନିଟିରେ ଯଥୋଚିତ ସ୍ୱୀକୃତି ଦେବା ପାଇଁ ଆରମ୍ଭ କରାଯାଇଛି। ଗ୍ରାଣ୍ଟ ମାଧ୍ୟମରେ ଯୁବ ପରିବେଶକର୍ମୀମାନେ କେବଳ ପରିଚିତି ଲାଭ କରୁନାହାନ୍ତି, ବରଂ ଅଧିକ ସାଧନ ମଧ୍ୟ ପାଉଛନ୍ତି ବୋଲି ଆଦ୍ୟାଶା ମତ ରଖିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଲେ, ଗତ କିଛି ବର୍ଷ ହେବ 'ଧରିତ୍ରୀ' ଓ 'ଓଡିଶା ପୋଷ୍ଟ' ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାମ କରୁଛି। ସେହିପରି ପ୍ରତ୍ୟେକ ଲୋକ ଚାହିଁଲେ ପରିବେଶ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବେ। ସଂସାରରୁ ଯିବାବେଳେ ଆମେ କିଛି ନେବାନି ମାତ୍ର ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରିବା, ଯାହାକି ଆଗାମୀ ପିଢ଼ିକୁ ସାହାଯ୍ୟ କରିବ। ସୁନ୍ଦର, ସବୁଜ ପୃଥିବୀ ନିର୍ମାଣ ପାଇଁ ଆମେ କାମ କରୁଛୁ, ଆଗକୁ ମଧ୍ୟ କାମ କରିବୁ। ସେହିପରି ଯୁବପିଢ଼ି ପରିବେଶ ପ୍ରତି ସଚେତନ ହେବା ନିତାନ୍ତ ଦରକାର ବୋଲି ତଥାଗତ କହିଥିଲେ।

ସମ୍ମିଳନୀ ଅବସରରେ ଝାଡଖଣ୍ଡର ପରିବେଶକର୍ମୀ ପଦ୍ମଶ୍ରୀ ଚାମୀ ମୁର୍ମୁଙ୍କୁ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ପୁରସ୍କାରର ପ୍ରତି ଉତ୍ତରରେ ଚାମୀ ନିଜର ୩୮ ବର୍ଷର ସଂଘର୍ଷମୟ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ତାଙ୍କ ଅଞ୍ଚଳରେ ଅନେକ ବନ୍ଧ୍ୟା ଜମି ରହିଥିଲା। ତେଣୁ ସେଠାରେ କିପରି ଗଛ ଲଗାଇ ସବୁଜ ବନାନୀ ସୃଷ୍ଟି ହେବ ସେ ନେଇ ଆଖପାଖ ଗାଁର ଲୋକଙ୍କୁ ଏହି କାର୍ଯ୍ୟରେ ସାମିଲ କରିଥିଲେ। ଗଛ ଲଗାଇ କିପରି ତାହାର ଯତ୍ନ ନିଆଯିବ ସେ ନେଇ ଗ୍ରାମର କିଛି ମହିଳା ୧ମାସ ଶ୍ରମିକ ଭାବେ କାମ କରିଥିଲେ। କାମ ଶିଖିବା ପରେ ନର୍ସରି ଆରମ୍ଭ କରିଥିଲେ। ପରେ 'ସହଯୋଗୀ ମହିଳା' ନାମରେ ଏକ ସଂଗଠନ ଗଢି ଚାରାରୋପଣ ଆରମ୍ଭ କରିଥିଲେ। ଏଥିସହିତ ମହିଳାଙ୍କୁ କିଭଳି ଏହି କାମରେ ସାମିଲ କରିବା ସହ ରୋଜଗାରକ୍ଷମ କରାଯାଇ ପାରିବ ସେ ନେଇ କାମ କରିଥିଲେ। ବର୍ତ୍ତମାନ ସଂଗଠନ ସହଯୋଗରେ ଚାରାରୋପଣ କରାଯିବା ସହିତ ସବୁଜ ବନାନୀ ସୃଷ୍ଟି କରାଯାଉଛି ବୋଲି ପଦ୍ମଶ୍ରୀ ମୁର୍ମୁ କହିଥିଲେ।

### ପରଲୋକରେ...

ଚଳଚ୍ଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ୬୦ ଦଶନ୍ଧିରେ ଜଣେ ସାଧାରଣ ବ୍ୟକ୍ତି ଭାବେ ସେ ଅନପଢ଼, ବନ୍ଦିନୀ, ଅନୁପମା ଏବଂ ଆୟା ସାୱନ ଝୁମ୍ କେ ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପରେ ଶୋଲେ, ଧରମବୀର, ଚୁପ୍‌କେ, ମେରା ଗାଁଓ ମେରା ଦେଶ ଏବଂ ଡ୍ରିମ୍‌ଗର୍ଲ ଭଳି ଚଳଚ୍ଚିତ୍ରରେ ସେ ପ୍ରମୁଖ ଭୂମିକା ନିଭାଇଥିଲେ। ଶେଷଥର ପାଇଁ ତାଙ୍କୁ ଶାହିଦ କପୁର ଏବଂ କ୍ରିତି ସାନନ୍ ଅଭିନୀତ 'ତେରି ବାତୋଁ ମେଁ ଐସା ଉଲଝା ଜିୟା' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ଇକ୍କିସ୍ ଡିସେମ୍ବର ୨୫ରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଧର୍ମେନ୍ଦ୍ର ଚିକିତ୍ସାଧୀନ ଥିବାବେଳେ ତାଙ୍କର ପରଲୋକ ହୋଇଯାଇଥିବା ଗତ ୧୧ ତାରିଖରେ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଧର୍ମେନ୍ଦ୍ରଙ୍କ ପରିବାର ଏହାକୁ ଖଣ୍ଡନ କରିଥିଲା। ତା' ପରଦିନ ଧର୍ମେନ୍ଦ୍ର ହସ୍ପିଟାଲରୁ ଫେରି ଘରେ ଚିକିତ୍ସିତ ହୋଇଆସୁଥିଲେ। ଧର୍ମେନ୍ଦ୍ରଙ୍କର ୨ ସ୍ତ୍ରୀ ପ୍ରକାଶ କୌର, ହେମାମାଳିନୀ, ପୁଅ ସନି ଦେଓଲ, ବବି ଦେଓଲ ଏବଂ ଝିଅ ବିଜେତା, ଅଜିତା, ଇଶା ଏବଂ ଅହନା ଅଛନ୍ତି।

ଅଭିନୟ କ୍ଷେତ୍ରରେ ଅସାଧାରଣ ଦକ୍ଷତା ପ୍ରତିପାଦନ କରିଥିବା ଧର୍ମେନ୍ଦ୍ରଙ୍କୁ ଭାରତ ସରକାର ୨୦୧୨ରେ ଦେଶର ତୃତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମବିଭୂଷଣରେ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ସେ ବିଭିନ୍ନ ଚଳଚ୍ଚିତ୍ରରେ ଉଚ୍ଚକୋଟୀର ଅଭିନୟ ପାଇଁ ଏକାଧିକ ଥର ଶ୍ରେଷ୍ଠ ଅଭିନେତା ଭାବେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। ଶୋଲେ, ୟାଦୋଁ କୀ ବାରାତ, ମେରା ଗାଁଓ ମେରା ଦେଶ, ପ୍ରତିଜ୍ଞା, ଚୁପ୍‌କେ ଚୁପ୍‌କେ, ନୌକର ବିବି କା, ଫୁଲ୍ ଔର ପଥର, ସତ୍ୟକାମ୍, ଆୟେ ମିଲନ କୀ ବେଲା, ଦିଲ୍ ନେ ଫିର୍ ୟାଦ କିୟା, ଆୟେ ଦିନ୍ ବାହର କେ, ଆଖେଁ, ଆୟା ସାୱନ ଝୁମ୍‌କେ, ଜୀବନ ମୃତ୍ୟୁ, ଜୁଗ୍‌ନୁ, ଚରସ୍, ଧର୍ମବୀର, ଆଜାଦ, ଗଜବ, ଲୋହା, ହୁକୁମତ ଏବଂ ଅପ୍‌ନେ ଆଦି ବହୁ ହିଟ୍ ଚଳଚ୍ଚିତ୍ର ସେ ଦର୍ଶକମାନଙ୍କୁ ଭେଟି ଦେଇଥିଲେ। ୭୦ ଦଶକରେ ଧର୍ମେନ୍ଦ୍ର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତା ଥିଲେ। ତାଙ୍କ ପ୍ରଯୋଜନାରେ ନିର୍ମିତ ଘାୟଲ ଚଳଚ୍ଚିତ୍ର ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ପାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)

ବଲିଉଡର ହି-ମ୍ୟାନ୍ ଧର୍ମେନ୍ଦ୍ରଙ୍କର ପରଲୋକ ଘଟିଛି। ବଲିଉଡର ଏହି ବର୍ଷୀୟାନ ଅଭିନେତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ ଜରିଆରେ ଲେଖିଛନ୍ତି, କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତ ବିଷୟରେ ଜାଣି ସେ ଗଭୀର ମର୍ମାହତ। ସେ ତାଙ୍କର ବହୁମୁଖୀ ଅଭିନୟ ଏବଂ ଆକର୍ଷଣୀୟ ଉପସ୍ଥିତି ସହିତ ଦଶନ୍ଧି ଦଶନ୍ଧି ଧରି ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କର କୀର୍ତ୍ତି ପିଢ଼ି ପରେ ପିଢ଼ି କଳାକାର ଏବଂ ସିନେପ୍ରେମୀଙ୍କୁ ପ୍ରେରଣା ଦେଇ ଚାଲିବ। ତାଙ୍କ ପରିବାର, ବନ୍ଧୁ ଏବଂ ଅଗଣିତ ପ୍ରଶଂସକଙ୍କ ପ୍ରତି ମୋର ସମବେଦନା। ତାଙ୍କ ମହାନ ଆତ୍ମାକୁ ଶାନ୍ତି ମିଳୁ କହିବା ସହିତ ଓମ୍ ଶାନ୍ତି ବୋଲି ଉଲ୍ଲେଖ କରିଛନ୍ତି।


## ତୃଣମୂଳସ୍ତରର କର୍ମୀ ଓ ଏକ୍ସପର୍ଟଙ୍କୁ ଏକାଠି କରୁଛି ୟୁଥ୍ କନ୍‌କ୍ଲେଭ

ଭୁବନେଶ୍ୱର, ୨୪।୧୧ (ବନ୍ଦନା ସେଠୀ)

'ଧରିତ୍ରୀ' ଦୀର୍ଘ ସମୟ ଧରି ଜଳବାୟୁ ସମ୍ପର୍କିତ ସକାରାତ୍ମକ କାହାଣୀ ଏବଂ ପରିବେଶକର୍ମୀମାନଙ୍କ ପ୍ରୟାସକୁ ପ୍ରୋତ୍ସାହିତ କରି ଆସିଛି। ଧରିତ୍ରୀ ୟୁଥ୍ କନ୍‌କ୍ଲେଭ ତୃଣମୂଳସ୍ତରରେ କାମ କରୁଥିବା କର୍ମୀମାନଙ୍କୁ ଏକ୍ସପର୍ଟ ବା ବିଶେଷଜ୍ଞମାନଙ୍କ ସହିତ ମିଶିବାରେ ସହାୟକ ହେଉଛି। ଏଥିସହ ଯୁବପିଢ଼ିଙ୍କୁ ଏକାଠି ହେବା, ଅଭିଜ୍ଞତା ବାଣ୍ଟିବା ଏବଂ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇରେ ସହଯୋଗ କରିବା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିପାରିଛି ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ୟୁଥ୍ କନ୍‌କ୍ଲେଭ୍ ଏକ୍ସପର୍ଟ ପ୍ୟାନେଲରେ ମତ ରଖିଛନ୍ତି। ଇକୋଲୋଜିଷ୍ଟ ତଥା ଦକ୍ଷିନ୍ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା କାର୍ତ୍ତିକ ଶଙ୍କର ଓଡ଼ିଶାରେ ପରିବେଶଗତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଅଲିଭ୍ ରିଡ୍‌ଲେ କଇଁଛଙ୍କ ପାଇଁ ଏକ ପ୍ରମୁଖ ବାସସ୍ଥଳୀ ଭାବେ ଓଡ଼ିଶାର ଭୂମିକା ରହିଛି। ସେହିପରି ଚଳିତ ବର୍ଷ ୧୦ଲକ୍ଷରୁ ଅଧିକ କଇଁଛ ବସା ବାନ୍ଧିଥିବା ନିହାତି ପକ୍ଷେ ଉତ୍ସାହଜନକ ବିଷୟ ବୋଲି କାର୍ତ୍ତିକ କହିଥିଲେ। ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ତଥା ଓଡ଼ିଶା ଲୋକାୟୁକ୍ତର ପୂର୍ବତନ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ଜଙ୍ଗଲ ସମ୍ପଦ କ୍ଷୟ ଉପରେ ଚିନ୍ତା ପ୍ରକଟ କରିଥିଲେ। ଦିନକୁ ଦିନ ଖଣି ଖନନ ବଢୁଛି। ଏହା ଓଡ଼ିଶାର ଅଭିବୃଦ୍ଧି ପାଇଁ ଠିକ୍, ମାତ୍ର ପରିସ୍ଥିତି ଅନୁକୂଳ ନୁହେଁ। ସେହିପରି ରାଜ୍ୟରେ ହାତୀ ସଂଖ୍ୟା କମୁଥିବାବେଳେ ହାତୀ-ମଣିଷ ସଂଘର୍ଷରେ ପ୍ରତିବର୍ଷ ୧୨୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିବା ଡ. ସ୍ୱାଇଁ କହିଥିଲେ। ସିଓ୍ୱାଇସିଏନ୍ ଭିସି, ପାର୍ଟନରଶିପ୍‌ସ ଆଣ୍ଡ୍ ଷ୍ଟେକ୍ ହୋଲ୍ଡର୍ସ ମିତ୍ ସିଜରିଆ ସହରାଞ୍ଚଳ ଯୁବପିଢ଼ି ଏବଂ ତୃଣମୂଳସ୍ତରରେ ଥିବା ଲୋକଙ୍କ ମଧ୍ୟରେ ସଚେତନତାର ପାର୍ଥକ୍ୟକୁ ଆଲୋକପାତ କରିଥିଲେ। ଜଳବାୟୁ ପ୍ରସଙ୍ଗରେ ଗଭୀର ବୁଝାମଣା ଏବଂ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବାରେ ୟୁଥ୍ କନ୍‌କ୍ଲେଭ ଭଳି ପ୍ଲାଟଫର୍ମର ଗୁରୁତ୍ୱ ରହିଥିବା ସେ ମତ ରଖିଥିଲେ। ପରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୯ଜଣ ୟୁଥ୍ ସ୍ପିକର ଯଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସତ୍ୟଜିତ୍ ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ଆଲିଶା ନାଜ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଜ୍ଞା ପରମିତା ଜେନା, ପିଏନ୍ ଅଟୋନୋମସ୍ କଲେଜର ଅନିନ୍ଦିତା ରଣସିଂହ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ତପନ କୁମାର ଦାସ, ଏନ୍ଏଲ୍‌ୟୁଓର ସୌମ୍ୟରଞ୍ଜନ ଦୀକ୍ଷିତ୍, ଏମ୍‌ସର ଆଦିତ୍ୟ ମଣ୍ଡଳ, କିଟ୍‌ର ସଞ୍ଜୀବନ ଭୂୟାଁ ଏବଂ ଓୟୁଏଟିର ଆଦିତ୍ୟ ଶତପଥୀ ପରିବେଶ ସୁରକ୍ଷାକୁ ନେଇ ସେମାନଙ୍କର ମତାମତ ରଖିଥିଲେ।

**ଫେବୃଆରୀ ୩ୟ ସପ୍ତାହରେ ଯୁକ୍ତ୨ ପରୀକ୍ଷା**
**ଫର୍ମ ପୂରଣ କଲେ ୪ ଲକ୍ଷ ଛାତ୍ରୀଛାତ୍ର**

**ଭୁବନେଶ୍ୱର,(ସୁଚିସ୍ମିତା ସାହୁ):** ଫେବୃଆରୀ ତୃତୀୟ ସପ୍ତାହରୁ ଯୁକ୍ତ୨ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୪ଲକ୍ଷ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। କଳା ବର୍ଗରେ ସର୍ବାଧିକ ୨ଲକ୍ଷ ୫୪ହଜାର ୩୨୬ ଜଣ ଫର୍ମ ପୂରଣ କରିଛନ୍ତି। ବିଜ୍ଞାନରେ ୧ଲକ୍ଷ ୧୪ ହଜାର, ବାଣିଜ୍ୟରେ ୨୪ହଜାର ୩୬୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୮୭ଜଣ ପିଲା ଫର୍ମ ପୂରଣ କରିଛନ୍ତି। ୩ଲକ୍ଷ ୭୩ହଜାର ୯୧୦ ଜଣ ରେଗୁଲାର୍ ଏବଂ ୨୪ ହଜାର ୬୭୨ ଜଣ ଏକ୍ସ-ରେଗୁଲାର୍ ଛାତ୍ରୀଛାତ୍ର ଫର୍ମପୂରଣ କରିଛନ୍ତି। ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଡିସେମ୍ବର ୨୨ରୁ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହେବ। ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ରୁ ୨୫ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ।




# ଅଧାଗଢ଼ା ୧.୮୮ଲକ୍ଷ ଘର ଡିସେମ୍ବର ସୁଦ୍ଧା ଶେଷକର

## ସବୁ ଜିଲାପାଳଙ୍କୁ ଟାର୍ଗେଟ୍ ଦେଲେ ସରକାର

ଭୁବନେଶ୍ୱର,୨୪।୧୧
(ରବିନାରାୟଣ ଜେନା)

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପ୍ରଦାନ କରାଯାଇଥିବା ଲକ୍ଷାଧିକ ଘର ଏବେ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଫଳରେ ସରକାର ଗରିବ ଓ ଅସହାୟଙ୍କ ପାଇଁ କରିଥିବା ଆବାସ ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇପାରୁ ନାହିଁ। ଏହାକୁ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନଭେମ୍ବର ୨୦ରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସବୁ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ପିଏମ୍ଏୱାଇଜିରେ ମାତ୍ର ୧ଲକ୍ଷ ୧୪ହଜାର ୩୫୭ ଘର ସମ୍ପୂର୍ଣ୍ଣ ହୋଇଛି। ୩ଲକ୍ଷ ୨୬ହଜାର ୫୮୨ ଘର ଏବେ ଅଧାପନ୍ତରିଆ ରହିଛି। ବଡ଼କଥା ହେଲା ଏହି ଅଧାପନ୍ତରିଆ ଘର ମଧ୍ୟରୁ ୧ଲକ୍ଷ ୩୮ହଜାର ୩୧୯ ଆବାସ ଫିଜିବିଲିଟି ନାହିଁ। ଏହି ପରିପ୍ରେକ୍ଷୀରେ ଯେଉଁ ୧ଲକ୍ଷ ୮୮ହଜାର ୨୬୩ ଅଧାପନ୍ତରିଆ ଘର ରହିଛି ତାକୁ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏନେଇ ପ୍ରକଳ୍ପ ନିର୍ଦ୍ଦେଶକ ସବୁ ଜିଲାପାଳଙ୍କୁ ଦିନିକିଆ ଟାର୍ଗେଟ ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲାପାଳଙ୍କୁ ପ୍ରତିଦିନ ୫୫ଟି ଘର ଡିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ବାଲେଶ୍ୱର ପାଇଁ ୨୦୦, ବରଗଡ଼ ପାଇଁ ୧୨୪ ଆବାସ ଦିଆଯାଇଛି। ସେହିପରି ଭଦ୍ରକ ଜିଲାପାଳଙ୍କୁ ୩୯୯, ବଲାଙ୍ଗୀରକୁ ୧୮୫, ବୌଦ୍ଧ ୧୮୩, କଟକ ୧୮, ଦେବଗଡ଼ ୧, ଢେଙ୍କାନାଳ ୭୦, ଗଜପତି ୧୧୧, ଗଞ୍ଜାମ ୪୪, ଜଗତ୍ସିଂହପୁର ୬, ଯାଜପୁର ୧୬, ଝାରସୁଗୁଡ଼ା ୨୦, କଳାହାଣ୍ଡି ୨୦୯, କେନ୍ଦ୍ରାପଡ଼ା ୧୧୯, କେନ୍ଦୁଝର ୧୭୧, ଖୋର୍ଦ୍ଧା ୧୩, କୋରାପୁଟ ୩୩୮, ମାଲକାନଗିରି ୧୫୪, ମୟୂରଭଞ୍ଜ ୯୭୨, ନବରଙ୍ଗପୁର ୨୬୧, ନୟାଗଡ଼ ୫୪, ନୂଆପଡ଼ା ୨୬୫, ପୁରୀ ୫୨, ରାୟଗଡ଼ା ୧୧୭, ସମ୍ବଲପୁର ୨୮, ସୋନପୁର ୨୮ ଏବଂ ସୁନ୍ଦରଗଡ଼ ପାଇଁ ଦୈନିକ ୧୧୫ଟି ଘର କାର୍ଯ୍ୟ ଶେଷ କରିବାକୁ ଟାର୍ଗେଟ ଦିଆଯାଇଛି।

ଡିସେମ୍ବର ସୁଦ୍ଧା ମୟୂରଭଞ୍ଜରେ ସର୍ବାଧିକ ୪୦ହଜାର ୮୨୧ ଆବାସ ଟାର୍ଗେଟ ଦିଆଯାଇଥିବାବେଳେ ଭଦ୍ରକକୁ ୧୬ ହଜାର ୭୪୨ ପକ୍କା ଘର, ନୂଆପଡ଼ାକୁ ୧୧ ହଜାର ୧୩୧, ନବରଙ୍ଗପୁରକୁ ୧୦ ହଜାର ୯୪୯, କୋରାପୁଟକୁ ୧୪ ହଜାର ୧୯୩, ବଲାଙ୍ଗୀରକୁ ୭ ହଜାର ୭୫୭, ବାଲେଶ୍ୱରକୁ ୮ ହଜାର ୪୧୦ ପକ୍କା ଘର ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।




# ହ୍ୟୁମାନଙ୍କ ମୃତ୍ୟୁକୁ ନେଇ ବଢ଼ୁଛି ରହସ୍ୟ

## 'ମୁଁ ମରିବାକୁ ଚାହେଁ 'ବୋଲି କରିଥିଲେ ମେସେଜ୍

**ଭୁବନେଶ୍ୱର/ପାଟଣାଗଡ଼,୨୪।୧୧(ସତ୍ୟଜିତ ରାଉତ/ସଚ୍ଚିଦାନନ୍ଦ ମହାକୁର):** ପ୍ରସିଦ୍ଧ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ୭ ଦିନ ବିତିଯାଇଥିବାବେଳେ ଏହାକୁ ନେଇ ବିବାଦ ଘନେଇବାରେ ଲାଗିଛି। ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି କରାଯାଇଛି। ଆଠଗଡ଼ ମହୋତ୍ସବରେ ହ୍ୟୁମାନ ଷ୍ଟେଜ୍ ଶୋ' କରିବା ବେଳର ଏକ ଭିଡିଓ ସୋମବାର ଭାଇରାଲ ହୋଇଛି। ହ୍ୟୁମାନ ଅସୁସ୍ଥ ଥିବାବେଳେ ତାଙ୍କୁ ଷ୍ଟେଜ୍‌ରେ ଗୀତ ବୋଲିବାକୁ ବାଧ କରାଯାଇଥିଲା ବୋଲି ଉକ୍ତ ଭିଡିଓରୁ ଜଣାପଡୁଛି। ଏହି ଭିଡିଓ ଲୋକଲୋଚନକୁ ଆସିବା ପରେ ହ୍ୟୁମାନଙ୍କ ମୃତ୍ୟୁକୁ ନେଇ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କିମାରିଛି।




୨୦୨୩ରେ ଆଠଗଡ଼ ମହୋତ୍ସବରେ ହଠାତ୍ ହ୍ୟୁମାନ ଅସୁସ୍ଥ ହୋଇପଡ଼ିଥିଲେ। ଉଚ୍ଚ ରକ୍ତଚାପ ଯୋଗୁ ବ୍ୟାକ୍ ଷ୍ଟେଜ୍‌ରେ ସେ ଚେତା ହରାଇ ପଡ଼ିଯାଇଥିଲେ। ତେବେ ପିଏ ଦିନେଶ ବେହେରାଙ୍କ ପାଇଁ ହ୍ୟୁମାନ ଷ୍ଟେଜ୍ ଉପରକୁ ଚଢ଼ିଥିଲେ ବୋଲି ସମସ୍ତଙ୍କୁ କହିଥିଲେ। ତେଣୁ ହ୍ୟୁମାନ ଅସୁସ୍ଥ ଥିବାବେଳେ କାହିଁକି ତାଙ୍କୁ ଗୀତ ବୋଲିବାକୁ ବାଧ କରାଯାଉଥିଲା ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷରେ ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମଙ୍କ ପାଖକୁ ଅଗଷ୍ଟ ମାସରେ ହ୍ୟୁମାନ କରିଥିବା ହୃଦୟ ବିଦାରକ ମେସେଜ୍ ସାମ୍ନାକୁ ଆସିବା ପରେ ଘଟଣା ଅଧିକ ଚର୍ଚ୍ଚା ସୃଷ୍ଟି କରିଛି। ହ୍ୟୁମାନ ବହୁ ଦୁଃଖରେ ବଞ୍ଚୁଥିଲେ ବୋଲି ସେଥିରୁ ସ୍ପଷ୍ଟ ହୋଇଛି। ଶ୍ରୀକାନ୍ତ ଏହି ଚାଟ୍ ଗଣମାଧ୍ୟମକୁ ଦେଖାଇ ଦୁଃଖପ୍ରକାଶ କରିଛନ୍ତି। ଗୌତମଙ୍କ ଷ୍ଟୁଡିଓ ରେକର୍ଡିଂକୁ ହ୍ୟୁମାନ ମନା କରିଦେଇଥିଲେ। ଶେଷ ମେସେଜ୍‌ରେ ହୃଦୟ ବିଦାରକ କଥା କହିଥିଲେ। 'ମୁଁ ଆଉ ବଞ୍ଚିବାକୁ ଚାହୁଁନାହିଁ, ମୁଁ ମରିବାକୁ ଚାହେଁ' ବୋଲି ହ୍ୟୁମାନ କହିଥିଲେ। ଏଭଳି କେଉଁ ପରିସ୍ଥିତିରେ ହ୍ୟୁମାନ କହିଥିଲେ ତାହା ରହସ୍ୟ ଘେରକୁ ଠେଲି ହୋଇଯାଇଛି। ସେପଟେ ୩ ଦିନ ତଳେ ବଲାଙ୍ଗୀର ଟାଉନ୍ ଥାନାରେ ବିଭିନ୍ନ କୋଶଳବାଦୀ ସଙ୍ଗଠନ ଅଭିଯୋଗ ଆଣି ହ୍ୟୁମାନଙ୍କ ମୃତ୍ୟୁପଛରେ ବିରାଟ ଷଡ଼ଯନ୍ତ୍ର ରହିଛି ଏବଂ ଏହାର ତଦନ୍ତ ଜରୁରୀ ବୋଲି ଦାବି କରି ତାଙ୍କର ୨ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବେହେରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଭଳି ସ୍ଥିତିରେ ସୋମବାର ପାଟଣାଗଡ଼ ଥାନାରେ ସେହି ୨ ମ୍ୟାନେଜରଙ୍କ ବିରୋଧରେ କୋଶଳ ମୁକ୍ତିମୋର୍ଚ୍ଚା ଏତଲା ଦେଇଛି। ହ୍ୟୁମାନଙ୍କୁ ଜାଣିଜାଣି ମୃତ୍ୟୁମୁଖକୁ ଠେଲି ଦିଆଯାଇଥିବା ଅଭିଯୋଗ କରାଯାଇଛି। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ କିମ୍ବା ସରକାର ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବାକୁ ଦାବି ହୋଇଛି। ସେହିପରି ଏହି ଘଟଣାର ତଦନ୍ତ କରିବା ସହ ସତ ସାମ୍ନାକୁ ଆଣିବାକୁ ଦାବି କରି ସିଭିଲ୍ ସୋସାଇଟି ଅଫ୍ ଓଡ଼ିଶା ଗୃହ ବିଭାଗର ଦ୍ୱାରସ୍ଥ ହୋଇଛି। ଯୋଜନାବଦ୍ଧ ଭାବେ ହ୍ୟୁମାନଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ଅଣାଯାଇଛି। ହ୍ୟୁମାନଙ୍କ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମ୍ୟାନେଜରଦ୍ୱୟ ଆତ୍ମସାତ୍ କରିଛନ୍ତି ବୋଲି ଅଭିଯୋଗ କରାଯାଇ ଉଚ୍ଚସ୍ତରୀୟ ତଦନ୍ତ ସହ ତାଙ୍କ ମା'ଙ୍କୁ ନ୍ୟାୟ ଦିଆଯାଉ ବୋଲି ଦାବି ହୋଇଛି।










## ଆଜିଠୁ ଧାନ କିଣା ଆରମ୍ଭ: ମନ୍ତ୍ରୀ

**ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର):** ରାଜ୍ୟରେ ମଙ୍ଗଳବାରଠାରୁ ଧାନକିଣା ଆରମ୍ଭ ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ବଳସାମନ୍ତ କହିଛନ୍ତି, ଚାଷୀଙ୍କ ପାଇଁ ମଣ୍ଡିଗୁଡ଼ିକରେ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମଣ୍ଡିରେ ଖାଦ୍ୟ, ପାନୀୟ, ଶୌଚାଳୟ ଭଳି ସବୁ ବ୍ୟବସ୍ଥା କରାଯାଇଛି। ଠିକ୍ ସମୟରେ ଗାଡ଼ି ପହଞ୍ଚାଇବା ପାଇଁ ମିଲ୍ ମାଲିକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଧାନ କିଣା ଉପରେ ନଜର ରଖିବାକୁ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କଟ୍ନି ଛଟ୍ନି ଉପରେ ରାଜ୍ୟ ସରକାର ନଜର ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଗତ ୨୦ ତାରିଖରୁ ଧାନ ସଂଗ୍ରହ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ ନେଇ ଶନିବାର ଏକ ବୈଠକ ହୋଇଥିଲା। ସେଥିରେ କରାଯାଇଥିବା ଆଲୋଚନା ମୁତାବକ, ଚଳିତ ବର୍ଷ ୩୧୩୪ଟି ସେବା ସମବାୟ ସମିତି ଓ ଲ୍ୟାମ୍ପ୍ସ ଧାନ ସଂଗ୍ରହରେ ସାମିଲ ହେବେ। ଏହାସହିତ ୧୪୧୯ କଷ୍ଟମ ମିଲର ଧାନ ସଂଗ୍ରହ କରିବେ ବୋଲି ଧାନସଂଗ୍ରହ ସମୀକ୍ଷା ବୈଠକରୁ ଜଣାଯାଇଛି।



ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା

-କୁରାଳ ପଞ୍ଚମୀ



# ଜାତୀୟ ସ୍ୱାର୍ଥ ତ୍ୟାଗ

ଜୀବାଶ୍ମ ଇନ୍ଧନ ବାୟୁମଣ୍ଡଳରେ ପ୍ରଦୂଷଣ ବୃଦ୍ଧି କରିବା ସହ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ମୁଖ୍ୟ କାରଣ ପାଲଟିଥାଏ। ଏଥିଯୋଗୁ ସବୁଜଗୃହ ବାଷ୍ପ (ଜିଏଚ୍‌ଜି) ମାତ୍ରା ବଢ଼ିଥାଏ। ଏହାକୁ କମାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ବିଶ୍ୱବ୍ୟାପୀ ଆଲୋଚନା ହେଉଛି। କିନ୍ତୁ ଦୁଃଖର ବିଷୟ ଯେ, ବ୍ରାଜିଲର ବେଲାମ୍‌ଠାରେ ନିକଟରେ ଶେଷ ହୋଇଥିବା କନ୍‌ଫରେନ୍ସ ଅଫ୍ ପାର୍ଟିଜ୍-୩୦(କପ୍ ୩୦) ଚୁକ୍ତିନାମାରୁ ଜୀବାଶ୍ମ ଇନ୍ଧନକୁ ବାଦ୍ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମଗ୍ର ପୃଥିବୀ ପ୍ରଭାବିତ ହେବ। କିନ୍ତୁ କେତୋଟି ଦେଶ ଉପରେ ଅଧିକ ପ୍ରଭାବ ଏବେଠାରୁ ଜଣାପଡ଼ିବା ଆରମ୍ଭ କଲାଣି। କ୍ଷତିଗ୍ରସ୍ତ ହେଉଥିବା ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଦିଆଯିବା ଲାଗି ସହମତି ମିଳିଥିବା ଜଣାପଡ଼ିଛି। ହେଲେ କୋଇଲା, ପେଟ୍ରୋଲିୟମ୍ ଆଦି ଜୀବାଶ୍ମ ଇନ୍ଧନ ବ୍ୟବହାରଜନିତ ଉତ୍ତାପ ବୃଦ୍ଧିରୁ ପୃଥିବୀକୁ ମୁକ୍ତ କରିବା ନେଇ ସେ ସଂକ୍ରାନ୍ତରେ କୌଣସି ସହମତିରେ ନ ପହଞ୍ଚିପାରିବା କପ୍‌୩୦ର ଲକ୍ଷ୍ୟକୁ ଚ୍ୟୁତ କରିଛି। ପେଟ୍ରୋଲିୟମ୍ ତୈଳ ଉତ୍ପାଦନକାରୀ ଦେଶ ଏ ଦିଗରେ ପ୍ରତିବନ୍ଧକ ସାଜି ଥିବା କୁହାଯାଉଛି। ସେପଟେ ଆମେରିକା ଏହି ସମ୍ମିଳନୀକୁ ତା'ର କୌଣସି ପ୍ରତିନିଧି ପଠାଇ ନ ଥିବା ଯୋଗୁ ସ୍ଥିତିକୁ ଆହୁରି ଗୋଳିଆ କରିଛି। ସମସ୍ତେ ଜାଣନ୍ତି ଯେ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଆମେରିକା ବହୁ ପରିମାଣରେ ଦାୟୀ। କ୍ଲାଇମେଟ ଚେଞ୍ଜ ପର୍‌ଫର୍ମାନ୍ସ ଇଣ୍ଡେକ୍ସ (ସିସିପିଆଇ) ଅନୁଯାୟୀ ଆମେରିକା ପୃଥିବୀକୁ ଅଧିକ ପ୍ରଦୂଷିତ କରୁଛି। ବିଶ୍ୱ ତାଲିକାରେ ଏହାର ସ୍ଥାନ ୬୫ରେ ଥିବା ବେଳେ ରୁଷିଆର ୬୪ ଓ ଚାଇନାର ୫୪ ରହିଛି। ସେହି ତୁଳନାରେ ଭାରତର ସ୍ଥିତି ଅପେକ୍ଷାକୃତ ଭଲ ଥିଲେ ମଧ୍ୟ ପୂର୍ବାପେକ୍ଷା ଖରାପ ସ୍ତରକୁ ଆସିଯାଇଛି। ୨୦୧୪ରେ ଭାରତର ସ୍ଥାନ ବିଶ୍ୱସ୍ତରରେ ୩୧ ଥିଲା ଓ ୨୦୧୯ରେ ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଥିଲା। ବେଲାମଠାରେ ହୋଇଥିବା କପ୍ ୩୦ ପୃଷ୍ଠଭୂମିରେ ଜର୍ମାନ ପରିବେଶ ଓ ବିକାଶ ସଂଗଠନ 'ଜର୍ମାନୱାଚ୍' ଦ୍ୱାରା ଦେଶଗୁଡ଼ିକର ଜଳବାୟୁ ପ୍ରଦର୍ଶନକୁ ଅନୁଧ୍ୟାନ ସହ ତୁଳନା କରାଯାଇ ପ୍ରକାଶ ପାଇଥିବା ଉପରଲିଖିତ ରିପୋର୍ଟରୁ ଭାରତର ସ୍ଥାନ ୨୩କୁ ଖସିଆସିଥିବା ଜଣାପଡ଼ିଛି। ସୂଚନା ଦିଆଯାଇପାରେ ଯେ, ଜଳବାୟୁ ପ୍ରଦର୍ଶନ ସଂକ୍ରାନ୍ତରେ କରାଯାଉଥିବା ଅଧ୍ୟୟନରେ ସବୁଜଗୃହ ବାଷ୍ପ ନିର୍ଗମନ, ଶକ୍ତି ଉପଯୋଗ, ନବୀକରଣୀୟ ଶକ୍ତି ଓ ଜଳବାୟୁ ନୀତି ଆଦି ୪ କ୍ଷେତ୍ରକୁ ବିଚାରକୁ ନିଆଯାଇଥାଏ। ଏଥିରୁ ଜଣାପଡ଼ିଛି ଯେ, ଭାରତ ଜିଏଚ୍‌ଜି ପରିମାଣ ବଢ଼ାଇ ଚାଲିଛି। ସେହିପରି ପୂର୍ବାପେକ୍ଷା ଶକ୍ତି ଉପଯୋଗ ବଢ଼ିବା ସହ ଏହା ପ୍ରକୃତି ପ୍ରତି ଅବିଚାର କରୁଛି। ନିଜ ଭୂଖଣ୍ଡ ରକ୍ଷାର ଦାୟିତ୍ୱ ଦେଶବାସୀ ନେବା ଦରକାର।

୨୦୧୫ର ଐତିହାସିକ ପ୍ୟାରିସ୍ ଚୁକ୍ତିକୁ ଦଶ ବର୍ଷ ପୂରଣ ହେଲାଣି। ସେତେବେଳେ ପ୍ରାୟ ୨୦୦ଟି ଦେଶ ପୂର୍ବ-ଶିଳ୍ପଯୁଗୀୟ ସ୍ତରଠାରୁ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ୍ ଭିତରେ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦଶକ ପରେ ମଣିଷ ଏ ଦିଗରେ ସକ୍ରିୟ ପଦକ୍ଷେପ ନ ନେବାରୁ ଆଜି ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ୨୪ ନଭେମ୍ବରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ୟୁଥ୍ କନ୍‌କ୍ଲେଭ-୨୦୨୫ରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାର୍ନମେଣ୍ଟ(ସିଏସ୍‌ଇ)ର ମହାନିର୍ଦ୍ଦେଶିକା ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦକ ସୁନୀତା ନାରାୟଣ କହିଥିଲେ ଯେ, ବର୍ଷବ୍ୟାପୀ ପ୍ରତ୍ୟେକ ଦିନ ଭାରତବର୍ଷରେ କୌଣସି ନା କୌଣସି ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି। ତାଙ୍କ ସଂସ୍ଥାର ଗବେଷଣାରୁ ମିଳିଥିବା ତଥ୍ୟ ଆଧାରରେ ସେ ଏଭଳି ମତ ଦେଇଛନ୍ତି। ତେବେ ୟୁରୋପରୁ ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ତାପପ୍ରବାହ, ଅଷ୍ଟ୍ରେଲିଆ ଓ ପଶ୍ଚିମ ଯୁକ୍ତରାଷ୍ଟ୍ର ଆମେରିକାରେ ବାରମ୍ବାର ଦେଖାଦେଉଥିବା ଜଙ୍ଗଲନିଆଁ ଏବଂ ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆରେ ଅନେକ ଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଥିବା ବନ୍ୟା ଆଉ ଚେତାବନୀ ହୋଇ ରହିନାହିଁ, ଏହାର ବିଶାଳ ରୂପକୁ ଦେଖିଲେ ସେଗୁଡ଼ିକ ମଣିଷ ପାଇଁ ସତର୍କଘଣ୍ଟି ସାଜିଲେଣି।

କପ୍ ୩୦ରେ ବିଶ୍ୱର ପ୍ରମୁଖ ନିର୍ଗମନକାରୀ ଦେଶର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଯୁକ୍ତରାଷ୍ଟ୍ର ଆମେରିକାର ଅନୁପସ୍ଥିତି ଜଳବାୟୁ ପରିବର୍ତ୍ତନ ମୁକାବିଲା ଦିଗରେ ଏକ ଝଟକା ବୋଲି କୁହାଯାଉଛି। ଆମେରିକାର ଏଭଳି କାର୍ଯ୍ୟ ଅନ୍ୟ ଦେଶଗୁଡ଼ିକୁ ବାଧ୍ୟତାମୂଳକ ପ୍ରତିଶ୍ରୁତିଠାରୁ ପଛଘୁଞ୍ଚା ଦେବାକୁ ଉତ୍ସାହିତ କରୁଛି। ବିଭିନ୍ନ ଶିଖର ବୈଠକରେ ବିକାଶଶୀଳ ଦେଶଗୁଡ଼ିକ ଯୁକ୍ତି କରିଥିଲେ ଯେ, ସେମାନଙ୍କୁ ନିର୍ଗମନ ହ୍ରାସର ବୋଝ ବୋହିବାକୁ କୁହାଯାଉଛି, ଯଦିଓ ଐତିହାସିକ ଭାବେ ଗ୍ରୀନହାଉସ୍ ଗ୍ୟାସ୍‌ର ବଡ଼ଭାଗ ପାଇଁ ଦାୟୀ ଧନୀ ଦେଶଗୁଡ଼ିକ ଦେଇଥିବା ପ୍ରତିଶ୍ରୁତି ଓ ସହାୟତା ଏପର୍ଯ୍ୟନ୍ତ ପୂରଣ କରିନାହାନ୍ତି। ତୈଳ ଓ ଗ୍ୟାସ ଉତ୍ପାଦନକାରୀ ଦେଶଗୁଡ଼ିକ ଜୀବାଶ୍ମ ଇନ୍ଧନ ପର୍ଯ୍ୟାୟକ୍ରମେ ବନ୍ଦ କରିବାର କଠୋର ଭାଷାକୁ ବିରୋଧ କରୁଛନ୍ତି। ଅର୍ଥନୈତିକ ନିର୍ଭରଶୀଳତା ଓ ଶକ୍ତି ନିରାପତ୍ତାକୁ କାରଣ ଭାବେ ଦର୍ଶାଉଛନ୍ତି।

ପୂର୍ବ ସମ୍ମିଳନୀଗୁଡ଼ିକ ପରି କପ୍ ୩୦ ମଧ୍ୟ ବିପୁଳ ପ୍ରତୀକାତ୍ମକ ଗୁରୁତ୍ୱ ବହନ କରିଥିଲା। କିନ୍ତୁ ପ୍ରତ୍ୟେକ ଶିଖର ବୈଠକ ବିଶ୍ୱ ଅଗ୍ରାଧିକାର ବିଷୟରେ ଆଲୋଚନା କରିଥାଏ। କିନ୍ତୁ ଦେଶଗୁଡ଼ିକ ଏକତ୍ରିତ ହୋଇ କାର୍ଯ୍ୟ କରିବେ ନା ନିଜ ଜାତୀୟ ସ୍ୱାର୍ଥରେ ପଛକୁ ହଟିଯିବେ, ତାହା ହୋଇଯାଇଛି ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ। ଆସନ୍ତା ଦିନଗୁଡ଼ିକରେ ଜାତୀୟ ସ୍ୱାର୍ଥ ଓ ପୃଥିବୀର ସ୍ୱାର୍ଥ ମୁହାଁମୁହିଁ ହେବାର ଯଥେଷ୍ଟ ଆଶଙ୍କା ଉପୁଜୁଛି। ଏହା ସମଗ୍ର ମନୁଷ୍ୟ ଜାତି ପାଇଁ ଏକ ବିପଦ ଭାବେ ଛିଡ଼ା ହେଲାଣି। ସମ୍ଭବତଃ ସମୟ ଆସିଲାଣି ଯେତେବେଳେ ଜାତୀୟତାବାଦକୁ ତ୍ୟାଗ କରିବା ପାଇଁ ମଣିଷ ଜାତି ବାଧ୍ୟ ହୋଇପାରେ। ତାହା ନ ହେଲେ ମଣିଷ ଜାତି ବଞ୍ଚିବା ଅସମ୍ଭବ ହୋଇପଡ଼ିବ।


# ଜୀବନ ଦର୍ଶନ ହିଁ ବିଶ୍ୱ ଦର୍ପଣ



ଡ.ମନୋଜ କୁମାର ମହାନ୍ତି

ପ୍ରତ୍ୟେକ ସଭ୍ୟତାର ପ୍ରତୀକଭାବେ ସାହିତ୍ୟ, ସଂସ୍କୃତି ଓ ଦର୍ଶନ ପ୍ରାଚୀନ ଅସ୍ତ୍ରରୂପେ ସମାଜକୁ କାଳଜୟୀ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶ୍ୱରେ ଗଢ଼ି ଉଠିଥିବା ଅଧିକାଂଶ ସଭ୍ୟତାର ଅନ୍ତରାଳେ ସାହିତ୍ୟ,ସଂସ୍କୃତି ଓ ଦର୍ଶନର ଝଲକ ନିଶ୍ଚିତି ଦେଖିବାକୁ ମିଳେ। ଭାବନାର ପ୍ରତୀକଭାବେ ଭାଷା ଓ ଭାଷାକୁ ସାମାଜିକ ଜୀବନରେ ବିସ୍ଥାପିତ କରିବା ପାଇଁ ସାହିତ୍ୟ ସାଜିଲା ଏକମାତ୍ର ମାଧ୍ୟମ। ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅବସ୍ଥାନରେ ଥିବା ସାମାଜିକ ଚଳଣି, ଜୀବନଶୈଳୀ, ରୀତିନୀତି, ପ୍ରଥା ପରମ୍ପରାକୁ ବଜାୟ ରଖିଥିବା ବିଶ୍ୱାସର ପରିପ୍ରକାଶକୁ ସଂସ୍କୃତି କୁହାଯାଏ। ସାହିତ୍ୟ ଓ ସଂସ୍କୃତିର ବିଶ୍ଳେଷଣାତ୍ମକ ତତ୍ତ୍ୱ ଜୀବନଦର୍ଶନ। ଜୀବନ ଦର୍ଶନସହ ମଣିଷ ଓତପ୍ରୋତଭାବେ ଜଡ଼ିତ। ଅର୍ଥାତ ଜୀବନର ମାର୍ଗଦର୍ଶକରୂପେ ଦର୍ଶନ ତା'ର ମହତ ଜ୍ଞାନତତ୍ତ୍ୱକୁ ବ୍ୟକ୍ତିତ୍ୱର ବିକାଶରେ ନିୟୋଜିତ କରିଛି। ମାନବୀୟ ସ୍ଥିତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ତା' ଭିତରେ ଅନ୍ତର୍ନିହିତ ସତ୍ୟାସତ୍ୟକୁ ସମୀକ୍ଷାକରି ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର ଜିଜ୍ଞାସାକୁ ଦର୍ଶନ କୁହାଯାଏ। ବିଶ୍ୱ ଚିନ୍ତାଚେତନାର ପରିବର୍ତ୍ତନର ପ୍ରଚ୍ଛଦପଟରେ ଦାର୍ଶନିକ ଚିନ୍ତାଧାରା ଏକ ବୃହତ ଅସ୍ତ୍ରରୂପେ କାର୍ଯ୍ୟ କରିଆସିଛି। ବିଶ୍ୱର କୋଣଅନୁକୋଣରେ ସୃଷ୍ଟିହୋଇଥିବା ବୈପ୍ଳବିକ ସଂଗଠନରେ ଦାର୍ଶନିକମାନଙ୍କ ଭୂମିକାର ଗୁରୁତ୍ୱ ସର୍ବାଗେ। ଯେବେଯେବେ ମାନବୀୟ ମହତ୍ତ୍ୱ ଓ ମୂଲ୍ୟବୋଧର ପ୍ରସଙ୍ଗ ଆଲୋଚନାର ପରିସରକୁ ଆସେ ସେବେସେବେ ଦର୍ଶନ ମାନବ ସମାଜ ପାଇଁ କେନ୍ଦ୍ରବିନ୍ଦୁ ପାଲଟିଯାଏ। ସାମାଜିକ ବ୍ୟବସ୍ଥାକୁ ମଜଭୁତ ସହ ମଣିଷକୁ ଦିଗ-ଦର୍ଶନ ଦେବାରେ ଦର୍ଶନ ସଦାସର୍ବଦା ଚେଷ୍ଟିତ। ବିଶ୍ୱର ପ୍ରତ୍ୟେକ ବିକଶିତ ସଭ୍ୟତା ସହ ଦାର୍ଶନିକ ଚିନ୍ତାଚେତନା ଉଭୟ ରାଷ୍ଟ୍ରୀୟ ଓ ସାମାଜିକ ଜୀବନରେ ଜଡ଼ିତ। ଦର୍ଶନର ମୂଳତତ୍ତ୍ୱକୁ ସାମାଜିକ ମୂଲ୍ୟବୋଧର ପରିଚାୟକରୂପେ ଯୁଗେଯୁଗେ ଗ୍ରହଣ କରାଯାଇଛି। ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ଦର୍ଶନରେ ବୁଦ୍ଧିବାଦ, ଇନ୍ଦ୍ରିୟାନୁଭୂତିବାଦ, ଆତ୍ମଜ୍ଞାନବାଦ ଏବଂ ବିଚାରବାଦର ବିଚାରଧାରାକୁ ଉପଯୁକ୍ତ ତର୍କ ଓ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ। ତତ୍ତ୍ୱବିଦ୍ୟା, ତର୍କବିଦ୍ୟା, ଜ୍ଞାନବିଦ୍ୟା, ନୈତିକ ବିଦ୍ୟା ଏବଂ ସୌନ୍ଦର୍ଯ୍ୟ ବିଦ୍ୟା ମାଧ୍ୟମରେ ଦର୍ଶନ ନିଜର ପରିଚୟ ଅର୍ଜନ କରେ।

ପ୍ରକୃତି ଏବଂ ପଦାର୍ଥର ନିହିତ ଗୁଣକୁ ଖୋଜିବା ବିଜ୍ଞାନର ଦାୟିତ୍ୱ। ଯେଉଁଠି ଜଡ ବିଜ୍ଞାନର ପରିସୀମା ଅନ୍ତହୁଏ ସେଇଠି ତତ୍ତ୍ୱବିଦ୍ୟାରୂପକ ଦର୍ଶନ ହିଁ ପାଲଟିଯାଏ ଜଗତର ମୂଳାଧାର। କାରଣ ସବୁ ବିଜ୍ଞାନର ସୃଷ୍ଟି ମଣିଷର ଜ୍ଞାନଜଗତରୁ। ଦାର୍ଶନିକ ପ୍ଲାଟୋଙ୍କ ମତରେ ଆତ୍ମାର ଖାଦ୍ୟ ହେଉଛି ଜ୍ଞାନ। ଦର୍ଶନ ହିଁ ଜ୍ଞାନ ଏବଂ ଜ୍ଞାନ ବିନା ବିଜ୍ଞାନର ଅସ୍ତିତ୍ୱ ବା କାହିଁ? ଅର୍ଥାତ ଦର୍ଶନରେ ସବୁ ପ୍ରଜାତିର ବିଜ୍ଞାନ ନିହିତ। କାରଣ ସବୁର ଏକ



ଶେଷସୂକ୍ଷ୍ମ ସିଦ୍ଧାନ୍ତରୂପେ ଦାର୍ଶନିକ ତତ୍ତ୍ୱ ଆବିର୍ଭାବ ହୋଇଥାଏ। ଉଭୟ ଅନ୍ତଃଜଗତ ଓ ବାହ୍ୟଜଗତର ସତ୍ୟାସତ୍ୟକୁ ଉପସ୍ଥାପନ ଦର୍ଶନର ମୂଳଲକ୍ଷ୍ୟ। ଜୀବନର ଆତ୍ମିକ ଅନୁଭୂତି, ଆତ୍ମିକ ସମୀକ୍ଷା ଏବଂ ଆତ୍ମିକ ସିଦ୍ଧାନ୍ତର ଶ୍ରେଷ୍ଠତ୍ୱକୁ ଅନୁଭବ କରିବା ହିଁ ଦର୍ଶନ। ଏହା ଜଡ ଜାଗତିକ ଅନୁଭୂତିରୁ ଆରମ୍ଭ ହୋଇ ଆଧ୍ୟାତ୍ମିକ ଜାଗରଣରେ ସମାପ୍ତ ହୁଏ।

ସୃଷ୍ଟିର ଗୂଢ଼ରହସ୍ୟକୁ ଉନ୍ମୋଚନ ସହ ମଣିଷର ଚାରିତ୍ରିକ ଆଚରଣ ଓ ଉଚ୍ଚାରଣ ପରିବର୍ତ୍ତନରେ ଲୁଚିରହିଛି ଦର୍ଶନର ସତ୍ୟତା। ଚାରିତ୍ରିକ ଆଚରଣ କହିଲେ ମଣିଷର ନୈତିକ ଆଧାର ଯାହା ଅତ୍ୟାବଶ୍ୟକ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ସମସ୍ତ ସାଂସାରିକ ଦୁଃଖଯନ୍ତ୍ରଣାର କାରଣ ନୈତିକହୀନତା ଯାହା ବୁଦ୍ଧ ତାଙ୍କ ଅଷ୍ଟାଙ୍ଗମାର୍ଗରେ ଅଭିହିତ କରିଛନ୍ତି। ମଣିଷର ଅତ୍ୟାବଶ୍ୟକ ମୂଲ୍ୟବୋଧ ଯାହା ଜୈନ ଦର୍ଶନରେ ଅଣୁ ମହାବ୍ରତ ଭାବେ ନାମିତ କରାଯାଇଛି। ଅଣୁ ମହାବ୍ରତର ଅନୁସରଣରେ ହିଁ ଶ୍ରେଷ୍ଠ ଜୀବନଦର୍ଶନ ନିହିତ। ଅହିଂସା, ସତ୍ୟ, ଆସ୍ତେୟ, ଅପରିଗ୍ରହ ଓ ବ୍ରହ୍ମଚର୍ଯ୍ୟକୁ ମହାବ୍ରତ କୁହାଯାଏ। ଏହି ସାଧନାକୁ ଯେପର୍ଯ୍ୟନ୍ତ ମାନବ ଜାତି ଆନ୍ତରିକଭାବେ ପାଳନ ନକରିଛି ସେ ପର୍ଯ୍ୟନ୍ତ ଧ୍ୟାନ ଜପ ଓ ତପରେ କୌଣସି ମୂଲ୍ୟନାହିଁ। ଏହାହିଁ ଜୀବନ ଦର୍ଶନ ଯାହାକୁ ମହାତ୍ମା ଗାନ୍ଧୀ ତାଙ୍କ ଜୀବନରେ ଅନୁସରଣପୂର୍ବକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅହିଂସା ଓ ସତ୍ୟକୁ ଏକ ଶ୍ରେଷ୍ଠ ହତିଆର କରିଥିଲେ।

ଅହିଂସା ଏକ ମାନସିକ ଅବସ୍ଥା ଯାହା ସଦାସର୍ବଦା ଅନ୍ୟର କ୍ଷତି ନ ପହଞ୍ଚାଇବାରେ ଏକ ପ୍ରତିଷେଧକ । ମନର ପରିକଳ୍ପନା, ବାକ୍ୟ ଓ କର୍ମ ଉପରେ ନକାରାତ୍ମକ ନିୟନ୍ତ୍ରିତ ପରିଭାଷା ହିଁ ଅହିଂସା। ପ୍ରେମ ଓ ସକାରାତ୍ମକ ଭାବନା ବି ଅହିଂସା। ପ୍ରତ୍ୟେକ ମଣିଷକୁ ମଣିଷ ଭଳି ବ୍ୟବହାର କରିବା ସହ ବିନା ଭେଦଭାବର ସଂକୀର୍ଣ୍ଣତାର ପୃଷ୍ଠପୋଷକତା କରିବା ଅହିଂସା। ହିଂସା ମଣିଷକୁ ଓ ତା' ମନକୁ ପଥଭ୍ରଷ୍ଟ କରେ, ଆତ୍ମାକୁ କଳୁଷିତ ଓ କବଳିତ କରେ। କଳୁଷିତ ଓ କବଳିତ ମଣିଷ ସର୍ବଦା ହିଂସ୍ର ସ୍ୱଭାବର। ଜୀବ ପ୍ରତି ଦୟା, ଅନୁକମ୍ପା ଓ ସେବା ଅହିଂସାର ପ୍ରତୀକ। ଅହିଂସା ମାଧ୍ୟମରେ ଗାନ୍ଧୀ ସାଧୀନତା ଆଣିବାରେ ସଫଳ ହୋଇଥିଲେ। ଏହି ଅହିଂସାକୁ ସାହାରା କରି ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା ମଧ୍ୟ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରି ତେଇଶ ବର୍ଷ କାରାବାସ କରିଥିଲେ। ଅହିଂସା ସହ ସତ୍ୟ ମଣିଷର ଆଉ ଏକ ସାଧନା ବା ବ୍ରତ। ସତ୍ୟ ହିଁ ସୁନ୍ଦର, ସତ୍ୟ ହିଁ ଚିରନ୍ତନ, ନିରାକାର, ଚିରସବୁଜ। ପ୍ରତ୍ୟେକ ବ୍ୟକ୍ତି ନିଜର ଭାବନା, ବାକ୍ୟ ଓ କର୍ମରେ ସତ୍ୟର ସମ୍ମାନ କରିବା ଉଚିତ। ନିଜ କର୍ମ ଓ ଜୀବିକା ପ୍ରତି ସଚେତନ ସହ କର୍ତ୍ତବ୍ୟପରାୟଣତାକୁ ଜୀବନର ଶ୍ରେଷ୍ଠ ବ୍ରତଭାବେ ପାଳନ କରିବା। ଏହା ଜୀବନର ବାସ୍ତବତା ଓ ବାସ୍ତବତା ହିଁ ସତ୍ୟ। ସତ୍ୟପଥରେ ପଥିକ ସର୍ବଦା ସଙ୍କୋଚ ପଣିଆକୁ ଏକ ଅସ୍ତ୍ରଭାବେ ବ୍ୟବହାର କରିଥାଏ। ସତ୍ୟନିଷ୍ଠ ବ୍ୟକ୍ତିର ମାନସିକ ଅବସ୍ଥା ସୁସ୍ଥ, କାରଣ ମିଥ୍ୟା ଓ ଭୟ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣାର କାରଣ। ଆସ୍ତେୟ ପଞ୍ଚ ମହାବ୍ରତର ଅନ୍ୟ ଏକ ଆଚରଣ ବିଧି। ଯେତେବେଳେ ଆମେ ଅନ୍ୟର ଜିନିଷକୁ ଚୋରି, ଠକି,ଶୋଷଣ ତଥା ପ୍ରତାରିତ କରି ନିଜର କରିବାର ଇଚ୍ଛା ପ୍ରକାଶ କରନ୍ତି ତାହା ମାନବୀୟ ମୂଲ୍ୟବୋଧ ନୁହେଁ। ଏଥିରୁ ନିବୃତ୍ତ ହେବା ନିହାତି ଜରୁରୀ ଓ ଏହା ଆସ୍ତେୟ। ଆପରିଗ୍ରହ ଚତୁର୍ଥ ମହବ୍ରତ ଯାହା ଆମ ସମସ୍ତଙ୍କୁ ଶିଖାଏ ଯେତିକି ଆବଶ୍ୟକ ସେତିକି ଗ୍ରହଣ କରାଯାଉ। ଆବଶ୍ୟକତାଠାରୁ ଅଧିକ ଗ୍ରହଣ ଲୋଭ । ଲୋଭର ବଶବର୍ତ୍ତୀ ବ୍ୟକ୍ତି ମାନସିକ ଯନ୍ତ୍ରଣା ଅନୁଭବ କରିବା ସହ ସାମାଜିକ ବିକାଶରେ ବାଧା ସୃଷ୍ଟି କରେ। ଖାଦ୍ୟ ଗ୍ରହଣଠାରୁ ବସ୍ତ୍ର ଆସବାସ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ନିଜକୁ ନିୟନ୍ତ୍ରିତ ରଖିବା ଦ୍ୱାରା କୌଣସି ମାନସିକ ଦ୍ୱନ୍ଦ୍ୱ ଉପୁଜେ ନାହିଁ। ବ୍ରହ୍ମଚର୍ଯ୍ୟ ଆମ ଚତୁରାଶ୍ରମ ଜୀବନର ପ୍ରଥମ ଆଶ୍ରମ ଓ ପଞ୍ଚ ମହାବ୍ରତ ସର୍ବଶ୍ରେଷ୍ଠ ବ୍ରତ। ପ୍ରତ୍ୟେକ ମଣିଷର ଏହା ଏକ ଶ୍ରେଷ୍ଠ ଓ ଉତ୍କୃଷ୍ଟ ଜୀବନ ଶୈଳୀର ପ୍ରଥମ ପାହାଚ। ଉଭୟ ମନ ଓ ଶରୀରକୁ, ସ୍ୱଚ୍ଛ ଓ ଶୁଦ୍ଧ ରଖିବା ପାଇଁ ଇନ୍ଦ୍ରିୟମାନଙ୍କୁ ବିକାରଗ୍ରସ୍ତ ଚିନ୍ତାଧାରାରୁ ନିବୃତ୍ତ ରଖିବା ହିଁ ବ୍ରହ୍ମଚର୍ଯ୍ୟ। ଯୌନତୃପ୍ତିର ଅହେତୁକ ବ୍ୟାକୁଳ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟମାନଙ୍କର ଅସଂଯତ ଉଚ୍ଚାରଣ ଓ ଆଚରଣ ସମସ୍ତ ସମସ୍ୟାର ମୂଳକାରଣ।

ଏକବିଂଶ ଶତାବ୍ଦୀ ଅତ୍ୟାଧୁନିକ ଜୀବନଶୈଳୀର ଯୁଗ। ଖାଦ୍ୟପେୟ, ବସ୍ତ୍ର ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀରେ କୃତ୍ରିମତା ଭରିଭରି ରହିଛି। କାମ-କ୍ରୋଧ-ଲୋଭ-ମଦ- ମୋହ-ମାତ୍ସର୍ଯ୍ୟର କରାଳ ଗର୍ଭରେ କବଳିତ ମଣିଷ କଣବା କରିବ ?ସେଇ କଳୁଷିତ ଓ କୃତ୍ରିମ ମାନସିକତାକୁ ମଣିଷ ସମାଜ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିବାରେ ଲାଗିଛି। ସାମ୍ପ୍ରତିକ ବିଶ୍ୱମାନବ ଜାତି ଉଭୟ ଶାରିରୀକ ଓ ମାନସିକ ସ୍ତରରେ ରୋଗାକ୍ରାନ୍ତ ହେବାରେ ଲାଗିଛି। ବସ୍ତୁବାଦୀ ଦୁନିଆରେ ବସ୍ତୁପ୍ରତି ଅହେତୁକ ଦୁର୍ବଳତା ସହ ନିଜ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଲକ୍ଷ୍ୟରେ ସମସ୍ତେ ଧାବମାନ। ପ୍ରତିଦ୍ୱନ୍ଦ୍ୱିତା ଓ ଈର୍ଷାପରାୟଣତା ଧୀରେଧୀରେ ମାନସିକ ଉତ୍ତେଜନା ଓ ଚାପଗ୍ରସ୍ତ ଜୀବନ ସୃଷ୍ଟି କରିଚାଲିଛି। ଏହି ପରିପ୍ରେକ୍ଷୀରେ ଦର୍ଶନର ତତ୍ତ୍ୱ ନିଶ୍ଚିତଭାବେ ଏକ ଉତ୍ତମମାର୍ଗ ଭାବେ ବିଶ୍ୱର ଜନସାଧାରଣଙ୍କୁ ମାର୍ଗଦର୍ଶକ ହୋଇ ସୁସ୍ଥ ସମାଜ ଗଠନ କରିବାରେ ସଫଳ ହେବ।

ଦର୍ଶନ ବିଭାଗୀୟ ମୁଖ୍ୟ, ବି.ଏନ୍.ଏମ୍.ଏ
ମହାବିଦ୍ୟାଳୟ, ଭଦ୍ରକ
ମୋ: ୮୮୯୫୩୪୧୦୩୩

# ଆମକୁ କେତେ ଦରକାର



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସମୟ ଥିଲା ଅଧିକାଂଶ ଘରୋଇ ହାତତିଆରି ଜିନିଷ ସ୍ଥାନୀୟ ବଜାରରେ ବିକ୍ରି ହେଉଥିଲା। ମହିଳାମାନେ ପୁରୁଣା ପୋଷାକ ବ୍ୟବହାର କରି ଶପିଂ ବ୍ୟାଗ, ପାପୋଛ ଏବଂ ଛୋଟ ପିଲାଙ୍କ ପୋଷାକ ତିଆରି କରୁଥିଲେ। ତେବେ ସମୟର ଅଭାବ ଏବଂ ସହଜରେ ଉପଲବ୍ଧ ବଜାର ସାମଗ୍ରୀ ଏହି ଧାରାକୁ ହ୍ରାସ କରିଛି। ରିଫିୟୁଜ, ରିଡିୟୁଜ, ରିୟୁଜ, ରିସାଇକ୍ଲିନର ଧାରଣା ଏକ ସୁବାକ୍ୟାଂଶ ପାଲଟିଛି। ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଶିଳ୍ପାୟନ, ହାତରେ ନୁହେଁ କାରଖାନାଗୁଡ଼ିକରେ ଜିନିଷ ଉତ୍ପାଦନ କରିବାକୁ ପ୍ରେରଣା ଦେଇଛି। ପୋଷାକ ଧୋଇବା, ରୁଟି ତିଆରି କରିବା ଏବଂ ମସଲା ବାଟିବା ଉପକରଣଗୁଡ଼ିକ ବର୍ତ୍ତମାନ ସାଧାରଣ ଘରୋଇ ଉପକରଣ । ବଜାର ନୂତନ ଏବଂ ଉନ୍ନତ ସୁବିଧା ପାଇଁ ଚାହିଦା ସୃଷ୍ଟି କରୁଛି। ନୂତନ ବ୍ରାଣ୍ଡର ପୋଷାକ, ନୂତନ ମୋବାଇଲ ଫୋନ ଏବଂ ଯାନବାହନର ନୂତନ ମଡେଲ ଲୋକଙ୍କୁ ଆକର୍ଷିତ କରୁଛି। ଉତ୍ପାଦ ସହିତ ସମାନ ହାରରେ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ବିଜ୍ଞାପନ ଯଥାସମ୍ଭବ ଚେଷ୍ଟା କରୁଛି। ବର୍ତ୍ତମାନ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଅନେକ ଡଜନ ପୋଷାକ । କିଛି ପୋଷାକ କେବଳ ଥରେ କିମ୍ବା ଦୁଇଥର ପିନ୍ଧାଯାଏ। ପରେ ବର୍ଷ ବର୍ଷ ଧରି ସଂରକ୍ଷଣ ହୋଇ ପୁରୁଣା ହୋଇଯାଏ। ଆମେ ସେଗୁଡ଼ିକୁ ନା ପିନ୍ଧୁଛନ୍ତି ନା କାହାକୁ ଦେଉଛନ୍ତି । ଶୀତଦିନେ କେତେକ ପଶମ ପୋଷାକ ଥରେ ମଧ୍ୟ ପିନ୍ଧାଯାଏ ନାହିଁ। ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ଘରେ ୬୮,୩୦୦ କୋଟିରୁ ଅଧିକ ମୂଲ୍ୟର ସାମଗ୍ରୀ ଅବ୍ୟବହୃତ ପଡ଼ି ରହିଥାଏ। ଏଥିରେ ୨୦ କୋଟିରୁ ଅଧିକ ମୂଲ୍ୟର ଇଲେକ୍ଟ୍ରୋନିକ ସାମଗ୍ରୀ ଅନ୍ତର୍ଭୁକ୍ତ। ଏହାସହ ଚାରିଚକିଆ ଯାନ ସଂଖ୍ୟା ବୃଦ୍ଧି ପାଇ ମହାନଗରଗୁଡ଼ିକରେ ଟ୍ରାଫିକ ଜାମ୍ ଏବେ ସାଧାରଣ ସମସ୍ୟା ହୋଇଗଲାଣି। ଏହାକୁ ଦୂର କରିବା ପାଇଁ ଓଭରପାସ ନିର୍ମାଣ କରାଯାଉଛି, ରାଜପଥକୁ ଚାରି ଲେନ୍‌ରୁ ଛଅ ଲେନ ପର୍ଯ୍ୟନ୍ତ ବିସ୍ତାର କରାଯାଉଛି ଏବଂ ଅସଂଖ୍ୟ ଗଛ କଟାଯାଉଛି। କିନ୍ତୁ ସମସ୍ୟାର ମୂଳ କାରଣର ସମାଧାନ ହୋଇନାହିଁ। ଗାଁଗୁଡ଼ିକ ଖାଲି ହେବାକୁ ଲାଗିଛି। ଏହା ସହରଗୁଡ଼ିକ ଉପରେ ଚାପ ପକାଉଛି। ଘରଗୁଡ଼ିକ ଛୋଟ ହୋଇ ଅବ୍ୟବସ୍ଥିତ ହୋଇଯାଉଛି। ଜ୍ୟୋତିଷମାନେ ଆମକୁ ବିଭିନ୍ନ ଜିନିଷ କିଣିବାର ଠିକ ସମୟ କହୁଛନ୍ତି ଏବଂ ସେଗୁଡ଼ିକୁ କିଣିବାକୁ ଅନୁରୋଧ କରୁଛନ୍ତି। ବଡ଼ ବଡ଼ କମ୍ପାନୀଗୁଡ଼ିକ ବିଶେଷ ଅବସରରେ ସମସ୍ତ ପ୍ରକାରର ରିହାତି ପ୍ରଦାନ କରୁଛନ୍ତି। ବ୍ୟାଙ୍କଗୁଡ଼ିକ ଋଣ ପ୍ରସ୍ତାବ ପଠାଉଛନ୍ତି। ବଜାରର କାମ ହେଉଛି ଏହାର ସାମଗ୍ରୀ ବିକ୍ରୟ କରିବା। ହେଲେ ଆମେ ଚିନ୍ତା କରିବା କଥା ପ୍ରକୃତରେ ଆମକୁ କ'ଣ ସେହି




ଜିନିଷଗୁଡ଼ିକର ଆବଶ୍ୟକତା ଅଛି ? ଏବେ ଉପହାର ଦେବାର ପରମ୍ପରା ଯଥେଷ୍ଟ ବୃଦ୍ଧି ପାଇଛି। କେତେକ ସମୟରେ ଆମେ ବନ୍ଧୁ କିମ୍ବା ପରିଚିତ ବ୍ୟକ୍ତିଙ୍କୁ ଯେଉଁ ଉପହାର ଦେଉଛନ୍ତି ତାହା ସେମାନଙ୍କର ଆବଶ୍ୟକତା କିମ୍ବା ଇଚ୍ଛା ବାହାରେ। ବେଳେ ବେଳେ ସମାନ ଉପହାର ଜଣେ ଅନ୍ୟ ଜଣକୁ ଗୋଟିଏ ହାତରୁ ଅନ୍ୟ ହାତକୁ ଘୂରିବୁଲେ । ପ୍ଲେଟୋ କହିଛନ୍ତି, କମ୍ ଜିନିଷ ସହିତ ବଞ୍ଚିବା ହେଉଛି ସବୁଠାରୁ ବଡ଼ ସମ୍ପତ୍ତି। ଅନ୍ୟ କେହି ଜଣେ ଏହି କଥାକୁ ପ୍ରତିଧ୍ୱନିତ କରି କହିଛନ୍ତି ଯାତ୍ରାରେ ଆପଣଙ୍କ ପାଖରେ ଯେତେ କମ୍ ସାମଗ୍ରୀ ଥାଏ ଯାତ୍ରା ସେତେ ସହଜ।

ଥଣ୍ଡା ପାନୀୟ ବୋତଲକୁ ପାଣି ବୋତଲ ଭାବରେ ବ୍ୟବହାର କରିବା, ସମୟ ସମୟରେ ରୋଷେଇ ଘରେ ପ୍ୟାକେଜିଂ ପାତ୍ରକୁ ପୁନଃବ୍ୟବହାର କରିବା କିମ୍ବା କମ ପୋଷାକ ଏବଂ ସମ୍ବଳ ସହିତ ବଞ୍ଚିବା ଏସବୁ ଆଜି କଂଜୁସ, ଲୋଭୀ ବିବେଚିତ । ଯେତେ ଅଧିକ ବିଳାସପୂର୍ଣ୍ଣ ଜିନିଷ ଘର ସେତେ ଧନୀ ପଦବାଚ୍ୟ । କମ୍ ଜିନିଷ ସହିତ ବଞ୍ଚିବା, ସେଗୁଡ଼ିକୁ ସତର୍କତାର ସହିତ ବ୍ୟବହାର କରିବା, ସେଗୁଡ଼ିକୁ ମୂଲ୍ୟାଙ୍କନ କରିବା ଏବଂ ସେଗୁଡ଼ିକର ବିକଳ୍ପ ବ୍ୟବହାର ଖୋଜିବା ଆମକୁ ଅଧିକ ଯତ୍ନବାନ କରିଥାଏ। ଆଗରୁ କଲମର କାଳି ସରିଗଲେ ରିଫିଲ ପକାଇ କିମ୍ବା ସ୍ୟାହି ବ୍ୟବହାର ହେଉଥିଲା। ବର୍ତ୍ତମାନ ରିଫିଲ ଦାମ୍‌ର ନୂଆ କଲମ ଉପଲବ୍ଧ। ଏପରିସ୍ଥିତିରେ କ୍ରେତା ରିଫିଲ ବଦଳରେ ଅନ୍ୟ ପେନ୍ କିଣିବା ଉଚିତ ମନେକରନ୍ତି । ଏପରି ଅନେକ ଜିନିଷ ୟୁଜ୍ ଆଣ୍ଡ ଥ୍ରୋ ସଂସ୍କୃତିକୁ ଜନ୍ମ ଦିଏ।

ବାସ୍ତବରେ ଯଦି ବିଳାସପୂର୍ଣ୍ଣ ଦ୍ରବ୍ୟ ସୁଖ ପ୍ରଦାନ କରନ୍ତା ତେବେ ପ୍ରତ୍ୟେକ ଧନୀ ବ୍ୟକ୍ତି ସୁଖ ସାଗରରେ ବୁଡ଼ି ରହି ଥାନ୍ତେ। ଆଜିର ଯୁବପିଢ଼ି ବିକଳ୍ପରେ ପରିପୂର୍ଣ୍ଣ ଏକ ନୂତନ ଦୁନିଆରେ ବାସ କରନ୍ତି। ସୋସିଆଲ ମିଡିଆ, ଇ-କମର୍ସ, ଡିଜିଟାଲ ବ୍ୟବସାୟ ଏବଂ ଅଗଣିତ ବ୍ରାଣ୍ଡ୍ ସେମାନଙ୍କୁ ବିଶ୍ୱାସ କରାଇଛନ୍ତି ଯେ ଅଧିକ ପାଇବା ହେଉଛି ଚୂଡ଼ାନ୍ତ ଲକ୍ଷ୍ୟ। ପ୍ରତିଦିନ ଏକ ନୂତନ ଫୋନ, ଏକ ନୂତନ ଫ୍ୟାଶନ, ଏକ ନୂତନ ଧାରା ସେମାନଙ୍କ ମାନସିକତାର ଅଂଶ ହୋଇଗଲାଣି। ତେଣୁ ଯେତେବେଳେ କେହି ସେମାନଙ୍କୁ 'ଅଳ୍ପରେ ବଞ୍ଚିବା ଶିଖ' କୁହନ୍ତି ଏହା ଅବାସ୍ତବ ପରାମର୍ଶ ପରି ମନେହୁଏ।

ଏହିପରି ଭାବେ ଆମେ ଉପଭୋକ୍ତା ସଂସ୍କୃତିର ଅଂଶ ହୋଇଯାଉ। ଉପହାର ବିନିମୟ ଭଳି କିଛି ଛୋଟ ପ୍ରୟାସ କରାଯାଏ ହେଲେ ସେଗୁଡ଼ିକ ପର୍ଯ୍ୟାପ୍ତ ନୁହେଁ। ବର୍ତ୍ତମାନ କିଛି ଅନୁଷ୍ଠାନ ଏବଂ ସ୍କୁଲ ସେମାନଙ୍କ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଫି ବଦଳରେ ପ୍ଲାଷ୍ଟିକ ଜମା କରିବାକୁ କହିଛନ୍ତି। ପ୍ଲାଷ୍ଟିକ, କାଚ ଏବଂ କପଡ଼ାକୁ ପୁନଃବ୍ୟବହାର କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି କିନ୍ତୁ ଏହି ପ୍ରୟାସଗୁଡ଼ିକ କେବଳ ସମୁଦ୍ରକୁ ସଂଖେ।

ନୟାଗଡ଼, ମୋ:୯୪୩୭୬୪୨୯୪୭

## ଏଇ ଭାରତରେ

କଶ୍ମୀର ପୁଲ୍‌ୱାମା ଜିଲାର କୃଷକମାନେ ଏବେ କେବଳ ଲାଭେଣ୍ଡର (ଏକପ୍ରକାର ସୁଗନ୍ଧିତ ଗଛ) ଚାଷରେ ସୀମିତ ରହିନାହାନ୍ତି। ସେମାନେ ଭାରତରେ ପ୍ରଥମେ ଲାଭେଣ୍ଡର ମହୁ ଉତ୍ପାଦନ କରିବାରେ ସଫଳ ହୋଇଛନ୍ତି। କାଉନ୍‌ସିଲ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍) -ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟିଗ୍ରେଟିଭ ମେଡିସିନ (ଆଇଆଇଆଇଏମ୍)ର ବୈଜ୍ଞାନିକମାନେ ଚାଷୀମାନଙ୍କୁ ଏହି ମହୁ ଉତ୍ପାଦନରେ ସାହାଯ୍ୟ କରୁଛନ୍ତି। ସିଏସ୍‌ଆଇଆର୍-ଆଇଆଇଆଇଏମ୍ ପ୍ରଥମ ପର୍ଯ୍ୟାୟରେ କୃଷକମାନଙ୍କୁ ମହୁବାକ୍ସ ଯୋଗାଇଦେଇଛି। ପୁଲ୍‌ୱାମାର ପାଖାପାଖି ୧୮୦ କୃଷକ ଏବେ ଲାଭେଣ୍ଡର ଚାଷ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୫ ଜଣଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। କୃଷକମାନେ ଉତ୍ପାଦନ କରୁଥିବା ମହୁକୁ 'ତରଳ ସୁନା' କୁହାଯାଉଛି ଏବଂ ୧ କେଜି ମହୁ ୬,୦୦୦ରୁ ୧୨,୦୦୦ ଟଙ୍କାରେ ବିକ୍ରି ହେଉଛି, ଯାହାକି ଅର୍ଗାନିକ ମହୁ ମୂଲ୍ୟଠାରୁ ପାଖାପାଖି ୬ଗୁଣ ଅଧିକ। ଏହା ଯୋଗୁ କୃଷକଙ୍କ ଆୟ ଯଥେଷ୍ଟ ବୃଦ୍ଧି ପାଉଛି। ସିଏସ୍‌ଆଇଆର୍ - ଆଇଆଇଆଇଏମ୍ ଏବେ କଶ୍ମୀରର ଅନ୍ୟ ସବୁ ଅଞ୍ଚଳରେ ୫୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନ ପାଇଁ ସହଯୋଗ କରିବାକୁ ଯୋଜନା କରିଛି।

## ଚିରନ୍ତନୀ

ମଳୟର ମଧୁ ହାସେ ଭାସୁଥିଲା ରଜନୀ
ତୁମେ କିପାଁ ଧୀରପଦେ ଉଭା ହେଲ ସଜନୀ !
ପଞ୍ଚମୀର ଜୋଛନା ବୋଳି ଦେଇ ଆକାଶେ
ନ ଜାଣେ ମୁଁ ଚାହିଁଥିଲି ସେ କାହାର ସକାଶେ ।
ନିବିଡ଼ ଜୋଛନା ତଳେ ଶୋଇଥିଲା ରଜନୀ
ତୁମେ କିପାଁ ଧୀର ପଦେ ଉଭା ହେଲ ସଜନୀ !

-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| 3 | | | | | 5 | | 7 | |
| | 4 | | | | 3 | 5 | 2 | |
| | 2 | | | | | | 9 | 1 |
| | | | | | | | | |
| | 7 | | 5 | | 8 | | | 3 |
| | | 7 | | | | | 4 | 6 |
| | | 6 | | 9 | 7 | | 3 | |
| 2 | | 9 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 1 | 2 | 3 | 5 | 6 | 7 |
| 5 | 7 | 2 | 6 | 8 | 9 | 4 | 3 | 1 |
| 6 | 3 | 1 | 5 | 4 | 7 | 9 | 2 | 8 |
| 9 | 6 | 3 | 8 | 7 | 2 | 1 | 5 | 4 |
| 7 | 2 | 5 | 3 | 1 | 4 | 6 | 8 | 9 |
| 4 | 1 | 8 | 9 | 6 | 5 | 2 | 7 | 3 |
| 3 | 4 | 7 | 2 | 9 | 6 | 8 | 1 | 5 |
| 2 | 8 | 9 | 7 | 5 | 1 | 3 | 4 | 6 |
| 1 | 5 | 6 | 4 | 3 | 8 | 7 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଦିବାସୀ ତାଲିକାରେ ମିର୍ଦ୍ଧା ଜାତିର ସାମ୍ବିଧାନିକ ତ୍ରୁଟି ସଂଶୋଧନ ହେଉ

ମହାଶୟ,

ସରକାର ଆଦିବାସୀମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଆମ୍ଭ ମିର୍ଦ୍ଧା ଜାତି ଆଦିବାସୀ ହୋଇଥିଲେ ମଧ୍ୟ ଓଡ଼ିଶା ଆଦିବାସୀ ତାଲିକାରେ ଥିବା ତ୍ରୁଟି ଯୋଗୁ ମିର୍ଦ୍ଧା ନାମରେ ଜାତି ପ୍ରମାଣପତ୍ର ପାଇପାରୁ ନାହୁଁ । ଆଦିବାସୀ ତାଲିକାରେ ଇଂଲିଶରେ ମିର୍ଦ୍ଧା ଜାତିକୁ MIRDHAS (ମିର୍ଦ୍ଧାସ୍) ବୋଲି ଉଲ୍ଲେଖ ଥିବା ବେଳେ ହିନ୍ଦୀରେ MIRDHA (ମିର୍ଦ୍ଧା) ବୋଲି ଉଲ୍ଲେଖ ଅଛି । ଆମ ଜମିପଟ୍ଟାରେ ମଧ୍ୟ ଜାତି ମିର୍ଦ୍ଧା ବୋଲି ଉଲ୍ଲେଖ ରହିଛି। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ ଏ ଯାଏ ଜାତି ପ୍ରମାଣପତ୍ର ପାଇଁ ବ୍ୟବସ୍ଥା ହୋଇ ପାରି ନାହିଁ। ତେଣୁ ରାଜ୍ୟ ସରକାର ଏ ଦିଗରେ ଧ୍ୟାନଦେଇ ଜାତି ପ୍ରମାଣପତ୍ର ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ ।

-ଗୋବିନ୍ଦ ପଧାନ, ମିର୍ଦ୍ଧାପଡ଼ା, ଲୋଇସିଂହା, ବଲାଙ୍ଗୀର

### ନେତାଙ୍କ ପ୍ରତି ବିଶ୍ୱାସ କମିଯାଉଛି

ବିଭିନ୍ନ ପର୍ବପର୍ବାଣି ହେଉ ବା ଜନ୍ମ ଦିବସର ଅବ୍ୟବହିତ ପୂର୍ବରୁ ଆଗ୍ରହୀ ବ୍ୟକ୍ତି ତାଙ୍କ ଅଞ୍ଚଳର ଏମ୍‌ପି ଓ ବିଧାୟକଙ୍କୁ ଶୁଭକାମନା ଜଣାଇ ପତ୍ରଟିଏ ପ୍ରଦାନ କରିଥାଏ । ମାତ୍ର ଉପରୋକ୍ତ ନେତାଙ୍କଠାରୁ ସାମାନ୍ୟ ପ୍ରତ୍ୟୁତ୍ତରଟିଏ ମିଳେନାହିଁ। ଆମେ ଜାଣୁ ଯେ, ସେମାନଙ୍କ ନିକଟକୁ ଏପରି ଶହ ଶହ ପତ୍ର ଯାଇଥାଏ, ମାତ୍ର ବିଳମ୍ବ ହେଲେ ମଧ୍ୟ ସେମାନଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ ପତ୍ର ପ୍ରେରକଙ୍କ ନିକଟକୁ ପ୍ରତ୍ୟୁତ୍ତର ଦେବା ଜରୁରୀ କି ନୁହେଁ ? ମୁଁ ମଧ୍ୟ ବିଭିନ୍ନ ସମୟରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇ ପତ୍ର ପ୍ରେରଣ କଲେ ମଧ୍ୟ କାହାଠାରୁ ଉତ୍ତରଟିଏ ପାଇପାରୁନାହିଁ। ଏହା ଦ୍ୱାରା ସମ୍ପୃକ୍ତ ନେତାମାନଙ୍କ ପ୍ରତି ପ୍ରଶଂସକଙ୍କ ବିଶ୍ୱାସ କମିବାରେ ଲାଗିଛି।

-ରଘୁନାଥ ନାୟକ, ଗୋପବନ୍ଧୁ ନଗର, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୭ ବିଶ୍ୱବିଦ୍ୟାଳୟରୁ ୬୫୭ ଗବେଷକ, ଅଧ୍ୟାପକ ଯୋଗଦେବେ

ବ୍ରହ୍ମପୁର,୨୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ)



କୁଳପତିଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**୨୭ରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗବେଷଣା ସମ୍ମିଳନୀ**

ଓଡିଶା ଗବେଷଣା ସମ୍ମିଳନୀର ପଞ୍ଚମ ସଂସ୍କରଣକୁ ଚଳିତବର୍ଷ ଆୟୋଜନ କରୁଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। ଆସନ୍ତା ୨୭ ତାରିଖରୁ ଏହା ୩ଦିନ ଧରି ଚାଲିବ। ରାଜ୍ୟ ସରକାରଙ୍କ ଅଧୀନ ୧୭ ବିଶ୍ୱବିଦ୍ୟାଳୟର ୬୫୭ ଗବେଷକ, ଅଧ୍ୟାପକ, ଶିକ୍ଷାବିତ ଏଥିରେ ଯୋଗଦେବେ। ଚଳିତବର୍ଷ ଏତେ ସଂଖ୍ୟକ ଗବେଷକ ଯୋଗଦେବା ଏହା ଓଡିଶା ଗବେଷଣା ସମ୍ମିଳନୀର ଏକ ସର୍ବକାଳୀନ ରେକର୍ଡ। ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ହେବାକୁ ଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଏଣ୍ଡ ଇନୋଭେଶନ ଫେଲୋସିପ ପ୍ରୋଗ୍ରାମ ଅଧିନରେ ଗବେଷଣା ବୃତ୍ତି ପାଉଥିବା ୨୫୭ ଗବେଷକଙ୍କ ସହ ଡିଏସଟି, ଏସଇଆରବି, ଆଇସିଏସଏସଆର, ବିଆରଏନଏସ, ଡିଏଇ, ଡିବିଟିଆଦିପ୍ରମୁଖ ଅନୁଷ୍ଠାନରୁ ଗବେଷଣା ବୃତ୍ତି ପାଉଥିବା ୪ଶହ ଗବେଷକ ଓ ଅଧ୍ୟାପକ ଯୋଗ ଦେଉଛନ୍ତି। ସମ୍ମିଳନୀରେ ଗବେଷଣା ସାରାଂଶ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ଏହାର ଉପଲବ୍ଧତା ସଂପର୍କରେ ବିସ୍ତୃତ ଆଲୋଚନା ସହ ବିଭିନ୍ନ ପେଟେଣ୍ଟ, ଷ୍ଟାର୍ଟଅପ ଇନୋଭେଶନର ଉଦଘାଟନ ହେବା କାର୍ଯ୍ୟକ୍ରମ ରହିଛି। ୮ ବୈଷୟିକ ଅଧିବେଶନ ସହ ରାଜ୍ୟରେ ଗବେଷଣାର ଅଗ୍ରଗତି ସଂପର୍କରେ ଆଲୋଚନା ହେବ। ଏହାସହ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ଗବେଷଣାର ଦିଗ ଓ ଏହାର ସଫଳ ରୂପାୟନ ସମ୍ପର୍କରେ ଶିକ୍ଷାବିତ, ବୈଜ୍ଞାନିକ, ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ବିଶେଷଜ୍ଞମାନେ ମିଳିତ ଭାବେ ବିଚାରବିମର୍ଶ କରିବେ। ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ପୂର୍ବତନ କୁଳପତି, ଜାତୀୟସ୍ତର ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ, ପ୍ରମୁଖ ଶିଳ୍ପ ସଂସ୍ଥାର ବିଶେଷଜ୍ଞ ଓ ବୈଜ୍ଞାନିକ ଯୋଗ ଦେବେ। ସମ୍ମିଳନୀକୁ ସଫଳ କରିବା ପାଇଁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ୧୧ କମିଟି ଗଠିତ ହୋଇଛି।

## ଏନ୍‌ସିସି ପ୍ରତିଷ୍ଠା ଦିବସରେ ଶୋଭାଯାତ୍ରା

ବ୍ରହ୍ମପୁର,୨୪।୧୧ (ସ୍ମୃତି ରଞ୍ଜନ ମହାଲିକ):

ଏନସିସିର ପ୍ରତିଷ୍ଠା ଦିବସ ଅବସରରେ ଏନ୍‌ସିସି ୧୦ମ ଓଡିଶା ବାଟାଲିୟନ ପକ୍ଷରୁ ସାଇକେଲ ଶୋଭାଯାତ୍ରା ଓ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନସିସି ୟୁନିଟ ପକ୍ଷରୁ ୟୁସିପି ଇଞ୍ଜିନିୟରିଂ ସ୍କୁଲଠାରୁ ଧବଳେଶ୍ୱର ଓ ଧବଳେଶ୍ୱରରୁ ବ୍ରହ୍ମପୁର ଯାଏ ସାଇକେଲ ଶୋଭାଯାତ୍ରା ହୋଇଥିଲା। ୟୁନିଟ ଅଫିସର କମାଣ୍ଡିଂ ଲ୍ୟୁଟନାଣ୍ଟ କର୍ଣ୍ଣେଲ ନିତିନ ସହାୟ ଓ ବ୍ରହ୍ମପୁର ଗ୍ରୁପରୁ ଟ୍ରେନିଂ ଅଫିସର ଲ୍ୟୁଟନାଣ୍ଟ କର୍ଣ୍ଣେଲ ଲକ୍ଷ୍ମଣ ଗଣେଶ ଶୋଭାଯାତ୍ରା ଉଦଘାଟନ କରିଥିଲେ। ଏନସିସି ୟୁନିଟ ପକ୍ଷରୁ ଧବଳେଶ୍ୱର ବେଳାଭୂମି ସଫେଇ କରାଯାଇଥିଲା। ଏଥିରେ ୧୦୦ ଜଣ ବାଳିକା ବାଳକ ଏନସିସି କ୍ୟାଡେଟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନିୟର ଜେସିଓ ସୁବେଦାର ସିନ୍ଦେଙ୍କ ସମେତ ଇନିଷ୍ଟ୍ରକର୍ସ ଓ ମିଲିଟାରୀ ଅଧିକାରୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ ମାମଲା
# ୩ ତାମିଲ ଯୁବକଙ୍କୁ ୬ବର୍ଷ ଜେଲ

ବ୍ରହ୍ମପୁର,୨୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ):

ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ଦୌରାଜଜ୍-୩ ବିବସ୍ୱତ ଗୌତମ ଅଭିଯୁକ୍ତ ୩ ତାମିଲ ଯୁବକଙ୍କୁ ୬ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ସେମାନେ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଆଦେଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ତାମିଲନାଡୁ ଟୁଙ୍ଗୁଡ଼ି ଜିଲା କୁଲସୁକଣ୍ଡପାଟନମ ଥାନା ଅଞ୍ଚଳର ଏମ.ମେଥୁନ୍‌ରାଜ(୨୩), ଏମ. କୌସର (୧୯) ଓ ପି.ସୁନ୍ଦର (୨୨)।

ଗତ ଫେବୃଆରୀ ୧୩ ତାରିଖ ସକାଳ ୬ଟାରେ ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ସବ୍‌ଇନ୍ସପେକ୍ଟର ବି.ମନୋଜ କୁମାର ଓ ତାଙ୍କ ଟିମ ବ୍ରହ୍ମପୁର ଗୁଡ୍ସସେଡ ରୋଡରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଅଭିଯୁକ୍ତ ତାମିଲ ଯୁବକମାନେ ଏୟାରବ୍ୟାଗ ଧରି ୪ ନଂ. ପ୍ଲାଟଫର୍ମ ରାସ୍ତାରେ ଷ୍ଟେଶନକୁ ଯାଉଥିଲେ। ଅବକାରୀ ଟିମ୍ ସନ୍ଦେହରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ୩ ଜଣଙ୍କ ବ୍ୟାଗରୁ ୧୨ କେଜି ଗଞ୍ଜେଇ ମିଳିଥିଲା। ସେମାନେ କନ୍ଧମାଳରୁ ଗଞ୍ଜେଇ ନେଇ ତାମିଲନାଡୁ ଯାଉଥିଲେ। ଗିରଫ ପରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ମାମଲାର ବିଚାର ବେଳେ ୪ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ଜାତୀୟ କର୍ମଶାଳା

ବ୍ରହ୍ମପୁର,୨୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଏକ ଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଜାତୀୟ ବୈଷୟିକ ଅନୁଷ୍ଠାନର ବରିଷ୍ଠ ପ୍ରଧ୍ୟାପକ ଡକ୍ଟର ଦେବାଶିଷ ମିଶ୍ର, ମୁଖ୍ୟବକ୍ତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଧ୍ୟାପକ ଡ. ପବିତ୍ର କୁମାର ଜେନା, ସମ୍ମାନନୀୟ ଅତିଥି ରୂପେ ଅନୁଷ୍ଠାନର କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ ଓ ଛାତ୍ରୀଛାତ୍ର କଲ୍ୟାଣ ଅଧିକାରୀ ଡକ୍ଟର ଉଷାରାଣୀ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟକ୍ଷ ବିପରୀତ ଶାସ୍ତ୍ର ଆଜି କେମିତି ରାଷ୍ଟ୍ର ଭିତରେ ସୁଉପଯୋଗୀ ହୋଇପାରିବ ତା'ଉପରେ ଆଲୋକପାତ କରିଥିଲେ। କୁଳ ସଚିବ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କିଭଳି କଲ୍ୟାଣମୟ ହେବ ତା' ଉପରେ କହିଥିଲେ। ବିପରୀତ ଶାସ୍ତ୍ର ଓ ତା'ର ପ୍ରୟୋଗ ଉପରେ ମୁଖ୍ୟ ଅତିଥି କହିଥିଲେ । ମୁଖ୍ୟବକ୍ତା ଡ. ଜେନା ଗଣିତ କିପରି ପ୍ରତ୍ୟେକ କ୍ଷେତ୍ରରେ ବିପରୀତ ଜ୍ଞାନ କୌଶଳକୁ ପ୍ରୟୋଗ କରି ପୁଣି ସେହି ଜିନିଷର କାର୍ଯ୍ୟକାରୀ ରାଷ୍ଟ୍ର ଭିତରେ ହୋଇପାରିବ ତା' ଉପରେ ମତ ରଖିଥିଲେ । ଅଧ୍ୟାପକ ଅଶୋକ ମୁଦୁଲି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଚିନ୍ମୟ ରାଉତ, ଛାତ୍ରୀଛାତ୍ର ପ୍ରତିନିଧି ମାନସୀ ସ୍ୱାଇଁ , କୁନ୍ଦନ କୁମାର ବାଗ ,ସମୀର କୁମାର ସାହୁ,କୁନୁ ପଣ୍ଡା ,ବିଶ୍ୱଜିତ ପାଢ଼ୀ, ଲିପ୍ସିତା ବେହେରା, ସ୍ୱାତୀ ସମ୍ପ୍ରୀତି ତ୍ରିପାଠୀ, ସଜିତ ଶତ୍ରୁସଲ୍ୟ, ରଶ୍ମି ଜେନା, ବର୍ଷା ରାଣୀ ବେହେରା , ଜଗନ୍ନାଥ ଚୌଧୁରୀ ସହଯୋଗ କରିଥିଲେ।

# ଫାଇନାଲରେ ଫୁଲବାଣୀ ଚାମ୍ପିୟନ

ବ୍ରହ୍ମପୁର,୨୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

**ଆନ୍ତଃ ମହାବିଦ୍ୟାଳୟ ଫୁଟବଲ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ମିନି ଷ୍ଟାଡିୟମ ଠାରେ ୫୩ ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଫୁଟବଲ ପ୍ରତିଯୋଗିତା କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ କଲେଜର ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଫୁଲବାଣୀ ସରକାରୀ ମହାବିଦ୍ୟାଳୟ ସହ ଜି.ଉଦୟଗିରୀର କଳିଙ୍ଗ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା । ୩-୦ ଗୋଲରେ ଫୁଲବାଣୀ ଚାମ୍ପିୟନ ହୋଇଥିଲା। ଫୁଲବାଣୀ ଦଳର ପଙ୍କଜ କହଁର ୨ ଟି ଗୋଲ ଓ ସୁଦୀପ୍ତ କହଁର ଗୋଟିଏ ଗୋଲ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ପରିଷଦର ସଭ୍ୟ ତଥା ଗଞ୍ଜାମ ଜିଲା ଆଥଲେଟିକ ସଂଘର ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ ଯୋଗ ଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ବିନାୟକ ଆଚାର୍ଯ୍ୟ କଲେଜ ପି ଇ ଟି ଗୌରୀ ଶଙ୍କର ପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନର ଡ଼.କୁଶ କୁମାର ନାୟକ, କ୍ରୀଡ଼ା ପରିଷଦ ସଭ୍ୟ ଶିବାନନ୍ଦ ବର୍ମା, ରାଜେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ଭାବେ ଟି.ରମେଶ ଓ ରମେଶ ଚନ୍ଦ୍ର ବେହେରା, ଲାଇନମ୍ୟାନ ଭାବେ ଅଭିମନ୍ୟୁ ବେହେରା ଓ ରଞ୍ଜିତ ପାତ୍ର ଦାୟିତ୍ୱ ତୁଲାଇଥିବା ବେଳେ ଜଗନ୍ନାଥ ଚୌଧୁରୀ,ସୁନିତା ପାତ୍ର,ଧନେଶ୍ୱର ଦାସ ସହଯୋଗ କରିଥିଲେ।


# ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ୨ ଛାତ୍ରୀଛାତ୍ରଙ୍କ ସଫଳତା




ବ୍ରହ୍ମପୁର,୨୪।୧୧
(ସ୍ମୃତି ରଞ୍ଜନ ମହାଲିକ):

**ରାଜ୍ୟସ୍ତରୀୟ ସ୍କେଟିଂ ଚାମ୍ପିୟନଶିପ**

ରାଜ୍ୟସ୍ତରୀୟ ସ୍କେଟିଂ ଚାମ୍ପିୟନଶିପ୍‌ରେ ବ୍ରହ୍ମପୁର ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ୨ ଛାତ୍ରଛାତ୍ର ସଫଳତା ହାସଲ କରିଛନ୍ତି। ଛାତ୍ର ଶ୍ରୀୟାଂଶ ପଣ୍ଡା ସ୍କେଟିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଛାତ୍ରୀ ରିତିଷା ପଣ୍ଡା ୫୦୦ ମିଟର ସ୍କେଟିଂ ରେସିଂରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏମାନଙ୍କ କଠିନ ପରିଶ୍ରମ, ଦୃଢ ସଂକଳ୍ପ ଓ ମନୋଭାବ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ହୋଇଛି। ଯାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କ ଅଭିଭାବକ ଓ ପ୍ରଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।






## ସଂକ୍ଷେପରେ

### ପାଣିରେ ବୁଡ଼ି ନାବାଳକ ମୃତ

ଧରାକୋଟ,୨୪।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଖାଲରେ ଜମିଥିବା ପାଣିରେ ଗାଧୋଇବାକୁ ଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରାକୋଟ ବ୍ଲକ ସିଙ୍ଗିପୁର ପଞ୍ଚାୟତ ଅନ୍ତର୍ଗତ କଇଁଠିରା ଗ୍ରାମର ବାୟା ନାୟକଙ୍କ ପୁଅ ଆୟୁଷ (୧୨)। ଆୟୁଷ ରବିବାର ଓଳମ୍ବା ପଞ୍ଚାୟତ ମହୁଲପଲ୍ଲୀ ଗ୍ରାମକୁ ତାଙ୍କ ପିଉସାଙ୍କ ଘରକୁ ଭୋଜି ଖାଇବା ପାଇଁ ଆସିଥିଲେ। ସୋମବାର ସକାଳୁ ମହୁଲପଲିର କେତେଜଣ ସାଙ୍ଗଙ୍କ ସହିତ ସେ ଗାଁଠାରୁ କେନ୍ଦୁପଲି ଯିବା ରାସ୍ତାରେ ଥିବା ଏକ ଖାଲକୁ ଗାଧୋଇବା ପାଇଁ ଯାଇଥିଲେ। ଖାଲ ପାଣିରେ ପଶିଯାଇ ସେ ବାହାରକୁ ବାହାରି ପାରି ନଥିଲେ। ଘଟଣା ସମ୍ପର୍କରେ ସାଙ୍ଗମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଘର ଲୋକ ଖାଲରୁ ଆୟୁଷଙ୍କୁ ବାହାର କରି ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବଡଗଡ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ପାରିବାରିକ କଳହରୁ ଆତ୍ମହତ୍ୟା

ଖଜୁରିପଡ଼ା,୨୪।୧୧ ( ବିଦୁର ବେହେରା) ଖଜୁରିପଡ଼ା ଥାନା ଅଧୀନରେ ପାରିବାରିକ କଳହରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଆଡ଼ାସିପଡ଼ା ପଞ୍ଚାୟତର ବଡ଼ ଭୂଇଁଦଳପଡ଼ା ଗ୍ରାମର ସ୍ୱାମୀ ନିମାଇଁ ସାହାଣୀ ଓ ସ୍ତ୍ରୀ ଝିଲି ସାହାଣୀ (୩୦) ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ଯାହାର ପରିଣାମ ରବିବାର ଦିନ ଦେଖା ଦେଇଛି। ରବିବାର ରାତିରେ ସ୍ୱାମୀ ସ୍ତ୍ରୀ ଗଣ୍ଡଗୋଳ ହେବାରୁ ସ୍ତ୍ରୀ ଝିଲି ବିଷାକ୍ତ ଦ୍ରବ୍ୟ ଖାଇ ଦେବାରୁ ପରିବାର ଲୋକେ ତାଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ସୋମବାର ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଦିଅର ଟିପେଇ ସାହାଣୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧୬/୨୫ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ.ଆଇ ଦୀନବନ୍ଧୁ ପ୍ରଧାନ ସୂଚନା ଦେଇଛନ୍ତି।

### ପୋଷ୍ଟ ଅଫିସରୁ ଚୋରି ଉଦ୍ୟମ

ଆସିକା,୨୪।୧୧(ସୁରେନ୍ଦ୍ର ନାଥ ସାହୁ): ଆସିକା ସହର ଉପକଣ୍ଠ ଚିନିଶିଳ୍ପ ସଂଲଗ୍ନ ନୂଆଗାଁ ପୋଷ୍ଟ ଅଫିସରୁ ରବିବାର ରାତିରେ ଚୋରି ଉଦ୍ୟମ ହୋଇଛି । ଦୁର୍ବୃତ୍ତ କାର୍ଯ୍ୟାଳୟର ଗୋଟିଏ ତାଲା ଭାଙ୍ଗି ଦେଇଥିଲା ବେଳେ ଅନ୍ୟ ଏକ ତାଲା ଭାଙ୍ଗି ନ ପାରି ଚାଲିଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ଆସିକା ଡାକ ଅଧିକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିଲ୍ଲୀପ କୁମାର ବେହେରା ଉକ୍ତ ଡାକଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରଛନ୍ତି। ଡାକ ବିଭାଗ ପକ୍ଷରୁ ମଧ୍ୟ ସଂପୃକ୍ତ ଶାଖା ଡାକଘରେ ବିଧିବଦ୍ଧ ତଦନ୍ତ ପୂର୍ବକ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଅଧିକ୍ଷକ ବେହେରା ସୂଚନା ଦେଇଛନ୍ତି। ଅଧିକ୍ଷକଙ୍କ ମୌଖିକ ଅଭିଯୋଗକ୍ରମେ ଆସିକା ଥାନା ଅଧିକାରୀ କୁଳମଣି ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଚଳିତ ମାସ ଆରମ୍ଭରୁ ଆସିକା ଡାକମଣ୍ଡଳ ଅନ୍ତର୍ଗତ ହିଞ୍ଜିଳିକାଟୁ, ସୋରଡା ଓ ଆସିକାରେ ଏଭଳି ଚୋରି ଉଦ୍ୟମ ହୋଇଥିବାରୁ ଏଥିରେ ଏକ ର୍ୟାକେଟର ସଂପୃକ୍ତି ଥିବା ସନ୍ଦେହ କରାଯାଉଛି।

## ପୁରୁଷୋତ୍ତମପୁର ସବ୍‌ରେଜିଷ୍ଟ୍ରାର ଅଫିସରେ ଜମି ଦୁର୍ନୀତି

# ଜାଲ ଆଧାରକାର୍ଡ ଦେଇ ନକଲି ପଟ୍ଟାଦାର ବିକିଦେଲେ ଚାଷଜମି

ପୁରୁଷୋତ୍ତମପୁର, ୨୪।୧୧(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସବ୍‌ରେଜିଷ୍ଟର ଅଫିସରେ ଜମି ପଞ୍ଜୀକରଣରେ ଦୁର୍ନୀତି ହୋଇଛି। ଜାଲ ଆଧାରକାର୍ଡ ଦେଇ ନକଲି ପଟ୍ଟାଦାର ଜଣକ ଚାଷଜମି ବିକି ଦେଇଥିବା ଏବେ ପଦାକୁ ଆସିଛି। ଜମିର ପ୍ରକୃତ ମାଲିକ ବୋଲି ଅନ୍ୟ ଜଣକୁ ଦେଖାଇ ଜମି ସବ୍‌ରେଜିଷ୍ଟର ଅଫିସରେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ତେବେ ଘଟଣାରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି।

ଖବରରୁ ପ୍ରକାଶ, ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ ରାଣୀଗାଁ ମୌଜାରେ ବଡବରଗାଁର ତେଲେଙ୍ଗା ସମ୍ପ୍ରଦାୟର ଦଣ୍ଡପାଟ ବାଉରିଦୋରା, ବାପା ଦଣ୍ଡପାଟ କ୍ରିଷ୍ଣାମା ଦୋରାଙ୍କ ନାମରେ ଖାତା ନଂ. ୩୯୦ରେ ୨ଟି ପ୍ଲଟରେ ଥିବା ବିଲ ପ୍ଲଟ ନଂ.୩୦୬୨ (ପଥୁରୀ) ବିଲ ଦୋଫସଲିରେ ଏରିଆ ୦.୩୪୦ ଡେସିମିଓ ପ୍ଲଟ ନଂ.୩୦୬୩ (ପଥୁରୀ) ବିଲରେ ୦.୪୫୩ ଡେସିମି ରହିଛି। ପ୍ରକୃତ ଜମି ମାଲିକ ବାଉରିଦୋରାଙ୍କ ପରିବର୍ତ୍ତେ ଅନ୍ୟ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଆଣି ଜମିମାଲିକ ବୋଲି ଦର୍ଶାଇ ପୁରୁଷୋତ୍ତମପୁର ତହସିଲ, କବି ସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୀରଜଗନ୍ନାଥପୁର ଗ୍ରାମର ଭାଗ୍ୟଲତା ମହାପାତ୍ର, ସ୍ୱାମୀ ସରୋଜ ଦାଶଙ୍କୁ ଗତ ଜୁନ ୬ ତାରିଖରେ ବିକ୍ରି କରାଯାଇଛି। ଏହାର ରେଜିଷ୍ଟ୍ରେସନ ଡକୁମେଣ୍ଟ ନଂ. ୧୦୬୮୨୫୦୧୨୮୫ ରହିଛି। ମାତ୍ର ବାଉରୀ ଦୋରା ଦର୍ଶାଇ ପ୍ରମାଣପତ୍ର ଭାବରେ ଦାଖଲ କରାଯାଇଥିବା ଆଧାରକାର୍ଡ ନଂ ୩୩୯୨୭୨୧୦୫୪୩୮ରେ ଜନ୍ମତାରିଖ ୧।୧।୧୯୪୯ ରହିଥିବାବେଳେ ଏହି ଆଧାର କାର୍ଡ ନମ୍ବର ଥାଇ ଅନ୍ୟ ଜଣେ ବ୍ୟକ୍ତି କୋଲାସିଙ୍ଗି ଗ୍ରାମରେ ଅଛନ୍ତି। ସେ ହେଉଛନ୍ତି ପି.ମହେନ୍ଦ୍ର ଦୋରା, ବାପା ପି.ରାମଚନ୍ଦ୍ର ଦୋରା। ତାଙ୍କ ଆଧାର କାର୍ଡ ନଂ. ୩୩୯୨୭୨୧୦୫୪୩୮। ଜନ୍ମ ତାରିଖ ମଧ୍ୟ ୧।୧।୧୯୪୯ ରହିଛି। ଏପରିକି ତାଙ୍କର କୋଲାସିଙ୍ଗି ମୌଜାରେ ଜମିବାଡି ରହିଥିବା ମଧ୍ୟ ଜଣାପଡ଼ିଛି। ଅନ୍ୟପକ୍ଷରେ ଜମି ପଞ୍ଜୀକରଣ ବେଳେ ନକଲି ଜମିମାଲିକଙ୍କ ଫଟୋ ରେଜିଷ୍ଟ୍ରେସନ ଦସ୍ତାବିଜରେ ଲଗାଯାଇଛି। ତାଙ୍କ ସମେତ ୪ ଜଣ ପୁରୁଷୋତ୍ତମପୁର ଗଡସାହିର କେଶାର୍ପୁ ଆମୋଜିଆମ୍ମା ଦୋରା, ସ୍ୱାମୀ କେଶାର୍ପୁ ରଘୁନାଥ ଦୋରା, କେଶାର୍ପୁ ନିଶାରାଣୀ ଦୋରା, ସ୍ୱାମୀ କେଶାର୍ପୁ ଲକ୍ଷ୍ମୀ ନାରାୟଣ ଦୋରା, କେଶାର୍ପୁ ଶ୍ରୀରାମ ଦୋରା, ବାପା କେଶାର୍ପୁ ଲକ୍ଷ୍ମୀ ନାରାୟଣ ଦୋରା ଏହି ଜମିର ବିକ୍ରେତା ଭାବରେ ରହିଛନ୍ତି। ଏଦିଗରେ ରାଜସ୍ୱ ବିଭାଗ ଅଧିକାରୀ ଓ ଗଞ୍ଜାମ ଜିଲାପାଳ ଗୁରୁତ୍ୱ ଦେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ସବ୍ ରେଜିଷ୍ଟ୍ରାର କାଳୀପ୍ରସାଦ ଧଳଙ୍କୁ ପଚାରିବାରୁ ସେ କହିଲେ, ଏପରି ଅନିୟମିତତା ସମ୍ପର୍କରେ ବର୍ତ୍ତମାନ ସୁଧା କୌଣସି ଅଭିଯୋଗ ଆସିନାହିଁ। ରେଜିଷ୍ଟ୍ରେସନ ସମୟରେ ବିକ୍ରେତା ତାଙ୍କର ଆଧାର କାର୍ଡ ଦେଖାଇଥିଲେ, ଯାହା ଦ୍ୱାରା ରେଜିଷ୍ଟ୍ରେସନ କରାଯାଇଥିଲା। ବର୍ତ୍ତମାନ ଗୋଟିଏ ଆଧାର କାର୍ଡ ନମ୍ବର ଥାଇ ୨ଜଣ ବ୍ୟକ୍ତି ରହିଥିବା ଜଣିବାକୁ ପାଇଲି। ଏହାର ତଦନ୍ତ କରାଯିବ। ସତ୍ୟାସତ୍ୟ ପ୍ରମାଣିତ ହେଲେ ରେଜିଷ୍ଟ୍ରେସନ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବ। ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ନାମରେ ଥାନାରେ ଏତଲା ହେବ ବୋଲି ଧଳ କହିଛନ୍ତି।






ସମାନ ନାମରେ ଥିବା ଆଧାରକାର୍ଡ। ଜାଲ୍ ବ୍ୟକ୍ତିଙ୍କ ଦ୍ୱାରା ବିକ୍ରି ଦସ୍ତାବିଜ।

### ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ହେବ: ସବ୍ ରେଜିଷ୍ଟ୍ରାର

## ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୧୧.୩ ଡିଗ୍ରୀ

### ଘନକୁହୁଡ଼ି ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ଜି.ଉଦୟଗିରି, ୨୪।୧୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠି) ଜି.ଉଦୟଗିରିରେ ଶୀତର ପ୍ରକୋପ ଜାରି ରହିଛି। ସୋମବାର ସର୍ବନିମ୍ନ ତାପମାତ୍ରା ୧୧. ୩ ଡିଗ୍ରୀ ରେକର୍ଡ କରାଯାଇଛି। ଏହାସହ ଘନ କୁହୁଡ଼ି ଯୋଗୁ ଯାନବାହାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ବାହାର ରାଜ୍ୟରୁ ଅସିଥିବା ପର୍ଯ୍ୟଟକମାନେ ଶୀତ ସାଙ୍ଗକୁ ଘନ କୁହୁଡ଼ିର ମଜା ନେଉଛନ୍ତି। ଜି.ଉଦୟଗିରି ଓ ଆଖପାଖ ଅଞ୍ଚଳର ପର୍ଯ୍ୟଟନ ସ୍ଥଳ ଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି। କଳିଗାଡୁ ହିଲଟପ୍‌ରେ ପର୍ଯ୍ୟଟକମାନେ ସୁନ୍ଦର ପରିବେଶର ମଜା ନେଉଛନ୍ତି। ପର୍ଯ୍ୟଟନ ସ୍ଥଳ ହିଲଟପ୍‌ର ଉନ୍ନତିକରଣ ପାଇଁ ଆସିଥିବା ଟଙ୍କାର ସୁବିନିଯୋଗ କରି ଅତିଶୀଘ୍ର ଏହାର ବିକାଶ କରିବା ପାଇଁ ସାମଜିକ କର୍ମୀ ହୃଷିକେଶ ପ୍ରଧାନ ଦାବି କରିଛନ୍ତି।

## ପ୍ରାର୍ଥନା ବେଳେ ୧୮ ଶିକ୍ଷକଙ୍କ ଅନୁପସ୍ଥିତି ନେଇ କ୍ଷୁବ୍ଧ

ଟିକିଟି,୨୪।୧୧(ପ୍ରକାଶ ଚନ୍ଦ୍ର ସାହୁ): ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସୋମବାର ଟିକିଟି ପେଣ୍ଠସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ସୋମବାର ପୂର୍ବାହ୍ନରେ ପରିଦର୍ଶନରେ ଯାଇଥିଲେ। ସେ ସମୟରେ ଛାତ୍ରୀଛାତ୍ରମାନେ ପ୍ରାର୍ଥନା କରୁଥିବା ବେଳେ ବିଦ୍ୟାଳୟର ୨୦ଜଣ ଶିକ୍ଷକଙ୍କ ମାତ୍ର ୨ ଜଣ ଉପସ୍ଥିତ ଥିବା ଜାଣିବା ପରେ ବିଧାୟକ ବିରକ୍ତି ପ୍ରକାଶ କରିଥିଲେ । ୧୮ ଶିକ୍ଷକଙ୍କ ଅନୁପସ୍ଥିତି ନେଇ ସେ ବ୍ଲକ ଶିକ୍ଷାଧିକାରୀ ପନ୍ନଗ ଭୂଷଣ ମାଝୀଙ୍କୁ ଜଣାଇଥିଲେ। ବ୍ଲକ ଶିକ୍ଷାଧିକାରୀ ପହଞ୍ଚି ଶିକ୍ଷକ ଉପସ୍ଥାନକୁ ଯାଞ୍ଚ କରିବାରୁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ବିନା ଦରଖାସ୍ତରେ ଅନୁପସ୍ଥିତ ଥିବା ଜଣାପଡିଥିଲା । ଏହାପରେ ବିଳମ୍ବରେ ସମସ୍ତ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବା ପରେ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା । ମଙ୍ଗଳବାଠାରୁ ନିର୍ଦ୍ଧାରିତ ସମୟ କିମ୍ବା ପ୍ରାର୍ଥନା ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲରେ ପହଞ୍ଚିବାକୁ ବିଧାୟକ ତାଗିଦ୍ କରିଥିଲେ। ସେହିପରି ବିନା କାରଣରେ ଅନୁପସ୍ଥିତ ୨ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିର୍ଦ୍ଧାରିତ ସମୟରେ ଆସନ୍ତି। କିନ୍ତୁ ଆଜି କେବଳ ୫ ମିନିଟ ବିଳମ୍ବରେ ଆସିଥିଲେ ବୋଲି କହିଛନ୍ତି।


ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଉପସ୍ଥିତିରେ ଚାଲିଥିବା ବୈଠକ।

### ବିଧାୟକଙ୍କ ବିଦ୍ୟାଳୟ ପରିଦର୍ଶନ

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ମୋହନା,୨୪।୧୧(ମନ୍ମଥ ମିଶ୍ର): ମୋହନା ବ୍ଲକ ଅନ୍ତର୍ଗତ ଖାରିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେନ୍ଦ୍ର କୁମାର ବେହେରା ମେଳାକୁ ଉଦଘାଟନ କରିଥିଲେ। ପ୍ରାଥମିକ ଓ ମାଧ୍ୟମିକସ୍ତରର ମୋଟ ୩ଟି ବିଭାଗରୁ ୧୫ ବିଦ୍ୟାର୍ଥୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩ ଜଣ ବିଦ୍ୟାର୍ଥୀ ବ୍ଲକ ସ୍ତରକୁ ମନୋନୀତ ହୋଇଥିଲେ।ପରିବେଶ ଶିକ୍ଷା ସଚେତନତା ଉପରେ ସଲମାନ ସିଂ, ରାଷ୍ଟ୍ରିୟ ଆବିଷ୍କାର ଅଭିଯାନ ଉପରେ ଚରଣ ଦିଗାଲ ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉପରେ ଅଞ୍ଜନା ବନ୍ଧନ ବିଚାରକ ମଣ୍ଡଳୀ ଦ୍ୱାରା ମନୋନୀତ ହୋଇଥିଲେ। ଏହି ପ୍ରକଳ୍ପଗୁଡ଼ିକୁ ବିଜ୍ଞାନ ଶିକ୍ଷକ ରବିନ୍ଦ୍ର ନାଥ ସେଠୀ, ଅମର କୁମାର ବେହେରା, ସୁକାନ୍ତ କୁମାର ବେହେରା, ନାଭିଦତ୍ୟ ଦଣ୍ଡସେନା, ରମେଶ ଚନ୍ଦ୍ର ନାୟକ, ଅଜୟ କୁମାର ଗୌଡ଼, ଭାଗ୍ୟ ଶବର, ପ୍ରଭଞ୍ଜନୀ ଶବର, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି, ସଦସ୍ୟ ଏବଂ ଶିକ୍ଷାବିତ ବାଲାଜୀ ନାୟକ ପ୍ରମୁଖ ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ପାଠ ପଢ଼ାଇଲେ ବିଡିଓ



ଧରାକୋଟ,୨୪।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବିଡିଓ ସଂଗ୍ରାମ କେଶରୀ ଜେନା ସୋମବାର ବାହାରପୁରସ୍ଥିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଦଶମ ଶ୍ରେଣୀ ପିଲାଙ୍କୁ ବୀଜ ଗଣିତ, ସହଜ ସରଳ ସମୀକରଣ,ସମାନ୍ତର ଓ ପ୍ରଗତି ବିଷୟରେ ପଢାଇଛନ୍ତି। ଦଶମ ଶ୍ରେଣୀରେ ଏବେ ୬୬ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବାହାରପୁର ପଞ୍ଚାୟତରେ ସୋମବାର ଜନ ଶୁଣାଣି କାର୍ଯ୍ୟକ୍ରମ ରହିଥିବାରୁ ପ୍ରଧାନ ଶିକ୍ଷକ ରାଧା ମୋହନ ତ୍ରିପାଠୀ, ଭବାନୀ ଶଙ୍କର ବେହେରା, ନନ୍ଦରାଜ ପ୍ରଧାନ ପ୍ରମୁଖ ସେଠାରେ ଉପସ୍ଥିତ ରହି ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଜଣାଇଥିଲେ। ପରେ ବିଡିଓ ନିଜେ ବିଦ୍ୟାଳୟରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଗଣିତ ପାଠ ପଢ଼ାଇବା ପାଇଁ ଚାହିଁବାରୁ ଗଣିତ ଶିକ୍ଷକ ମିହିର ପ୍ରସାଦ କର ତାଙ୍କୁ ଦଶମ ଶ୍ରେଣୀକୁ ନେଇଥିଲେ। ସେଠାରେ ଅତି ସରଳ ପଦ୍ଧତିରେ ବିଡିଓ ପିଲାଙ୍କୁ ପାଠ ପଢ଼ାଇବା ସହ ବିଦ୍ୟାଳୟର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପାଚେରି, ବାଳିକା କମନ ରୁମ, ଶ୍ରେଣୀଗୃହ ଅଭାବ ଓ କେତେକ ଶ୍ରେଣୀ ଗୃହ ଅସମ୍ପୂର୍ଣ୍ଣ ଥିବା ଶିକ୍ଷକ ଡାକ ବେହେରା, ସୁଶାନ୍ତ କୁମାର ରଥ ଓ ଭାଗିରଥି ବେହେରା ଜଣାଇଥିଲେ। ତୁରନ୍ତ ସମସ୍ୟାର ସମାଧାନ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

## ଜିଲାପାଳଙ୍କ ବଟେଶ୍ୱର ପୀଠ ପରିଦର୍ଶନ

### ଉନ୍ନୟନ କାର୍ଯ୍ୟ କଲେ ସମୀକ୍ଷା


ବଟେଶ୍ୱର ପୀଠ ପରିଦର୍ଶନ କରୁଛନ୍ତି ଜିଲାପାଳ

ଗଞ୍ଜାମ,୨୪।୧୧(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ନିକଟରେ ଥିବା ପ୍ରସିଦ୍ଧ ବଟେଶ୍ୱର ପୀଠକୁ ସୋମବାର ଜିଲାପାଳ ଭି.କୀର୍ତ୍ତି ଭାସନ ପରିଦର୍ଶନ କରିବା ସହ ଠାକୁରଙ୍କୁ ଦର୍ଶନ କରିଛନ୍ତି। ଉପଜିଲାପାଳ ଶିବାଶିଷ ବରାଳ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ ପ୍ରମୁଖ ଉପସ୍ଥିତ ଥିଲେ। ଦର୍ଶନ ପରେ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ ପଲାଇ, ଶିବରାମ ପଲେଇ, ନିରାକାର ଜେନାଙ୍କ ସହ ଜିଲାପାଳ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ପରେ ବଟେଶ୍ୱର ପୀଠ ନିକଟରେ ଥିବା ବଙ୍ଗୋପସାଗର ବେଳାଭୂମି ବୁଲି ଦେଖିଥିଲେ। ବେଳାଭୂମି କିଭଳି ବିକାଶ ହୋଇପାରିବ ତାର ଡିପିଆର ପ୍ରସ୍ତୁତ କରିବା ପାଇଁ ବିଡ଼ିଓଙ୍କୁ ପରାମର୍ଶ ଦେଇଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକ କିପରି ଆକୃଷ୍ଟ ହେବେ ସେଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଜିଲାପାଳ କହିଥିଲେ।

## ୬୫ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ଖଜୁରିପଡ଼ା,୨୪।୧୧ (ବିଦୁର ବେହେରା) ଖଜୁରିପଡ଼ା ଥାନା ଅଞ୍ଚଳ ଟିଗ୍ରାପଙ୍ଗା ପଞ୍ଚାୟତର ଭୁଲ୍ଲାକନାଲି ନାଳ ଏବଂ ଆଡାସିପଡ଼ା ପଞ୍ଚାୟତର ପ୍ରଧାନପଡ଼ା ନାଳରେ ୬୫ ଏକର ଜମିରେ ଲାଗିଥିବା ଗଞ୍ଜେଇ ଗଛକୁ ପୋଲିସ ନଷ୍ଟ କରିଛି। ଡ୍ରୋନ କ୍ୟାମେରାର ସହାୟତା ଗଞ୍ଜେଇ ଲାଗିଥିବା ସ୍ଥାନରେ ପହଞ୍ଚି ଗଛ ଗୁଡ଼ିକୁ କାଟି ପୋଡ଼ି ଦିଆଯାଇଛି। ପୋଲିସ ଏବଂ ଅବକାରୀ ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ଚଢ଼ାଉ କରାଯାଇ କେଶ୍ ୨୬୫/୨୫ ମାମଲା ରୁଜୁ କରାଯାଇଥିବା ଏସ୍‌ଆଇ ଦୀନବନ୍ଧୁପ୍ରଧାନ ସୂଚନା ଦେଇଛନ୍ତି।

### ଘୋଡ଼ାହାଡ଼ ଡ୍ୟାମ୍‌ରୁ ଛଡ଼ାଯିବ ପାଣି

## ନଦୀ ତଟବର୍ତ୍ତୀ ଗ୍ରାମରେ ସତର୍କ ସୂଚନା ଜାରି

ଦିଗପହଣ୍ଡି,୨୪।୧୧(ଅଶେଷ ନାଥ ମିଶ୍ର) ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ଗୁରୁବାର ଠାରୁ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ଅଧୀନ ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ଼ ଜଳସେଚନ ଉପ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯେକୌଣସି ମୁହୂର୍ତ୍ତରେ ଡ୍ୟାମ୍‌ରୁ ସ୍ପିଲ୍ ୱେ ମୁଖ୍ୟ ଫାଟକ ଦେଇ ନଦୀକୁ ପାଣି ଛଡ଼ାଯିବ ବୋଲି ତଟବର୍ତ୍ତୀ ଗୋଲଣ୍ଡା, ମଧୁବନ, ସେବକ ଟିକରପଡ଼ା, କଇଁଠଖଣ୍ଡି, ବୁରିପଦର, ପେଣ୍ଠା, ତଲାସିଙ୍ଗି, ଗୁମା ଆଦି ଗ୍ରାମବାସୀଙ୍କୁ ସୋମବାର ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଜାରି କରାଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ସୋମବାର ସକାଳ ସୁଦ୍ଧା ଜଳଭଣ୍ଡାରରେ ୯୯ ଭାଗ ଅର୍ଥାତ୍ ୧୧୭.୬୬ ମିଟର ପାଣି ଗଚ୍ଛିତ ଥିବା ଜଳସମ୍ପଦ ଉପନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ କହିଛନ୍ତି।

## ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱ

କବିସୂର୍ଯ୍ୟନଗର, ୨୪।୧୧(କୃପାସିନ୍ଧୁ ସ୍ୱାଇଁ) ବିଦେଶୀ ଦ୍ରବ୍ୟ ବର୍ଜନ ସହ ସ୍ୱଦେଶୀ ଆପଣେଇବା ବାର୍ତ୍ତା ନେଇ ସୋମବାର ଡା. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡା.ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଆସିକା ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ଅଧାପକ ହେମନ୍ତ ଗନ୍ତାୟତ, ସମ୍ମାନିତ ଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ଅଶୋକ ଜେନା ଓ ବିଶ୍ୱଜିତ ମହାପାତ୍ର ଉପସ୍ଥିତ ରହି ପ୍ରତିଘରେ ସ୍ୱଦେଶୀ ସାମଗ୍ରୀ ଆପେଣେଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍ୱଦେଶୀ ସଂକଳ୍ପ ପତ୍ର ପୂରଣ କରିବା ସହ ଶପଥ ପାଠ କରିଥିଲେ।

## ପ୍ରତିଷ୍ଠା ଦିବସ ପାଳିଲା ନୂଆସାହି ବାପିଷ୍ଟ ମଣ୍ଡଳୀ

ଜି.ଉଦୟଗିରି,୨୪।୧୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ନୂଆସାହି ସ୍ଥିତ ଖ୍ରୀଷ୍ଟ ସମ୍ପ୍ରଦାୟର ବାପିଷ୍ଟ ମଣ୍ଡଳୀର ୧୦୬ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ଚର୍ଚ୍ଚର ପାଳକ ଆଚାର୍ଯ୍ୟ କ୍ଷମାଶିଳ ବାଗଙ୍କ ତତ୍ତ୍ୱାବଧାନରେ ଆଧାତ୍ମିକ ଉପାସନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିନରେ ମଣ୍ଡଳୀର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ମୁଖ୍ୟ ବକ୍ତା ତୁଷାର କାନ୍ତ ବେହେରା ବାଇବଲ ବାକ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ପ୍ରଶାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରମୋଦ ରଞ୍ଜନ ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ମଣ୍ଡଳୀବାସୀଙ୍କ ଉପସ୍ଥିତିରେ କେକ୍ କାଟି ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ମଣ୍ଡଳୀର ଛୁଆଠାରୁ ବୃଦ୍ଧ ତଥା ଖ୍ରୀଷ୍ଟଙ୍କ ବିଶ୍ୱାସୀ ଉପସ୍ଥିତ ଥିଲେ। ମଣ୍ଡଳୀର ମହିଳା ସମିତି ଓ ଉଦ୍ୟୋଗ ସମିତିର କର୍ମକର୍ତ୍ତାମାନେ ପ୍ରଭୁଙ୍କ ପ୍ରସଂଶା ସଙ୍ଗୀତ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ

## ପୂର୍ବ ଶତ୍ରୁତାରୁ ଦାଦା, ପୁତୁରାଙ୍କୁ ଆକ୍ରମଣ

ଛତ୍ରପୁର,୨୪।୧୧(ଦିଲ୍ଲୀପ ସାମଲ): ଛତ୍ରପୁର ଥାନା ଅଧୀନ ଗୋଲାପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାରୁ ୨ ଜଣଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ଗୁରୁତର ଗୋଲାପଲ୍ଲୀ ଗ୍ରାମର ଦାଦାପୁତୁରା କେ. ଲାଛିକା ପାତ୍ର ଓ କେ. ରୁରାତ ପାତ୍ରଙ୍କୁ ଛତ୍ରପୁର ପରେ ବ୍ରହ୍ମପୁର ସ୍ଥାନାନ୍ତର ମେଡିକାଲକୁ କରାଯାଇଛି। ଛତ୍ରପୁର ପୋଲିସ ଘଟଣାର ତଦନ୍ତ କରୁଛି। କିଛିଦିନ ହେବ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ସୋମବାର ଦାଦା ଓ ପୁତୁରା ଛେଳିଚରାଇବାକୁ ଯାଇଥିବା ବେଳେ ଅପର ଗୋଷ୍ଠୀର କେତେ ଜଣ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ଡାକ୍ତରଖାନାରେ ଆହତଙ୍କୁ ଦେଖିବା ପାଇଁ ପହଞ୍ଚିଥିଲେ।

## ଭଞ୍ଜ ଟ୍ରଫି ଉଦ୍‌ଘାଟିତ, ପ୍ରଥମ ମ୍ୟାଚ୍‌ରେ ବିହାର ବିଜୟୀ

ଭଞ୍ଜନଗର,୨୪।୧୧(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଭଞ୍ଜନଗର ଜେଲ ପଡିଆରେ ସୋମବାରଠାରୁ ଭଞ୍ଜ ଟ୍ରଫି-୨୦୨୫ ଆରମ୍ଭ ହୋଇଛି। ଏହି ସର୍ବଭାରତୀୟ ଟୁର୍ନାମେଣ୍ଟରେ ଆୟୋଜକ ଭଞ୍ଜନଗର ଫୁଟବଲ ଏକାଡେମୀ ସମେତ ୮ଟି ଟିମ୍ ଭାଗ ନେଇଛନ୍ତି। ଉଦଘାଟନୀ ମ୍ୟାଚ ଭଞ୍ଜନଗର ଫୁଟବଲ ଏକାଡେମୀ ଓ ବିହାର ବକ୍ସରର କାମାକ୍ଷା ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ବିହାର ୨ -୧ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପହଞ୍ଚିଛି। ମ୍ୟାଚରେ ଶିବ ଶଙ୍କର ପଣ୍ଡା ରେଫରି ଥିବାବେଳେ ଲାଇନ୍‌ସ ମ୍ୟାନ ଭାବେ ଦେବବ୍ରତ ବେହେରା, ସୁଜିତ୍ ରାଜହଂସ, ଦିଲୀପ କୁମାର ରାଉତ, ମ୍ୟାଚ କମିଶନର ଭାବେ ପି. ଆନନ୍ଦ ରାଓ ଓ ପି. ରମେଶ ଥିଲେ। ମଙ୍ଗଳବାର କୋରାପୁଟ ବ୍ରଦର୍ସ ଫୁଟବଲ କ୍ଲବକୁ ସୁନ୍ଦରଗଡ଼ ଦୋସ୍ତି ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହେବ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପ୍ରତ୍ୟେକ ଦିନ ଅପରାହ୍ନ ୨ଟା ୩୦ରେ ଖେଳ ହେଉଛି। ପ୍ରଥମ ମ୍ୟାଚରେ ନାଇଜେରିଆନ ଖେଳାଳି ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଦର୍ଶକ ମାନେ ଉତ୍ସାହିତ ଥିଲେ। ମ୍ୟାଚକୁ ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ମାନସ ଜେନା, ଭାଜପା ରାଜ୍ୟ ପରିଷଦ ସଭ୍ୟା ଭୋଲି ସାହୁ, ଶିବ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ସଭା ସଂଯୋଜନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ ଭାଗ ନେଇଛି। ଟୁର୍ନାମେଣ୍ଟରେ ଭଞ୍ଜନଗର ଫୁଟବଲ ଏକାଡେମୀ, ବକ୍ସରର କାମାକ୍ଷା ଫୁଟବଲ କ୍ଲବ, କୋରାପୁଟ, ସୁନ୍ଦରଗଡ଼, ସମ୍ବଲପୁର, ଭଞ୍ଜନଗର ମରାଠା ଏକାଦଶ, ଫୁଲବାଣୀ ଓ ହାଇଦ୍ରାବାଦ ଟିମ୍ ଭାଗ ନେଇଛନ୍ତି।




'ଧରିତ୍ରୀ'ର ୫୨ତମ ଜୟନ୍ତୀ ପାଳନ ଅବସରରେ ସୋମବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ 'ଧରିତ୍ରୀ ୟୁଥ କନ୍‌କ୍ଲେଭ-୨୦୨୫'କୁ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ(ସିଏସ୍‌ଇ)ର ମହାନିର୍ଦ୍ଦେଶିକା ତଥା ଡାଉନ୍ ଟୁ ଆର୍ଥର ସମ୍ପାଦିକା ସୁନିତା ନାରାୟଣ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ନିକଟରେ ଅଛନ୍ତି କୋଲକାତାଠାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଡକ୍ଟର ଆଣ୍ଡ୍ରୁ ଫ୍ଲେମିଙ୍ଗ, ଭାରତୀୟ ଜୀବ ବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ, ପରିବେଶକର୍ମୀ ଚାମୀ ମୁର୍ମୁ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନେ।






ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସିଏସ୍‌ଇର ମହାନିର୍ଦ୍ଦେଶିକା ସୁନିତା ନାରାୟଣ ଉଦ୍‌ବୋଧନ ଦେଉଛନ୍ତି।




କୋଲକାତାଠାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଡକ୍ଟର ଆଣ୍ଡ୍ରୁ ଫ୍ଲେମିଙ୍ଗ ଉଦ୍‌ବୋଧନ ଦେଉଛନ୍ତି।




ଜୀବ ବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଉଦ୍‌ବୋଧନ ଦେବାବେଳେ ହାର୍ଗିଲା ପକ୍ଷୀ ଉଡ଼ିବାର ଶୈଳୀ ପ୍ରଦର୍ଶନ କରୁଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟକରୁଥିବା ବିକାଶ ସାଥୀ ଫାଉଣ୍ଡେଶନକୁ ଅତିଥିମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ' ଆୱାର୍ଡ ପ୍ରଦାନ କରୁଛନ୍ତି।




ସବୁଜ ସଂକଳ୍ପ ସଂଗଠନକୁ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ' ଆୱାର୍ଡ ପ୍ରଦାନ କରାଯାଉଛି।




ପରିବେଶ ସୁରକ୍ଷା ପାଇଁ ବ୍ୟକ୍ତିଗତ ସ୍ତରରେ କାର୍ଯ୍ୟ କରୁଥିବା ଦୀପା ରାଣୀ ନାୟକଙ୍କୁ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ' ଆୱାର୍ଡ ପ୍ରଦାନ କରାଯାଉଛି।




ପରିବେଶ ସୁରକ୍ଷା ପାଇଁ ବ୍ୟକ୍ତିଗତ ସ୍ତରରେ କାର୍ଯ୍ୟ କରୁଥିବା ବାପି ଗୋଚ୍ଛାୟତଙ୍କୁ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ' ଆୱାର୍ଡ ପ୍ରଦାନ କରାଯାଉଛି।




'ଧରିତ୍ରୀ'ର ୫୨ତମ ଜୟନ୍ତୀ ପାଳନ ଅବସରରେ ସୋମବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ 'ଧରିତ୍ରୀ ୟୁଥ କନ୍‌କ୍ଲେଭ-୨୦୨୫'ରେ ବିଶିଷ୍ଟ ପରିବେଶ କର୍ମୀ ଚାମୀ ମୁର୍ମୁଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଉଛି। ସମ୍ମିଳନୀରେ ଉପସ୍ଥିତ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଏମ୍‌ଜିଏମ୍ ମିନେରାଲ୍ସର ସିଦ୍ଧାର୍ଥ ମହାନ୍ତି, କୋଲକାତାଠାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଡକ୍ଟର ଆଣ୍ଡ୍ରୁ ଫ୍ଲେମିଙ୍ଗ, ପରିବେଶକର୍ମୀ ଚାମୀ ମୁର୍ମୁ, ଭାରତୀୟ ଜୀବ ବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଏବଂ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ(ସିଏସ୍‌ଇ)ର ମହାନିର୍ଦ୍ଦେଶିକା ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦିକା ସୁନୀତା ନାରାୟଣ।





'ଧରିତ୍ରୀ ୟୁଥ କନ୍‌କ୍ଲେଭ-୨୦୨୫'ରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

## ଷ୍ଟୁଡେଣ୍ଟ ସ୍ପିକର୍


ସତ୍ୟଜିତ୍ ପଣ୍ଡା


ଆଲିଶା ନାଜ୍


ପ୍ରଜ୍ଞା ପରମିତା ଜେନା


ଅନିନ୍ଦିତା ରଣସିଂହ


ତପନ କୁମାର ଦାସ


ସୌମ୍ୟରଞ୍ଜନ ଦୀକ୍ଷିତ୍



ଆଦିତ୍ୟ ମଣ୍ଡଳ



ସଞ୍ଜୀବନ ଭୂୟାଁ


ଆଦିତ୍ୟ ଶତପଥୀ


ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ସୋମବାର ଆୟୋଜିତ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ ୨୦୨୫ରେ ପ୍ୟାନେଲ୍ ଡିସ୍କଶନ୍‌ରେ ଭାଗ ନେଇଥିବା (ବାମରୁ) ଇଏଫ୍‌ଆଇର ପ୍ରତିଷ୍ଠାତା ତଥା ପରିବେଶବିତ୍ ଅରୁଣ କ୍ରିଷ୍ଣମୂର୍ତ୍ତି, ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଡ. ଦେବବ୍ରତ ସ୍ୱାଇଁ, ଇକୋଲଜିଷ୍ଟ ତଥା ଦକ୍ଷୀନ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଟ୍ରଷ୍ଟି କାର୍ତ୍ତିକ ଶଙ୍କର, ସିଓ୍ୱାଇସିଏନ୍ ଷ୍ଟେକ୍‌ହୋଲ୍ଡର ମିତ୍ ସିଜରିଆ ଏବଂ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।


## ଅତିଥି, ପ୍ୟାନେଲିଷ୍ଟ, କ୍ଲାଇମେଟ୍ ଗ୍ରାଣ୍ଟ ଜୁରି ସଦସ୍ୟଙ୍କୁ ସମ୍ବର୍ଦ୍ଧନା





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ (ସିଏସ୍‌ଇ)ର ମହାନିର୍ଦ୍ଦେଶିକା ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦକ ସୁନୀତା ନାରାୟଣ, ଭାରତୀୟ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ, କୋଲକାତାଠାରେ ଅବସ୍ଥାପିତ ବ୍ରିଟେନ୍‌ର ଉପ-ଉଚ୍ଚାୟୁକ୍ତ ଡ. ଆଣ୍ଡ୍ର୍ୟୁ ଫ୍ଲେମିଙ୍ଗ୍ ଓ ଇକୋଲଜିଷ୍ଟ ତଥା ଦକ୍ଷୀନ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଟ୍ରଷ୍ଟି କାର୍ତ୍ତିକ ଶଙ୍କରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।





ପ୍ୟାନେଲିଷ୍ଟ ଇଏଫ୍‌ଆଇର ପ୍ରତିଷ୍ଠାତା ତଥା ପରିବେଶବିତ୍ ଅରୁଣ କ୍ରିଷ୍ଣମୂର୍ତ୍ତି, ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଡ. ଦେବବ୍ରତ ସ୍ୱାଇଁ, ସିଓ୍ୱାଇସିଏନ୍ ଷ୍ଟେକ୍‌ହୋଲ୍ଡର ମିତ୍ ସିଜରିଆ ଏବଂ ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟର ଜୁରି ସଦସ୍ୟ ତଥା ଓପ୍‌ସାର ମୁଖ୍ୟ ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସମ୍ବର୍ଦ୍ଧିତ କରୁଛନ୍ତି।


ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଗ୍ରହଣ କରିବା ପରେ ଉଦ୍‌ବୋଧନ ଦେଉଛନ୍ତି ପଦ୍ମଶ୍ରୀ ଚାମି ମୁର୍ମୁ।

# ସଙ୍ଗୀତରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ରାହଗିର


ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ସୋମବାର ଆୟୋଜିତ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ ୨୦୨୫ରେ ସଙ୍ଗୀତ ପରିବେଷଣ କରୁଛନ୍ତି ରାହଗିର

ଭୁବନେଶ୍ୱର, ୨୪।୧୧ (ସୁଚିସ୍ମିତା ସାହୁ)

ଧରିତ୍ରୀ 'ୟୁଥ୍ କନ୍‌କ୍ଲେଭ-୨୦୨୫'ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାହଗିର ଭାବେ ପରିଚିତ ସୁନୀଲ କୁମାର ଗୁର୍ଜରୀ ସଙ୍ଗୀତ ପରିବେଷଣ କରିଥିଲେ। ସେ ସାଏରି ଓ ସଙ୍ଗୀତ ମାଧ୍ୟମରେ ପରିବେଶକୁ ସୁରକ୍ଷିତ ରଖିବା, ଗଛ ନ କାଟି ତା'ର ଯତ୍ନ ନେବା ପ୍ରଭୃତି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ନିଜ ଆଖପାଖ ପରିବେଶକୁ କିପରି ସୁରକ୍ଷିତ ରଖିହେବ, ସେ ନେଇ ସଚେତନ କରାଇଥିଲେ ରାହଗିର। ତାଙ୍କର ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। ସେ ସଙ୍ଗୀତ ମଧ୍ୟରେ ସାଏରି କହି ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ 'ଭାଇ ରାହଗିର ୟେ ହମ୍', 'କୌନ୍‌ସି ଗାଡ଼ି ପେ ଚଢ଼ଗଏ..', 'ଆଦମୀ ଚୁତିୟା ହୈ..', 'ଓ ମେରି ପ୍ରେମିକା..', 'କ୍ୟା ଜୟପୁର କ୍ୟା ଦିଲ୍ଲୀ..', 'ଏକ କଚ୍ଚା ଘଡ଼ା..' ଏବଂ 'ରାହଗିର..' ଭଳି ଅନେକ ପରିବେଶ ସଚେତନତା ବାର୍ତ୍ତାଭିତ୍ତିକ ସଙ୍ଗୀତ ପରିବେଷଣ କରିଥିଲେ, ଯାହା ସମସ୍ତଙ୍କୁ ବିମୋହିତ କରିଥିଲା। ତାଙ୍କ ସ୍ୱରର ଯାଦୁରେ ଦର୍ଶକମାନେ ଖୁସିରେ ଝୁମିଥିଲେ। ଶେଷରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ସମ୍ପାଦକ ତଥାଗତ ସତପଥୀ ରାହଗିରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ରାହଗିରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।











ସଙ୍ଗୀତର ତାଳେ ତାଳେ ଝୁମୁଥିବା ଦର୍ଶକ

# ଅପାସୋରା ଧର୍ମେନ୍ଦ୍ର

ଭାରତୀୟ ସିନେମାରେ ଧର୍ମେନ୍ଦ୍ର ଭାବେ ପରିଚିତ ଧର୍ମେନ୍ଦ୍ର କେୱଲ କ୍ରିଶନ ଦେଓଲ ଦୀର୍ଘ ୬୫ ବର୍ଷର ଅଭିନୟ କ୍ୟାରିୟରରେ ପ୍ରାୟ ୩୦୦ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଦେଶର ଚଳଚ୍ଚିତ୍ର ଜଗତରେ ସେ ଜଣେ ମହାନ ତଥା ସବୁଠୁ ସୁନ୍ଦର ସଫଳ ତାରକା ବିବେଚିତ ହୋଇଥାନ୍ତି। ହିନ୍ଦୀ ସିନେମାରେ ସବୁଠୁ ଅଧିକ ସଂଖ୍ୟାକ ହିଟ୍ ଚଳଚ୍ଚିତ୍ରର ତାରକା ରେକର୍ଡ ତାଙ୍କ ନାମରେ ରହିଛି। ଏଥିସହିତ ସେ ଜଣେ ପ୍ରଯୋଜକ ଭାବେ ମଧ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ୯୦ତମ ଜନ୍ମଦିନ ପାଳନର ୨ ସପ୍ତାହ ପୂର୍ବରୁ ସୋମବାର ତାଙ୍କର ପରଲୋକ ହୋଇଯାଇଛି, ଯାହା ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି କହିଛନ୍ତି। କେବଳ ଅଭିନୟ ନୁହେଁ, ବ୍ୟକ୍ତିଗତ ଜୀବନ ପାଇଁ ମଧ ଧର୍ମେନ୍ଦ୍ର ଚର୍ଚ୍ଚାରେ ରହିଥିଲେ। ସେଭଳି କେତେକ ରୋଚକ ତଥ୍ୟ ବିଷୟରେ ଉପସ୍ଥାପନା...



## ସୁରେୟାଙ୍କ ବଡ଼ ପ୍ରଶଂସକ

ବିଗତ ଦିନର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଥିଲେ ସୁରେୟା। ତାଙ୍କର ଅଭିନୟ ଧର୍ମେନ୍ଦ୍ରଙ୍କୁ ଅଧିକ ପ୍ରଭାବିତ କରିଥିଲା। ଏପରି ତାଙ୍କ ଅଭିନୀତ 'ଦିଲ୍ଲଗି' ଫିଲ୍ମକୁ ସେ ଲଗାତର ୪୦ ଥର ଦେଖିଥିଲେ। ଏପରିକି ଥରେ ସେ ଏହି ଫିଲ୍ମ ଦେଖିବାକୁ ୧ ମାଇଲ ବାଟ ଚାଲି ଚାଲି ଯାଇଥିଲେ। ସବୁଠାରୁ ଖାସ୍ କଥା ହେଲା, ସୁରେୟାଙ୍କର ଏହି ଫିଲ୍ମ ଦେଖିବା ପରେ ଭବିଷ୍ୟତରେ ଜଣେ ଅଭିନେତା ହେବାର ଆଶା ତାଙ୍କର ଦ୍ୱିଗୁଣିତ ହୋଇଥିଲା।

## ବେଞ୍ଚରେ ଶୋଇ ରାତି କଟିଥିଲା

ଧର୍ମେନ୍ଦ୍ର ନିଜକୁ ନାୟକ ଦୌଡ଼ରେ ସାମିଲ ପାଇଁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। ଅଭିନୟର ପ୍ରଥମ ପାହାଚରେ ସେ ଅନେକ ବାଧାବିଘ୍ନର ସାମ୍ନା କରିଥିଲେ। ଏପରି କି ଏକଦା ଚଣା ଖାଇ ଏକ ବେଞ୍ଚରେ ଶୋଇ ରାତି କଟାଇଥିଲେ। ଶେଷରେ ତାଙ୍କର ସଂଘର୍ଷମୟ ଅଭିନୟ ଜୀବନରେ ସୁନେଲି ସମୟ ଆସିଥିଲା। ପରବର୍ତ୍ତୀ ସମୟରେ ସେ ବଲିଉଡ୍‌ରେ ଅନ୍ୟତମ ଲୋକପ୍ରିୟ ଅଭିନେତା ଭାବରେ ପରିଗଣିତ ହୋଇଥିଲେ। ଫିଲ୍ମରେ ସୁଯୋଗ ପାଇବା ପୂର୍ବରୁ ଏକଦା ସେ ଦିନତମାମ ଭୋକ ଉପାସରେ କାଟି ରାତିରେ ରୁମ୍‌କୁ ଫେରିଥିଲେ। ଭୋକ ମେଣ୍ଟାଇବାକୁ ରୁମ୍‌ରେ ରୁମ୍‌ମେଟ୍‌ର ଇସବ୍‌ଗୁଲ୍ ଭୁଷି ଗୋଟିଏ ପକେଟ ସମ୍ପୂର୍ଣ୍ଣ ଖାଇଦେଇଥିଲେ।

## ପ୍ରଥମ ହିଟ୍ ସିନେମା ପାଇଁ ସମାଲୋଚିତ

ଫିଲ୍ମଟି ହିଟ୍ ହେଲେ ଅଭିନେତାଙ୍କୁ ଅନ୍ୟମାନେ ପ୍ରଶଂସା କରିଥାଆନ୍ତି। ଧର୍ମେନ୍ଦ୍ରଙ୍କ ପ୍ରଥମ ହିଟ୍ ଫିଲ୍ମ ଥିଲା 'ଫୁଲ୍ ଔର ପଥର'। କିନ୍ତୁ ଏହି ଫିଲ୍ମରେ ସେ ବିନା ଶାର୍ଟରେ ବଡି ପ୍ରଦର୍ଶନ କରିଥିଲେ। ଏଥିପାଇଁ ତାଙ୍କୁ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା।

## 'ଶୋଲେ' ଫିଲ୍ମରେ ଠାକୁର ଭୂମିକା ପାଇଁ ଆଗ୍ରହୀ ଥିଲେ



ବଲିଉଡ୍‌ର ଏଭରଗ୍ରୀନ୍ ବ୍ଲକ୍‌ବଷ୍ଟର 'ଶୋଲେ'ରେ ପ୍ରଥମେ ଧର୍ମେନ୍ଦ୍ର ଠାକୁର ଭୂମିକା ପାଇଁ ଆଗ୍ରହୀ ଥିଲେ। ଏତିକି ବେଳେ ନିର୍ଦ୍ଦେଶକ ରମେଶ ସିପ୍ପୀ କହିଥିଲେ, ଯଦି ତୁମେ ଠାକୁର ରୋଲ୍ କରିବ ତେବେ ହେମାମାଳିନୀଙ୍କ ଅପୋଜିଟ୍‌ରେ ଥିବା ବୀରୁ ଭୂମିକାଟି ସଞ୍ଜୀବ କୁମାରଙ୍କୁ ଦିଆଯିବ। ଏକଥା ଶୁଣିବା ପରେ ଧର୍ମେନ୍ଦ୍ର ମନ ବଦଳାଇ ବୀରୁ ଚରିତ୍ରରେ ଅଭିନୟ କରିଥିଲେ।

## ମୀନାକୁମାରୀଙ୍କ ପାଇଁ...

ଅଭିନୟ ଜୀବନ ଆଗେଇ ନେଉଥିବା ବେଳେ ବଲିଉଡ୍‌ର 'ହି-ମ୍ୟାନ୍' ଭାବରେ ପରିଚିତ ଧର୍ମେନ୍ଦ୍ରଙ୍କ ଆଫେୟାର୍ସକୁ ନେଇ ମଧ ବେଶ୍ ଆଲୋଚନା ହୋଇଥିଲା। ଏକଦା ସେ ମୀନାକୁମାରୀଙ୍କ ପ୍ରେମରେ ପଡ଼ିଥିଲେ। କିନ୍ତୁ ଏକଥା ଜାଣିବା ପରେ ତାଙ୍କର ପତି କମଲ ଅମରୋହି ରାଗିଯାଇଥିଲେ। ପରବର୍ତ୍ତୀ ସମୟରେ ସେ ଧର୍ମେନ୍ଦ୍ରଙ୍କୁ ନେଇ 'ରେଜିୟା ସୁଲତାନ' ନିର୍ମାଣ କରିଥିଲେ। ନିଜ ରାଗ ସୁଝାଇବା ପାଇଁ ଧର୍ମେନ୍ଦ୍ରଙ୍କ ମୁହଁରେ ଏକ କଳାବୋଳା ସିନ୍ କମଲ ଜାଣିଶୁଣି ରଖିଥିଲେ। ଏହାଦ୍ୱାରା ସେ ନିଜର ମଧୁର ପ୍ରତିଶୋଧ ନେଇଥିଲେ ବୋଲି ସେ ସମୟରେ ଆଲୋଚନା ହୋଇଥିଲା।

## ବାଜି ମାରିନେଇଥିଲେ ଧର୍ମେନ୍ଦ୍ର

ଧର୍ମେନ୍ଦ୍ର-ହେମାମାଳିନୀ ପ୍ରେମ କାହାଣୀ ବେଶ୍ ରୋଚକ ଥିଲା। ତାଙ୍କୁ ବିବାହ କରିବା ପୂର୍ବରୁ ତାଙ୍କ ସହ କିପରି ପ୍ରେମ ସମ୍ପର୍କ ଯୋଡ଼ିବେ ସେ ନେଇ ବେଶ୍ ଯୋଜନାବଦ୍ଧ ଭାବରେ ଆଗେଇଥିଲେ ସେ। ଶୁଣିବାକୁ ମିଳେ ସେତେବେଳେ ଜିତେନ୍ଦ୍ର ଏବଂ ସଞ୍ଜୀବ କୁମାର ମଧ ହେମାମାଳିନୀଙ୍କୁ ପ୍ରେମ କରୁଥିଲେ। କିନ୍ତୁ ସେମାନଙ୍କୁ ଚକ୍‌ମା ଦେଇ ଧର୍ମେନ୍ଦ୍ର ହେମାଙ୍କୁ ସବୁଦିନ ପାଇଁ ନିଜର କରିନେଇଥିଲେ।



୨ ପୁଅ ସନି ଓ ବବି ଦେଓଲଙ୍କ ସହ ଧର୍ମେନ୍ଦ୍ର

(୧୯୩୫ ଡିସେମ୍ବର ୮ରୁ ୨୦୨୫ ନଭେମ୍ବର ୨୪)

## ବିବାହ

ଧର୍ମେନ୍ଦ୍ର ଅଭିନୟ ଦୁନିଆରେ ପାଦ ରଖିବା ପୂର୍ବରୁ ଘର ସଂସାର କରିସାରିଥିଲେ। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୧୯ ବର୍ଷ। ୧୯୫୪ରେ ସେ ପ୍ରକାଶ କୌରଙ୍କୁ ସ୍ତ୍ରୀ ରୂପରେ ଗ୍ରହଣ କରିଥିଲେ। ନିଜର ବୈବାହିକ ଜୀବନ ବେଶ୍ ଖୁସିରେ କଟିଥିଲା। ଏହି ଦୁହିଁଙ୍କ ଔରସକୁ ଚାରୋଟି ସନ୍ତାନ (ଦୁଇଟି ପୁଅ, ଦୁଇଟି ଝିଅ) ଜନ୍ମ ନେଇଥିଲେ। ସେମାନଙ୍କ ମଧ୍ୟରେ ବଡ଼ ଥିଲେ ସନି ଦେଓଲ। ତା'ପରେ ବବି ଦେଓଲ ଏବଂ ଦୁଇ ଝିଅ ହେଉଛନ୍ତି ବିଜେତା ଏବଂ ଅଜିତା। କିନ୍ତୁ ଜଣେ ଅଭିନେତା ସାଜିବାକୁ ସେ ବମ୍ବେ ଆସିଥିଲେ। ଯେତେବେଳେ ସେ ହେମାମାଳିନୀଙ୍କ ସହ ଅଭିନୟ କଲେ ଧୀରେ ଧୀରେ ତାଙ୍କ ପ୍ରେମରେ ପଡ଼ିଗଲେ। ବାସ୍, ଏଇଠୁ ହିଁ ତାଙ୍କର ବୈବାହିକ ଜୀବନରେ ଝଡ଼ ଉଠିଥିଲା। 'ଡ୍ରିମ୍‌ଗର୍ଲ' ଫିଲ୍ମରେ ଦୁହେଁ ଏକାଠି ଅଭିନୟ କରିବା ପରେ ଏହି ପ୍ରେମ ସମ୍ପର୍କ ଆହୁରି ମଜଭୁତ ହୋଇଥିଲା। ଶେଷରେ ୧୯୮୦ ମେ ୨ ରେ ହେମାଙ୍କୁ ଧର୍ମେନ୍ଦ୍ର ବିବାହ କରିଥିଲେ। ସେତେବେଳେ ଏହି ବିବାହକୁ ନେଇ ବେଶ୍ ଆଲୋଚନା-ସମାଲୋଚନା ହୋଇଥିଲା। ଶୁଣିବାକୁ ମିଳେ, ଏହି ବିବାହ ପାଇଁ ଧର୍ମେନ୍ଦ୍ର ଇସ୍‌ଲାମ ଧର୍ମ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଧର୍ମେନ୍ଦ୍ର ଏ ନେଇ ଯେତେ ସଫେଇ ଦେଲେ ମଧ ସେହି ଘଟଣା କୁହେଳିକା ମଧ୍ୟରେ ରହିଯାଇଥିଲା। ଧର୍ମେନ୍ଦ୍ର-ହେମାଙ୍କର ଦୁଇଟି ଝିଅ-ଇଶା ଦେଓଲ ଏବଂ ଆହାନା ଦେଓଲ ଅଛନ୍ତି।



ପ୍ରଥମ ସ୍ତ୍ରୀ ପ୍ରକାଶ କୌରଙ୍କ ସହ ଧର୍ମେନ୍ଦ୍ର



ହେମାମାଳିନୀଙ୍କ ସହ ଧର୍ମେନ୍ଦ୍ର

## ଧର୍ମେନ୍ଦ୍ରଙ୍କ ରୋଲ୍ ମଡେଲ

ବଲିଉଡ୍‌ର ସୁପରଷ୍ଟାର ଦିଲୀପ କୁମାରଙ୍କୁ ବହୁ ସମ୍ମାନ ଦେଉଥିଲେ ଧର୍ମେନ୍ଦ୍ର। ଏପରି କି ନିୟମିତ ସମୟ ବ୍ୟବଧାନରେ ଭେଟିବାକୁ ଯାଉଥିଲେ। ତାଙ୍କ ସହ କଥା ହେବା ସମୟରେ ସେ ସବୁବେଳେ ଦିଲୀପଙ୍କ ପାଦ ତଳେ ବସୁଥିଲେ। ତାଙ୍କଠାରୁ ସେ ଅଭିନୟ ବିଷୟରେ ଅନେକ କିଛି ଶିଖିଥିଲେ। ନିଜ ଆକ୍ଟିଂ କ୍ୟାରିୟରକୁ ଆଗକୁ ଆଗେଇନେବାରେ ଏବଂ ପରବର୍ତ୍ତୀ ସମୟରେ ଜଣେ ଲୋକପ୍ରିୟ ଅଭିନେତା ହେବା ପଛରେ ଦିଲୀପ କୁମାରଙ୍କ ଟିପ୍ସକୁ ସର୍ବାଗ୍ରେ ସ୍ମରଣ କରନ୍ତି ଧର୍ମେନ୍ଦ୍ର। ତାଙ୍କୁ ନିଜର ରୋଲ୍ ମଡେଲ ଭାବରେ ଗ୍ରହଣ କରିଦେଇଥିଲେ ସେ।

## ବନ୍ଧୁଙ୍କ ଜନ୍ମଦିନରେ ଆରପାରିରେ..

ଧର୍ମେନ୍ଦ୍ର ଜଣେ ମେଳାପି ବ୍ୟକ୍ତି ଥିଲେ। ଅନ୍ୟମାନଙ୍କ ସହ ଆଳାପ ଆଲୋଚନା ସମୟରେ ସେ ସେମାନଙ୍କର ମନ ଜିଣି ନେଉଥିଲେ। ଧର୍ମେନ୍ଦ୍ରଙ୍କର ବନ୍ଧୁତା ତାଲିକା ବେଶ୍ ଲମ୍ବା। କିନ୍ତୁ ଏହାର ଶୀର୍ଷରେ ରହିଥିଲେ ବିଶିଷ୍ଟ ସଂଳାପକାର ସଲିମ ଖାନ୍। ସଲିମଙ୍କ ସଂଳାପ ଆଜି ଅନେକ ଅଭିନେତାଙ୍କୁ ବେଶ୍ ପରିଚୟ ଦେଇଛି। ଧର୍ମେନ୍ଦ୍ରଙ୍କ ଅଭିନୀତ 'ଶୋଲେ' ଫିଲ୍ମର ସଂଳାପ ଉଭୟ ସଲିମ ଖାନ୍ ଏବଂ ଜାଭେଦ ଅଖତର ଲେଖିଥିଲେ। ସଲିମ୍‌ଙ୍କ ସହ ଧର୍ମେନ୍ଦ୍ରଙ୍କର ଦୀର୍ଘ ୭୦ବର୍ଷ ବନ୍ଧୁତା ରହିଥିଲା। ଆଜି ହେଉଛି ସଲିମ୍‌ଙ୍କ ଜନ୍ମଦିନ (୨୪ ନଭେମ୍ବର ୧୯୩୫)। ହେଲେ ତାଙ୍କର ଅନ୍ତରଙ୍ଗ ବନ୍ଧୁଙ୍କ ଜନ୍ମଦିନରେ ସାମିଲହେବାକୁ ସେ ଆଜି ଧରାପୃଷ୍ଠରେ ନାହାନ୍ତି। ସଲିମ୍‌ଙ୍କ ଜନ୍ମଦିନରେ ଧର୍ମେନ୍ଦ୍ରଙ୍କ ପରଲୋକ ନିଶ୍ଚୟ ସ୍ମରଣୀୟ ହୋଇ ରହିବ।



୨୦୧୨ରେ ଧର୍ମେନ୍ଦ୍ର ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ପଦ୍ମ ଭୂଷଣ ପୁରସ୍କାର ଗ୍ରହଣ କରୁଛନ୍ତି।

## ଏକ ଯୁଗର ଅନ୍ତ ହେଲା

ନୂଆଦିଲ୍ଲୀ/ମୁମ୍ବାଇ,୨୪।୧୧

ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକରେ ରାଜନେତା, କଳାକାର ଏବଂ ପ୍ରଶଂସକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଲୋକପ୍ରିୟ ଅଭିନେତା ତଥା ପୂର୍ବତନ ଲୋକ ସଭା ସଦସ୍ୟ ଧର୍ମେନ୍ଦ୍ରଙ୍କ ପରଲୋକ ଭାରତୀୟ ସିନେମା ପାଇଁ ବଡ଼ କ୍ଷତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଧର୍ମେନ୍ଦ୍ର ଦୀର୍ଘ ଦଶନ୍ଧିର କ୍ୟାରିୟରରେ ବହୁ ସ୍ମରଣୀୟ ଚଳଚ୍ଚିତ୍ର ଭେଟି ଦେଇଥିଲେ ବୋଲି ରାଷ୍ଟ୍ରପତି Xରେ ପୋଷ୍ଟ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ ଧର୍ମେନ୍ଦ୍ରଙ୍କୁ ଜଣେ ପ୍ରତିଷ୍ଠିତ ଫିଲ୍ମ ବ୍ୟକ୍ତିତ୍ୱ ଏବଂ ଅଭୂତପୂର୍ବ ଅଭିନେତା ବୋଲି କହିବା ସହ ତାଙ୍କ ବିୟୋଗ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ଘଟାଇଲା ବୋଲି କହିଛନ୍ତି। ସେ ଧର୍ମେନ୍ଦ୍ରଙ୍କ ପରିବାର ସଦସ୍ୟ, ବନ୍ଧୁ ଓ ପ୍ରଶଂସକମାନଙ୍କୁ ସମବେଦନା ଜଣାଇଛନ୍ତି। ଧର୍ମେନ୍ଦ୍ରଙ୍କ ପରଲୋକ ଭାରତୀୟ ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ୬ ଦଶନ୍ଧିର ଅଭିନୟ ଜୀବନରେ ଏହି ଅଭିନେତା ତାଙ୍କର ସୁନ୍ଦର ଅଭିନୟ ଦ୍ୱାରା ପ୍ରତ୍ୟେକ ଭାରତୀୟଙ୍କ ହୃଦୟ ସ୍ପର୍ଶ କରିଥିଲେ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବଲିଉଡ୍ ଅଭିନେତାଙ୍କ ପରଲୋକରେ ଶୋକବ୍ୟକ୍ତ କରି କହିଛନ୍ତି, ଭାରତୀୟ ଚଳଚ୍ଚିତ୍ର ଜଗତ ଜଣେ ବହୁମୂଲ୍ୟ ତାରକାଙ୍କୁ ହରାଇଲା। ସେହିପରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୋକବ୍ୟକ୍ତ କରି କହିଛନ୍ତି, ଧର୍ମେନ୍ଦ୍ରଙ୍କ ଦେହାନ୍ତ ଭାରତୀୟ କଳାଜଗତ ପାଇଁ ଅପୂରଣୀୟ କ୍ଷତି। ଅଭିନେତା ଚିରଦିନ ପାଇଁ ସମ୍ମାନ ଓ ଆଦରର ସହ ମନେରହିବେ ବୋଲି ରାହୁଲ କହିଛନ୍ତି।

ଧର୍ମେନ୍ଦ୍ରଙ୍କ ପରଲୋକରେ ବଲିଉଡ୍ ଅଭିନେତା ଅଭିନେତ୍ରୀମାନେ ଶୋକବ୍ୟକ୍ତ କରିଛନ୍ତି। ଘନିଷ୍ଠ ବନ୍ଧୁ ତଥା ବଡ଼ଭାଇ ଧର୍ମେନ୍ଦ୍ରଙ୍କ ଦେହାନ୍ତ ହୃଦୟ ବିଦାରକ ଓ ଦୁଃଖଦ ବୋଲି ବରିଷ୍ଠ ବଲିଉଡ୍ ଅଭିନେତା ଶତ୍ରୁଘ୍ନ ସିହ୍ନା କହିଛନ୍ତି। ପଞ୍ଜାବ ତଥା ମହାରାଷ୍ଟ୍ରର ଗର୍ବ ଧର୍ମେନ୍ଦ୍ର ବାସ୍ତବ ଅର୍ଥରେ ଭାରତ ରତ୍ନ। ସେ ସବୁଦିନ ପାଇଁ ମନେ ରହିବେ ବୋଲି ଶତ୍ରୁଘ୍ନ ଲେଖିଛନ୍ତି। ଅଭିନେତ୍ରୀ ଜୁହି ଚାୱଲା ଧର୍ମେନ୍ଦ୍ରଙ୍କୁ ଜନ୍ମରୁ ସୁପରଷ୍ଟାର ବୋଲି କହି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଅଭିନେତ୍ରୀ ଜିନତ ଅମନ ଧର୍ମେନ୍ଦ୍ରଙ୍କୁ ହୃଦୟଭରା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ତାଙ୍କ ପରଲୋକରେ ହିନ୍ଦୀ ଚଳଚ୍ଚିତ୍ର ଜଗତ ଏକ ରତ୍ନ ହରାଇଲା ବୋଲି କହିଛନ୍ତି।

# ଓପିଟିସିଏଲ୍ ସହିତ ୟୁବିଆଇର ଏମ୍ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୪।୧୧(ସୁଜିତ୍ ମିଶ୍ର)



ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେଶନ୍ ଲିମିଟେଡ୍(ଓପିଟିସିଏଲ୍) ସୋମବାର ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ସହିତ ଏକ ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷର କରିଛି। ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଓପିଟିସିଏଲ୍ର ସିଏମ୍ଡି ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଦ୍ୱାରା ଓପିଟିସିଏଲ୍ର ପ୍ରତ୍ୟେକ କର୍ମଚାରୀଙ୍କୁ ସେମାନଙ୍କ କ୍ୟାଡର କିମ୍ବା ପଦବୀ ନିର୍ବିଶେଷରେ ସୁଦୃଢ଼ ଆର୍ଥିକ ନିରାପତ୍ତା ପ୍ରଦାନ କରିବ। ପ୍ରତ୍ୟେକ କର୍ମଚାରୀଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା ବୀମା ଏବଂ ଅତିରିକ୍ତ ୨୦ ଲକ୍ଷ ଟଙ୍କାର ଜୀବନ ବୀମା' ପ୍ରଦାନ କରାଯିବ। ବାର୍ଷିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ହସ୍ପିଟାଲ୍ କ୍ୟାଶ୍ ସୁବିଧା ଏହି ଯୋଜନାରେ ଅନ୍ତର୍ଭୁକ୍ତ। କର୍ମଚାରୀମାନେ ସେମାନଙ୍କ ଶୂନ୍ୟ ବାଲାନ୍ସ ସଞ୍ଚୟ ଖାତାରେ ରୁପେ ସିଲେକ୍ଟ ଡେବିଟ୍ କାର୍ଡ ମଧ୍ୟ ପାଇବେ। ଏହା ମାଧ୍ୟମରେ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଦୁର୍ଘଟଣା ବୀମା କଭରେଜ୍ ମିଳିବ। ବାର୍ଷିକ ୭୫,୦୦୦ ହଜାର ଟଙ୍କା ମୂଲ୍ୟର ଲାଇଫଷ୍ଟାଇଲ୍ ସୁବିଧା, ଯେପରିକି ମାଗଣା ଏୟାରପୋର୍ଟ ଲାଉଞ୍ଜ ଏବଂ ମାଗଣା ବ୍ୟାଙ୍କିଙ୍ଗ କାରବାର ଆଦି ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ମିଳିପାରିବ। ସମସ୍ତ ନିୟମିତ କର୍ମଚାରୀଙ୍କ ବ୍ୟତୀତ ୟୁନିୟନ ବ୍ୟାଙ୍କରେ ଆକାଉଣ୍ଟ ଥିବା ଓପିଟିସିଏଲର ପେନସନଭୋଗୀମାନଙ୍କ ପାଇଁ ମଧ୍ୟ ୟୁନିୟନ୍ ସମ୍ମାନ ନାମକ ଅନ୍ୟ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ପ୍ରସ୍ତୁତ କରାଯାଇଛି।

# ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ 'ଉତ୍କଳିକା ଆତିଥ୍ୟ'

ଭୁବନେଶ୍ୱର,୨୪।୧୧ (ସୌମ୍ୟରଞ୍ଜନ ରାଉତ)



ଓଡ଼ିଶା ହସ୍ତଶିଳ୍ପ କାରିଗରମାନଙ୍କର ଆର୍ଥିକ ଉନ୍ନତି ତଥା ଓଡ଼ିଶା ହସ୍ତଶିଳ୍ପ ସାମଗ୍ରୀର ପ୍ରଚାର ପ୍ରସାର ଲକ୍ଷ୍ୟରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ଉତ୍କଳିକାର ନୂତନ ବିକ୍ରୟ କେନ୍ଦ୍ର 'ଉତ୍କଳିକା ଆତିଥ୍ୟ' ସୋମବାର ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଛନ୍ତି ଏହାଦ୍ୱାରା ରାଜ୍ୟ ବାହାର ତଥା ଅନ୍ୟ ଦେଶର ପର୍ଯ୍ୟଟକମାନେ ଓଡ଼ିଶାର ପାରମ୍ପରିକ ଉତ୍କୃଷ୍ଟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସ୍ମାରକ ସେମାନଙ୍କ ଘରକୁ ନେଇପାରିବେ। ଫଳରେ ଆମ ବୁଣାକାର ଓ କାରିଗରଙ୍କ ଜୀବନ-ଜୀବିକା ସମୃଦ୍ଧ ହେବା ସହ ଓ ହସ୍ତଶିଳ୍ପ ଅସ୍ମିତାର ଗରିମା ବୃଦ୍ଧି ହୋଇପାରିବ ବୋଲି ମତ ରଖିଥିଲେ। 'ଉତ୍କଳିକା ଆତିଥ୍ୟ' ଉତ୍କଳିକା ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଅଭିନବ ପ୍ରୟାସ। ଆମ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଦର୍ଶନ ସହ ଏବଂ ବିକ୍ରୟ ବୃଦ୍ଧିକୁ ଲକ୍ଷ୍ୟ ରଖି ଏହା ଖୋଲାଯାଇଛି ବୋଲି ବିଭାଗର କମିଶନର ଗୁହା ପୁନମ୍ ତାପସ କୁମାର କହିଛନ୍ତି। ଏହା ସହ ପାରମ୍ପରିକ କାରିଗରମାନଙ୍କର ବଜାର ପ୍ରବେଶ ସହ ହସ୍ତଶିଳ୍ପ କାରିଗରଙ୍କର ଉନ୍ନତି ହୋଇପାରିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବରେ ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅର୍ଥ ପରାମର୍ଶ ଦାତା ତଥା ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ବେହେରା, ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଉପ-ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଯୁଗ୍ମ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକ, ଯୁଗ୍ମ ସଚିବ ତଥା ପରିଚାଳକ କଲ୍ୟାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍ଯ୍ୟନ୍ କଲେଜ, ଦଧୀଚି ଆଇଟିଆଇରେ ନିଯୁକ୍ତି ମେଳା



ଭୁବନେଶ୍ୱର,୨୪।୧୧

ଯାଜପୁର ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପକ୍ଷରୁ ଏକ ନିଯୁକ୍ତି ମେଳା ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏମ୍‌ଭିଏସ୍ଏଫ୍ ଏକ ନିଯୁକ୍ତି ଦେବା କମ୍ପାନୀ ଓ ଜିନ୍ଦଲ କମ୍ପାନୀର ସହଯୋଗ ଓ ଆନୁକୂଲ୍ୟରେ ଏହା ସମ୍ଭବ ହୋଇପାରିଛି। ଏଥିରେ ପ୍ରାୟ ଡିପ୍ଲୋମା ଓ ଆଇଟିଆଇ ଟ୍ରେଡର ଫିଟର, ଇଲେକ୍ଟ୍ରିସିଆନ୍, ଇଲେକ୍ଟ୍ରୋନିକ୍ସ, ମେକାନିକାଲ ୧୫୬ ଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ବର୍ଷ ଏହି ଦଧୀଚି ସମୂହ ଅନୁଷ୍ଠାନରେ ଏହିପରି କମ୍ପାନୀ ଆସି ଡିପ୍ଲୋମା ଓ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ମନୋନୟନ କରି ବିଭିନ୍ନ ଜାଗାରେ ନିଯୁକ୍ତି ଦିଅନ୍ତି। ଏମଭିଏସଏଫ୍ କମ୍ପାନୀ ପକ୍ଷରୁ ମ୍ୟାନେଜିଂ ଡାଇରେକ୍ଟର ମନୋରଞ୍ଜନ ବେଉରା, ମାନବ ସମ୍ବଳ ଅଧିକାରୀ ପ୍ରକାଶ ଦାସ ଓ ବୈଦ୍ୟନାଥ ବେହେରା ସାକ୍ଷାତକାର କରାଇଥିଲେ। ଦଧୀଚି ସମୂହ ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ, ଆର୍ଯ୍ୟନ୍ କଲେଜର ପ୍ରିନ୍ସିପାଲ ଇଂ. ଅଭିମନ୍ୟୁ ଜେନା, ଡିନ୍ ଇଂ. ସଂଗ୍ରାମ କେଶରୀ ପଟ୍ଟନାୟକ, ଦଧୀଚି ଆଇଟିଆଇର ପ୍ରିନ୍ସିପାଲ ନିବେଦିତା ମହାନ୍ତି, ଦୀପ୍ତି ରଞ୍ଜନ ପଟ୍ଟନାୟକ, ଉଦୟନାଥ ସାହୁ, ଭାଗ୍ୟରଥି ବାରିକ, ହରେକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜୟପୁର ବଜାରରେ ୟାମାହା ଏକ୍ସଏସ୍ଆର୍ ୧୫୫

ଭୁବନେଶ୍ୱର,୨୪।୧୧

ସ୍ଥାନୀୟ ୟାମାହା କମ୍ପାନୀର ଇଭା ମୋଟର୍ସ ଶୋ' ରୁମ୍‌ରେ ସୋମବାର ୟାମାହା ଏକ୍ସଏସ୍ଆର୍ ୧୫୫ ଗାଡ଼ିର ବଜାର ପ୍ରବେଶ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଇଭା ମୋଟର୍ସର ମାଲିକ ଏନ୍. ଚୈତନ୍ୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବହୁ ଦିନ ଧରି ଗ୍ରାହକ ୟାମାହା କମ୍ପାନୀର ଏହି ଗାଡ଼ି ପାଇଁ ଅଗ୍ରିମ ଦେଇ ବୁକ୍ କରିଥିଲେ। ରେଟ୍ରୋ ମଡେଲର ଏହି ଗାଡ଼ିର ଏକ୍ସ ଶୋ'ରୁମ୍ ଦର୍ ଓଡ଼ିଶାରେ ୧,୫୧,୮୬୦ ଟଙ୍କା ରହିଛି। ଏହି କାର୍ଯ୍ୟକ୍ରମରେ ଗ୍ରାହକଙ୍କ ସହ ଶୋ'ରୁମ କର୍ମଚାରୀ ତଥା ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




# ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ ଓ ଘରୋଇକରଣକୁ ବିରୋଧ

ଭୁବନେଶ୍ୱର,୨୪।୧୧(ଅନୁରାଧା ମହାରଣା)

ନିଖିଳ ଓଡ଼ିଶା ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘର ୧୮ତମ ତ୍ରୈବାର୍ଷିକ ସମ୍ମିଳନୀ ଭୁବନେଶ୍ୱରଠାରେ ସଂଘର ସଭାପତି ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ସଙ୍ଗଠନର ସଭାପତି ଦୀପକ ଶର୍ମା ମୁଖ୍ୟ ଅତିଥି ଏବଂ ସାଧାରଣ ସମ୍ପାଦକ ଇ. ଅରୁଣାଚଳମ ଉଦ୍‌ଘାଟକ ରୂପେ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ବୈଠକରେ ରାଷ୍ଟ୍ରାୟତ ବ୍ୟାଙ୍କର ମିଶ୍ରଣ ଓ ଘରୋଇକରଣକୁ ବିରୋଧ କରାଯାଇଛି। ବ୍ୟାଙ୍କର ଆବଶ୍ୟକ ସଂଶୋଧିତ ଶ୍ରମ ଆଇନ, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ, ବ୍ୟାଙ୍କ କାର୍ଯ୍ୟକୁ ଠିକା କର୍ମଚାରୀ ଦ୍ୱାରା ସମ୍ପାଦନକୁ ବିରୋଧ କରି ଏବଂ ବ୍ୟାଙ୍କରେ ଆବଶ୍ୟକ କର୍ମଚାରୀଙ୍କ ନିଯୁକ୍ତିର ଦାବି ଉପରେ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା। ଓଡ଼ିଶା ବ୍ୟତୀତ ଝାଡ଼ଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ନେତୃବୃନ୍ଦ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ। ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ସଞ୍ଜୀବ କୁମାର ପତିଙ୍କୁ ମୁଖ୍ୟ ବକ୍ତା ହିସାବରେ ବ୍ୟାଙ୍କ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଗଠନର ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଶ୍ୟାମା ପ୍ରସାଦ ମହାନ୍ତି ସଭାପତି, ସଂଗ୍ରାମ କେଶରୀ ମିଶ୍ର ସାଧାରଣ ସମ୍ପାଦକ, ଅଶୋକ କୁମାର ମଲ୍ଲିକ କୋଷାଧ୍ୟକ୍ଷ ଏବଂ ନିରଞ୍ଜନ ମିଶ୍ର ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ପ୍ରାକ୍ତନ ଉପାଧ୍ୟକ୍ଷ, ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ, ଜଷ୍ଟିସ ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାର ଉପ ସାଧାରଣ ସମ୍ପାଦକ ଅମୃତ ଚନ୍ଦ୍ର ପତ୍ରୋ ଧନ୍ୟବାଦ ଦେଇଥିଲେ।

# ବରାଉତରୁ ୨ ମେମୁ ଟ୍ରେନ୍ ଶୁଭାରମ୍ଭ କଲେ ଅଶ୍ୱିନୀ



ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୪।୧୧

କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବରାଉତ ଷ୍ଟେଶନରୁ ଦିଲ୍ଲୀ-ଶାମଲୀ ମଧ୍ୟରେ ୨ଟି ନୂଆ ମେମୁ (ମେନ୍ ଲାଇନ ଇଲେକ୍ଟ୍ରିକ ମଲ୍ଟିପଲ ୟୁନିଟ୍) ଟ୍ରେନ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଦୁଇ ଟ୍ରେନ ହେଲା ଦିଲ୍ଲୀ ଜଙ୍କ୍‌ଶନ-ଶାମଲୀ-ଦିଲ୍ଲୀ ଜଙ୍କ୍‌ଶନ ଏବଂ ଦିଲ୍ଲୀ ସାହାଦରା-ଶାମଲୀ-ଦିଲ୍ଲୀ ସାହାଦରା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୌଶଳ ବିକାଶ ଓ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ବାଗପତ ଏମ୍‌ପି ରାଜକୁମାର ସାଙ୍ଗୱାନ, ପୂର୍ବତନ ଏମ୍‌ପି ଡ. ସତ୍ୟପାଲ ସିଂହ, ବିଧାନ ପରିଷଦ ସଦସ୍ୟ ମହିତ ବେନିୱାଲ, ବିଧାୟକ କୃଷ୍ଣପାଲ ମଲିକ ଏବଂ ବରାଉତ ନଗରପାଳିକା ଅଧ୍ୟକ୍ଷା ବବିତା ତୋମର ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବୈଷ୍ଣବ କହିଛନ୍ତି, ଦିଲ୍ଲୀ-ଶାମଲୀ ମଧ୍ୟରେ ଏହି ଦୁଇଟି ନୂଆ ମେମୁ ସେବା ଆରମ୍ଭ ହେବା ଦ୍ୱାରା ଛାତ୍ରୀଛାତ୍ର, ଚାଷୀ, ବ୍ୟବସାୟୀ ଓ କର୍ମଜୀବୀ ବ୍ୟକ୍ତିମାନେ ବହୁ ଲାଭବାନ ହେବେ। ସେ ଆହୁରି କହିଛନ୍ତି, ଶାମଲୀ ଷ୍ଟେଶନକୁ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୨୫ କୋଟି ଟଙ୍କା ବ୍ୟୟରେ ବିଶ୍ୱସ୍ତରୀୟ ଆଧୁନିକ ଷ୍ଟେଶନ ଭାବେ ଉନ୍ନତ କରାଯାଉଛି। ଦିଲ୍ଲୀ-ଶାମଲୀ ରେଳପଥକୁ ଦ୍ୱିଗୁଣିତ (ଡବଲ ଲାଇନ) କରାଯିବ ବୋଲି ଘୋଷଣା କରିଥିଲେ।


**RE- QUOTATION CALL SHORT NOTICE FOR ENGAGEMENT OF TRAWLER FOR SEA PATROLLING DURING 2025-26 SEASON FOR PROTECTION & CONSERVATION OF OLIVE RIDLEY SEA TURTLES.**

DTCN-03/2025-26 of Puri (WL) Division: Puri

**No.MM-296:**Sealed quotations in plain paper/letterheads are invited from the intending owners having seagoing SONA-type trawler with 400 HP with a valid license along with insurance cover for "Engagement on hire basis for Sea Turtle Protection duty during 2025-26 seasons." The period of engagement shall normally be from **December 2025 to March 2026**. The owners are to quote the monthly hire charges inclusive of all taxes, if any, but not the cost of fuel, which will be borne by this division. The detailed terms and conditions for the engagement of the trawler can be obtained from the Office of the undersigned during office hours from **25th November, 2025** onwards. The quotation for hiring of the trawler (400 HP) is to be submitted separately.

Sealed quotations are invited from **Dt.25/11/2025 at 10:00 AM to 05/12/2025, up to 3:00 PM.** The quotations will be **opened on 06/12/2025 at 1:00PM** in the conference hall of the undersigned. The undersigned reserves the right to accept or reject any quotation without assigning any reason thereof.

OIPR-
Sd./- Divisional Forest Officer
Puri (WL) Division, Puri



**GOVERNMENT OF ODISHA** No.B-728

**OFFICE OF THE CHIEF CONSTRUCTION ENGINEER NORTHERN (R&B) CIRCLE, SAMBALPUR**

Mail ID:- sepwdsbp@rediffmail.com

**e-Procurement**

**Bid Identification No.CCENC (R AND B)/15/2025-26**

No.4300, Dtd.17.11.2025

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road Work and Bridge work** as detailed in the DTCN from the eligible class of contractors.
2. No. of Works: (16 Nos.) (Road Works and Bridge Work)
3. Tender Cost: Rs.10,000/-
4. Class of Contractor: "A" Class and "Special" Class
5. Date & Time of available in website & receipt of Bids From 24.11.2025 to 17.00 Hours of 09.12.2025.
6. Date of Opening of Technical Bid: 10.12.2025 at 11.00 Hours
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/ Addendum will be displayed in the website www.tendersodisha.gov.in.

OIPR-
Sd./- Chief Construction Engineer
Northern (R&B) Circle, Sambalpur



**GOVERNMENT OF ODISHA** (eerw_kpd@yahoo.com)

**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**

No.O-1573:
2nd Corrigendum to
Tender Call Notice No.Tender Online RWD/KPD-10 of 2025-26, Dated:30.10.2025

**Due to unavoidable circumstances the change as detailed below are hereby made in the above NIT.**
1.Decision to conduct Lottery- If required, to decide the agency, transparent Lottery shall be conducted on dt.17.12.2025 at 11.00 AM respectively in Office Chamber of the undersigned. 2. Period of availability of tenders online/Date of time of bidding online/Date of opening of tender papers: The details are as follows.

| Procurement Officer | Place of Opening | Availability of tender online for bidding in online | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 27.11.2025 At 11.00 AM | Upto 5.00 PM on 09.12.2025 | Upto 5.00 PM on 08.12.2025 | 10.12.2025 At 11.00 AM |

1.All other terms and conditions of the said Tender Call Notice shall remain unaltered.

OIPR-
Sd./- Executive Engineer, Rural Works Division, Kendrapara



**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, ANGUL**

Email ID - eeliangul@gmail.com

**e- Tender Notice**

**Bid Identification No E.E. ANGUL (OLIC) 03/2025-26 Date 20.11.2025**

**No.CAD-2398:**The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of percentage rate bids in online mode only for the work **"Installation and energisation"** of New River Lift Irrigation Projects under **Athamallik, Banarpal, Chhendipada, Kaniha, Kishorenagar & Pallahara** blocks in Angul district on turn-key basis as detailed in the annexure below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture (Registered) agreement should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.

**1. Name of Works :** Installation & energisation of River Lift Projects with supply of all materials on Turnkey basis.
**2. Total Nos. of Packages :** 08 Nos
**3. Approximate Estimated Cost :** Rs. 27.168 Lakh to Rs. 80.256 Lakh
**4. Class of Contractor :** "C" & "B" valid civil Class with H.T. valid Licence / Joint venture (Registered)
**5. Period of completion :** 90 Days from the date of issue of work order.
**6. Other details as follows.**

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 03/2025-26 | 25.11.2025 10.00 AM | 05.12.2025 Upto 5.00 PM | 01.12.2025 | 06.12.2025 11.00 AM |

• Details can be seen from the Website www.tendersorissa.gov.in
• Any Corrigendum/ Addendum will be displayed in the above website only.

OIPR-
Sd./- (Er. Debaraj Sethi)
Executive Engineer, L.I. Division, Angul



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୦୭ **ବିଜ୍ଞାପନ** ତା:୧୦।୧୧।୨୫

No. CAD-2427: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ, ତୃତୀୟ ପର୍ଯ୍ୟାୟ, ଷ୍ଟେଜ୍-ବି, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ. ଏଚ୍.ଆଇ.ଜି.-ବି.-୧୪୬ (HIG-B-146)କୁ ଶ୍ରୀ ରମାକାନ୍ତ ଜେନା, ପି.: ବିପିନ୍ ବିହାରୀ ଜେନା, ଗ୍ରା/ପୋ.: ପାଟସୁନ୍ଦରପୁର, ଥା: କାକଟପୁର, ଜି.: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରମାକାନ୍ତ ଜେନା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବିଜୟ କୁମାର ନାୟକ, ପି.: କ୍ଷୀରୋଦ କୁମାର ନାୟକ, ଗ୍ରା: ପ୍ଲାଣ୍ଟସାଇଡ୍ ରୋଡ୍(ପି), ପୋ./ଥା: ପ୍ଲାଣ୍ଟସାଇଟ୍-ରାଉରକେଲା, ଜି.: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

OIPR-
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୪୪ **ବିଜ୍ଞାପନ** ତା:୧୩।୧୧।୨୫

No. CAD-2426: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ଏମ୍.ଆଇ.ଜି.-୧-୪୪/୪ (MIG-I-44/4), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସୁପ୍ରଭା ଧଳ, ସ୍ୱାମୀ: ସୁକାନ୍ତ ଧଳ, ସା: ଚାରିଘରିଆ, ପୋ: ଗୟଳ ବାଙ୍କ, ଥାନା: ବାଙ୍କୀ, ଜିଲ୍ଲା: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସୁପ୍ରଭା ଧଳ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଲକ୍ଷ୍ମୀଧର ବେସରା, ପିତା: ବସନ୍ତ ଚରଣ ବେସରା, ସା/ପୋ.: ପୋଡ଼ଗଡ଼, ଥାନା: ଯଶୀପୁର, ଜିଲ୍ଲା: ମୟୂରଭଞ୍ଜଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

OIPR-
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର **ଏସ୍ଏମ୍ଇ ଜଗତପୁର ଶାଖାର** ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ଏସ୍ଏମ୍ଇ ଜଗତପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରୀ ଋଣ (ଖ) ଏନ୍‌ପିଏ / ଋଣ ପରିଶୋଧ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ମେସର୍ସ ଅଲ୍ ମଲିକ ଷ୍ଟିଲ୍ସ ପ୍ରାଇଭେଟ ଲିମିଟେଡ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା ନିର୍ଦ୍ଦେଶକମାନେ: ସେକ୍ ନବୋ ଏବଂ ଶ୍ରୀ କୁମାର ଦେବବ୍ରତ, ପ୍ଲଟ୍ ନଂ.: ୪୪୮/୨୫୮୬, ୪୫୩/୩୧୯୧/୯୨, ଭଗତପୁର, ପୋ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୨୨ / ଜାମିନ୍‌ଦାର ଏବଂ ନିର୍ଦ୍ଦେଶକମାନେ: ୧) ଶ୍ରୀ କୁମାର ଦେବବ୍ରତ, ପିତା: ବସନ୍ତ କୁମାର ସ୍ୱାଇଁ, ପ୍ଲଟ୍ ନଂ.: ଏଲ୍‌ଆଇ/୧୨୯, ଆଚାର୍ଯ୍ୟ ବିହାର, ଥାନା: ସହୀଦ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୩, ୨) ସେକ୍ ନବୋ, ପିତା: ସେକ୍ ସାହୀଦ, ସା: ଭଗତପୁର, କନ୍ହେଇପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୨୨/ ଆକାଉଣ୍ଟ ନଂ.: ୧୨୫୦୦୬୧୧୨୭୬୦ | (କ)ଟ.୧,୦୦,୦୦,୦୦୦/- (ଏମ୍ଏସ୍ଏମ୍ଇ-ଓଡ଼ି/ଓସିସି)/ (ଖ) ୧୯.୧୧.୨୦୨୫ (ଗ) ୨୧.୧୧.୨୦୨୫ | ୨୧.୧୧.୨୦୨୫ ସୁଦ୍ଧା ଟ.୧,୦୦,୯୭,୬୮୭.୦୧ ଯୁକ୍ତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | (୧) ମେସର୍ସ ଅଲ୍ ମଲିକ ଷ୍ଟିଲ୍ସ ପ୍ରାଇଭେଟ ଲିମିଟେଡ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା **ନିର୍ଦ୍ଦେଶକ: ସେକ୍ ନବୋ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କନ୍ହେଇପୁର, ଥାନା: ଟାଙ୍ଗି, ଥାନା ନଂ. ୫୬, ତହସିଲ: ଟାଙ୍ଗି-ଚୌଦ୍ୱାର, ଏସ୍ଆରଓ: ଜଗତପୁର, ମ୍ୟୁଟେସନ୍ ଖାତା ନଂ.: ୮୪୬/୮୩୨, ପ୍ଲଟ୍ ନଂ.: ୪୪୮/୩୧୪୨, କ୍ଷେତ୍ର: ଏକର୦.୧୨୦ଡିସିମିଲି, ଅନୁରୂପ ଖାତା ନଂ.: ୧୭୦, ପ୍ଲଟ୍ ନଂ.: ୪୪୮, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି, ସ୍ଥିତି: ସ୍ଥିତିବାନ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ. ୪୪୮, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୪୮୯/୩୧୧୫, (୨) ମେସର୍ସ ଅଲ୍ ମଲିକ ଷ୍ଟିଲ୍ସ ପ୍ରାଇଭେଟ ଲିମିଟେଡ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା **ନିର୍ଦ୍ଦେଶକ: ସେକ୍ ନବୋ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୁଞ୍ଜରପୁର, ଥାନା: ସାଲେପୁର, ଥାନା ନଂ. ୧, ତହସିଲ: ସାଲେପୁର, ଏସ୍ଆରଓ: ସାଲେପୁର, ମ୍ୟୁଟେସନ୍ ଖାତା ନଂ.: ୭୪୭/୧୭୪୯, ପ୍ଲଟ୍ ନଂ.: ୨୧୮୧/୨୯୧୩, କ୍ଷେତ୍ର: ଏକର୦.୦୨୩ଡିସିମିଲି, ଅନୁରୂପ ଖାତା ନଂ.: ୭୪୭/୯୩୮, ପ୍ଲଟ୍ ନଂ.: ୨୧୮୧/୨୯୧୩, କ୍ଷେତ୍ର: ଏକର୦.୦୨୩ଡିସିମିଲି, ଅନୁରୂପ ଖାତା ନଂ.: ୭୪୭/୨୪୭, ପ୍ଲଟ୍ ନଂ.: ୨୧୮୧, କ୍ଷେତ୍ର: ଏକର୦.୦୨୩ଡିସିମିଲି, ଅନୁରୂପ ଖାତା ନଂ.: ୪୯୭, ପ୍ଲଟ୍ ନଂ.: ୨୧୮୧, କ୍ଷେତ୍ର: ଏକର୦.୦୨୩ ଡିସିମିଲି, କିସମ: ଘରବାରି, ସ୍ଥିତି: ସ୍ଥିତିବାନ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରକାରୀ ଜମି, ଦକ୍ଷିଣ: ଗୋଚର, ପୂର୍ବ: ପ୍ଲଟ୍ ନଂ. ୨୧୮୨, ପଶ୍ଚିମ: ପ୍ଲଟ୍ ନଂ.: ୨୧୮୧ |

ସ୍ଥାନ : କଟକ, ତାରିଖ : ୨୪.୧୧.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



RAIN, SUN AND FIREPROOF
KONARK IS THE RIGHT ROOF

KONARK
Right at the top


USE
KONARK ISI
AC SHEETS & ACCESSORIES

UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



WHILE SOME PERSUE FOR EXCELLENCE
WE ARE BORN TO EXCELL.

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଛତ୍ରପୁର, ୨୪।୧୧ (ଦିଲ୍ଲୀପ ସାମଲ)

ଚମାଖଣ୍ଡି ଥାନା ଅଧିନ ବନ୍ଦର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ କେ. କାରାଡୁ। ରବିବାର ସନ୍ଧ୍ୟାରୁ କାରାଡୁ ନିଖୋଜ ଥିଲେ। ସୋମବାର ସକାଳୁ ଗାଁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବାର ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ପାଣିରୁ ମୃଦଦେହ ଉଦ୍ଧାର କରିଥିବା ଜବତ କରି ୧୧/୨୫ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲା। ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ମୃତ ଶିଶୁ ଜନ୍ମଦେଲେ ମାନସିକ ବିକାରଗ୍ରସ୍ତ ମହିଳା ଯାତ୍ରୀ ବିଶ୍ରାମାଗାରରୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଧରାକୋଟ, ୨୪।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ବସଷ୍ଟାଣ୍ଡ ଯାତ୍ରୀ ବିଶ୍ରାମାଗାରରେ ସୋମବାର ଭୋରରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ଏକ ଅପରିପକ୍ୱ ମୃତ ଶିଶୁ ଜନ୍ମ ଦେଇ ଗୁରୁତରଅବସ୍ଥାରେ ପଡ଼ି ରହିଥିଲେ। ଏହା ଜାଣିବା ପରେ ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ କର୍ମଚାରୀଙ୍କ ସହିତ ସେଠାରେ ପହଞ୍ଚି ଉଭୟ ମା ଓ ଶିଶୁକୁ ଉଦ୍ଧାର କରିଥିଲେ। ପରେ ଆଶା କର୍ମୀଙ୍କ ସହାୟତାରେ ସେମାନଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଶିଶୁଟିକୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାନସିକ ବିକାରଗ୍ରସ୍ତ ମହିଳା ଜଣକ ଉଚ୍ଚ ରକ୍ତଚାପ, ରକ୍ତହୀନତା ଓ ମାତ୍ରାଧିକ ରକ୍ତସ୍ରାବ ଯୋଗୁ ଗୁରୁତର ହୋଇ ପଡିଥିବାରୁ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଅପରିପକ୍ୱ ଅବସ୍ଥାରେ ସନ୍ତାନ ପ୍ରସବ ହୋଇଥିବାରୁ ତାର ମୃତ୍ୟୁ ଘଟିଛି ଏବଂ ମାତ୍ରାଧିକ ରକ୍ତସ୍ରାବ ଯୋଗୁ ମହିଳା ଜଣକ ଗୁରୁତର ହୋଇପଡିଛନ୍ତି ବୋଲି ଡାକ୍ତର ବିମଳେନ୍ଦୁ ପଣ୍ଡା ପ୍ରକାଶ କରିଛନ୍ତି।

## ଚାନ୍ଦିପୁଟରୁ ହାଇଦ୍ରାବାଦକୁ ଚାଲାଣ ଗୋରୁ ଉଦ୍ଧାର

ଆର.ଉଦୟଗିରି, ୨୪।୧୧ (ମନୋଜ କୁମାର ପାଢ଼ୀ)

ଚାନ୍ଦିପୁଟରୁ ଆସୁଥିବା ଏକ ଗୋରୁ ବୋଝେଇ ଟ୍ରକକୁ ଗଜପତି ଜିଲା ଆର.ଉଦୟଗିରି ପୋଲିସ ରବିବାର ରାତିରେ ଜବତ କରିଛି। ଏସ୍ଆଇ ସ୍ୱପ୍ନାରାଣୀ ବେହେରା ଏକ ଟିମ ସହ ପାଟ୍ରୋଲିଂ କରୁଥିବା ବେଳେ ଏହି ଟ୍ରକ୍ (ଟିଜି୦୮ ୟୁ-୦୭୪୨)କୁ ଦେଖି ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ୫୬ଟି ଗୋରୁଗାଈ ଥିଲେ। ଗୋରୁଗାଈଗୁଡ଼ିକୁ ହାଇଦ୍ରାବାଦ ଚାଲାଣ ହେଉଥିଲା। ଗୋଚାଲାଣ ନେଇ ଆବଶ୍ୟକ କାଗଜପତ୍ର ପୋଲିସକୁ ଯାଞ୍ଚ ବେଳେ ଗୋଚାଲାଣକାରୀମାନେ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଟ୍ରକ ଜବତ କରି ଗୋରୁଗାଈଗୁଡ଼ିକୁ ଉଦ୍ଧାର କରି ଡେଙ୍ଗାଓସ୍ତାସ୍ଥିତ ଗୋଶାଳାକୁ ପଠାଇଛି। ପଶୁ ନିଷ୍ଠୁରତା ଆଇନ ଅନୁସାରେ ନଂ. ୧୬୩/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏସଆଇ ବେହେରା ଏହାର ତଦନ୍ତ ଜାରି ରଖିଛନ୍ତି। ଚାଲାଣକାରୀଙ୍କ ବିରୋଧରେ ପଶୁ ନିଷ୍ଠୁରତା ଆଇନ ଲାଗିଛି ।

## କୁକୁଡ଼ା ଫାର୍ମରୁ ଚୋରି ଘଟଣା, ଜେଲ ଗଲେ ୨ ଅଭିଯୁକ୍ତ

ଦିଗପହଣ୍ଡି, ୨୪।୧୧ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଥାନା ସିଦ୍ଧେଶ୍ୱର-ସିଦ୍ଧିଖଣ୍ଡି ଗ୍ରାମ ରାସ୍ତା କଡ଼ରେ ଥିବା କୁକୁଡ଼ା ଫାର୍ମରୁ ଚୋରି କରିବା ଘଟଣାରେ ଦିଗପହଣ୍ଡି ପୋଲିସ ସୋମବାର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସିଦ୍ଧେଶ୍ୱର ଗ୍ରାମର କାହ୍ନୁ ସାହୁ ଓ ରାଜୀବ ସ୍ୱାଇଁ। ଥାନା ନଂ.୪୨୬/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସିଦ୍ଧେଶ୍ୱର ଗ୍ରାମର କୁକୁଡ଼ା ଫାର୍ମ ମାଲିକ ଗୋଲକ ବିହାରୀ ପଟ୍ଟନାୟକଙ୍କ ଏତଲା ପ୍ରକାରେ ଗତ ଶନିବାର ବିଳମ୍ବିତ ରାତିରେ କୁକୁଡ଼ା ଫାର୍ମରେ ପଶି ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ଫାର୍ମରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହା କଏଦ ହୋଇଥିଲା। ମହିଳା ପୋଲିସ ଏସଆଇ ସୋଫିଆ ମିଶ୍ର ଏବଂ ତଦନ୍ତକାରୀ ଅଧିକାରୀ ଦିଲ୍ଲୀପ ଗୋରଡ଼ା ୨ ଯୁବକଙ୍କୁ ସୋମବାର ଥାନାକୁ ଆଣି ପଚରାଉଚରା କରିବା ପରେ ଦୁହେଁ ଚୋରି କରିଥିବା ମାନି ନେଇଥିଲେ ।

# ଅଧ୍ୟାପକଙ୍କ କଦର୍ଯ୍ୟ ବ୍ୟବହାର, କ୍ରୀଡା ଛାତ୍ରଙ୍କ ବିକ୍ଷୋଭ

### କଲେଜ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପରେ ହେଲା ସମାଧାନ

ବୁଗୁଡ଼ା, ୨୪।୧୧ (କାଳିଚରଣ ଦାଶ)

ବୁଗୁଡା ପିପୁଲ୍ସ କଲେଜର ଏନସିସି ଆର୍ମି ୱିଙ୍ଗ୍ ଲେଫ୍ଟନାଣ୍ଟଙ୍କ କଦର୍ଯ୍ୟ ବ୍ୟବହାର ପ୍ରତିବାଦରେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ କ୍ରୀଡାଛାତ୍ର ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ କଲେଜ କର୍ତ୍ତୃପକ୍ଷ ଛାତ୍ରମାନଙ୍କୁ ବୁଝାଶୁଝା କରି ଏହାର କରିଥିଲେ।

ଖବରରୁ ପ୍ରକାଶ, ରବିବାର କଲେଜର କ୍ରୀଡା ପ୍ରାଙ୍ଗଣରେ ଏନସିସି ଦିବସ ପାଳନ ଅବସରରେ ନିକଟରେ ଭଲିବଲ୍ ଖେଳାଭ୍ୟାସ ଯୋଗୁ କିଛିଟା ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏଥିରେ ବିରକ୍ତ ହୋଇ ଏନସିସି ଆର୍ମି ୱିଙ୍ଗ୍ ଲେଫ୍ଟନାଣ୍ଟ ଜଣକ ଖେଳାଳିଙ୍କ ପ୍ରତି କଦର୍ଯ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦ କରିବାକୁ ଯାଇ ସୋମବାର ସକାଳେ କ୍ରୀଡାଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ କଲେଜରେ ପାଠପଢା ଏକ ପ୍ରକାର ଠପ୍ ହୋଇଯାଇଥିଲା। ଖବର ପାଇ ପୋଲିସ ପହଞ୍ଚିବା ପରେ କଲେଜ ପରିସରରେ ଉତ୍ତେଜନା ହ୍ରାସ ପାଇଥିଲା। ଏ ନେଇ କଲେଜ ଭାରପ୍ରାପ୍ତ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଜରୁରୀ ବୈଠକ ବସିଥିଲା। ବୈଠକରେ ବୁଗୁଡା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଯୁକ୍ତ୨ ଓ ଯୁକ୍ତ ୩ କ୍ରୀଡା ଉପଦେଷ୍ଟା ଆମ୍ ପ୍ରକାଶ ନାୟକ ଓ ଅକ୍ଷୟ ସାହୁ, କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର, ଅଧ୍ୟାପକ ପ୍ରଦୀପ ଦାଶ, ଜୟରାମ ବିଷୋୟୀ, ସଞ୍ଜୟ ପ୍ରଧାନ, ଶଙ୍କର ପରିଡା ଓ ଲେଫ୍ଟନାଣ୍ଟ ଅଜୟ ସାହୁଙ୍କ ସମେତ କ୍ରୀଡାଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟାପକଙ୍କ ଅନାବଶ୍ୟକ ଆଚରଣ ଏବଂ କ୍ରୀଡାଛାତ୍ରଙ୍କ ପ୍ରତିବାଦକୁ ନାପସନ୍ଦ କରାଯିବା ସହ ଏଭଳି ଘଟଣା ଶିକ୍ଷାନୁଷ୍ଠାନ ପାଇଁ ଶୁଭଙ୍କର ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ଆଇଆଇସି ଏବଂ ଅଧ୍ୟାପକମାନେ ପ୍ରତିବାଦକାରୀ ଛାତ୍ରଗୋଷ୍ଠୀଙ୍କୁ ବୁଝାଇ କଲେଜର ଗୌରବ ବୃଦ୍ଧି ଏବଂ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ର ବାଦଲ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧାପକ ଓ କ୍ରୀଡ଼ା ଛାତ୍ରମାନେ।

## ପଦାସାହିରେ ଘର ଭାଙ୍ଗିଲା ହାତୀ



ଜି.ଉଦୟଗିରି, ୨୪।୧୧ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରିର ପଦାସାହି ଗ୍ରାମରେ ରବିବାର ରାତିରେ ଦନ୍ତାହାତୀ ଆସି ଦେବକୀ ନାୟକଙ୍କ ଘର ଭାଙ୍ଗି ଆସବାବ ପତ୍ର ନଷ୍ଟ କରିଛି। କିଛି ଦିନ ବ୍ୟବଧାନରେ ଜନବସତି ଅଞ୍ଚଳକୁ ହାତୀ ଆସିବା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। କିଛି ମାସ ତଳେ ହାତୀ ଆକ୍ରମଣରେ ପଦାସାହି ଗ୍ରାମ ନିକଟ ପାଜିମାହାଠାରେ ଜଣଙ୍କୁ ମାରିଥିଲା। ପୁଣି ହାତୀ ଆସିଥିବା ଖବର ପାଇ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏନେଇ ବନବିଭାଗ ତରଫରୁ ଉକ୍ତ ହାତୀ ଗୁଡ଼ିକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଥିବା ସ୍ଥାନୀୟ ବନ ଅଧିକାରୀ ପ୍ରଶାନ୍ତ କୁମାର ସାହ ସୂଚନା ଦେଇଛନ୍ତି।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ହାଇପରଫର୍ମାନ୍ସ କମ୍ପ୍ୟୁଟିଂ ଉପରେ ସେମିନାର




ଗୋପାଳପୁର, ୨୪।୧୧ (ନବୀନ ରାଜ ଆଚାରୀ)

କନିସି ହାଟ ଅଧିନସ୍ଥ ପାଲୁର ହିଲ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ବିଭାଗର ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ସେମିନାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡା.ସୁକାନ୍ତ କିଶୋର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ମହାପାତ୍ର ନିଷ୍ଟ ବିଶ୍ୱବିଦ୍ୟାଳୟର ନବସୃଜନ ଇକୋସିଷ୍ଟମକୁ ଏହାର ପ୍ରାରମ୍ଭିକ ବର୍ଷରୁ ମଜବୁତ କରିବାରେ ଡ.ଲକ୍ଷ୍ମୀ ନାରାୟଣ ଭୁୟାଁଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ସେମିନାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗର ପ୍ରଫେସର ଡ.ଭୂୟାଁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ୨୦ ବର୍ଷର ଗବେଷଣା ଅଭିଜ୍ଞତାରୁ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ଏହି କ୍ଷେତ୍ର କିପରି ବିକଶିତ ହୋଇଛି ଏବଂ ଏହା କେଉଁ ଆଡ଼କୁ ଯାଉଛି ତାହା ଉପରେ ଆଲୋକପାତ କରିଥିଲେ। କମ୍ପ୍ୟୁଟର ବିଭାଗର ପ୍ରଫେସର ଡା.ମାନସ ରଞ୍ଜନ ପାତ୍ର, ଡା.ବ୍ରଜ କିଶୋର ମିଶ୍ର ଏହି କାର୍ଯ୍ୟକ୍ରମକୁ ଦକ୍ଷତାର ସହିତ ସଂଯୋଜନା କରିଥିଲା ବେଳେ ଡା. ବିଷ୍ଣୁକର ନାୟକ ଧନ୍ୟବାଦ ଦେଇଥିଲେ।

## ୨୦ ମାସ ପରେ ଖୋଲିଲା ଅଙ୍ଗନୱାଡ଼ି କେନ୍ଦ୍ର

ଗଞ୍ଜାମ, ୨୪।୧୧ (ଅଖିଳ ତରେଇ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର କୁଜିଢ଼େପା ଗ୍ରାମବାସୀଙ୍କ ଦୀର୍ଘ ଦିନର ଅଙ୍ଗନୱାଡ଼ି ସମସ୍ୟା ସମାଧାନ ହୋଇଛି। ୨୦ ମାସରୁ ଅଧିକ ସମୟ ଧରି ବନ୍ଦ ରହିଥିବା କୁଜିଢେପା ଅଙ୍ଗନୱାଡ଼ି କେନ୍ଦ୍ରକୁ ତୁରନ୍ତ ଖୋଲିବା ପାଇଁ ଜିଲାପାଳ ଭି.କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେବା ପରେ ସୋମବାର ତାହା କାର୍ଯ୍ୟକାରୀ ହୋଇଛି। ବ୍ଲକରେ ଅନୁଷ୍ଠିତ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ କୁଜିଢେପା ଗ୍ରାମର କିଛି ଲୋକ ଅଙ୍ଗନୱାଡ଼ି କର୍ମୀଙ୍କ ମନମାନି ଏବଂ କେନ୍ଦ୍ର ବନ୍ଦ ଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅବସରରେ ଜିଲାପାଳ ଦୃଢ଼ ମତ ପ୍ରକାଶ କରିଥିଲେ ଯେ, କୌଣସି ବ୍ୟକ୍ତିବିଶେଷଙ୍କ କେନ୍ଦ୍ରକୁ ବନ୍ଦ କରିବାର ଅଧିକାର ନାହିଁ। ଯଦି କେହି ଜବରଦସ୍ତ ବନ୍ଦ କରନ୍ତି, ତେବେ ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ବେହେରା, ସିଡିପିଓ ସଲିଳା ପ୍ରଧାନ, ସୁପରଭାଇଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଙ୍ଗନୱାଡ଼ି କେନ୍ଦ୍ରକୁ ପୁନଃ ଖୋଲିଛନ୍ତି। ପ୍ରକାଶଥାଉ କି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀମାନେ ନିୟମିତ କେନ୍ଦ୍ର ଖୋଲୁ ନ ଥିଲେ ଏବଂ ସେବା ଯୋଗାଇବାରେ ଅବହେଳା କରୁଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିବାଦ ଜାରି ରହିଥିଲା। ଅଙ୍ଗନୱାଡ଼ି କେନ୍ଦ୍ରଟି ବନ୍ଦ ଥିବାରୁ ପିଲାମାନେ ପାଠପଢି ପାରୁ ନ ଥିଲେ ଏବଂ ସେମାନଙ୍କୁ ଖାଇବାକୁ ମିଳୁ ନ ଥିଲା। ଅଙ୍ଗନୱାଡ଼ି କର୍ମୀ ବାରଣ୍ଡାରେ ବସି ଯାଉଥିଲେ।



ଖୋଲାଯାଉଛି ଅଙ୍ଗନୱାଡ଼ି କେନ୍ଦ୍ର

**ହସ୍ତକ୍ଷେପ କଲେ ଜିଲାପାଳ**

## ଶକ୍ତି ସଂରକ୍ଷଣ ନେଇ କୁଇଜ

ଶେରଗଡ଼, ୨୪।୧୧ (ସୂର୍ଯ୍ୟ ନାରାୟଣ ଦାଶ)-

ଗଞ୍ଜାମ ଜିଲା ଶେରଗଡରେ ବ୍ଲକ୍‌ସ୍ତରୀୟ ଶକ୍ତି ସଂରକ୍ଷଣ ଶୀର୍ଷକ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଶ୍ରୀପଦମଞ୍ଜରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଏବିଇଓ ଦିବାକର ଗମାଙ୍ଗ, ପ୍ରଧାନଶିକ୍ଷକ ପ୍ରଶାନ୍ତ ଡାକୁଆ, ଶିକ୍ଷକ ବାଳକୃଷ୍ଣ ପାତ୍ର ଓ ଅନିଲ ତ୍ରିପାଠି ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ସମସ୍ତଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିବା ଘୋଷଣା କରାଯାଇଥିଲା।

## ୪ ଅନାଥ ଶିଶୁଙ୍କୁ ଥଇଥାନ କଲା ଜିଲା ପ୍ରଶାସନ

ପାରଳାଖେମୁଣ୍ଡି, ୨୪।୧୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ମୋହନା ବ୍ଲକର କର୍ଚ୍ଚବାଡ଼ି ପଞ୍ଚାୟତ ଅନ୍ତର୍ଗତ ଖାରିକୁଟି ଗ୍ରାମର ଦମ୍ପତି ସ୍ୱର୍ଗତ ଜଳେଶର ମଲ୍ଲିକ ଓ ରାଜେଶ୍ୱରୀ ମଲ୍ଲିକଙ୍କ ମୃତ୍ୟୁ ପରେ ସେମାନଙ୍କର ୫, ୮, ୧୧ ଓ ୧୩ ବର୍ଷ ବୟସର ୪ ସନ୍ତାନ ଅନାଥ ହୋଇଯାଇଥିଲେ। ଏହି ୪ ଶିଶୁ ସେମାନଙ୍କର ବିବାହିତା ବଡ଼ ଭଉଣୀ ଶିଫନୀ ମଲ୍ଲିକଙ୍କ ଘରେ ଆଶ୍ରୟ ନେଇଥିଲେ। ମାତ୍ର ଶିଫନୀଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଶିଶୁମାନେ ଅସହାୟ ଅବସ୍ଥାରେ ରହୁଥିଲେ। ଏହି ପିଲାମାନଙ୍କ ସମ୍ପର୍କରେ ଜଣାପଡିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଡିସିପିୟୁର ସମାଜିକ କର୍ମୀ ନରେଶ ନାୟକ, ସୁପରଭାଇଜର ଏ. ରବି କୁମାର, ଏବଂ ଡ଼େଷ୍ଟା ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ସେଠାରେ ପହଞ୍ଚ ୪ଶିଶୁଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶରେ ପିଲାମାନଙ୍କୁ ମୋହନା ଜରାଉସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ଡ଼େଷ୍ଟାର ହୋମରେ ଥଇଥାନ ବ୍ୟବସ୍ଥା କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ କହିଛନ୍ତି।

## ମେଗା ପ୍ରକଳ୍ପ ପରିଦର୍ଶନ କଲେ ବିଧାୟକ



ଖଜୁରିପଡ଼ା, ୨୪।୧୧ (ବିଦୁର ବେହେରା)

ଫୁଲବାଣୀ ବିଧାୟକ ଉମାଚରଣ ମଲିକ ପାଣିଘରାଠାରେ ସରକାରଙ୍କ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିବା ସହ ନିର୍ମାଣ ଦାୟିତ୍ୱରେ ଥିବା ଏଲ୍ଆଣ୍ଡଟି କମ୍ପାନୀର ବିଭିନ୍ନ ବିଭଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମହାନଦୀରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପରେ ଜଳ ସଂରକ୍ଷଣ ଇନ୍‌ଟେକ, ଜଳ ଯୋଗାଣ ଚ୍ୟାନେଲ ଏବଂ ଜଳ ବିଶୋଧନ ପ୍ଲାଣ୍ଟ ସହ ବର୍ଜ୍ୟଜଳ ନିଷ୍କାସନ ପଏଣ୍ଟ ଆଦି ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ ତଥ୍ୟ ସଂଗ୍ରହ ଆଲୋଚନା ପରେ ଅତିକମରେ କନ୍ଧମାଳ ଜିଲାର କିଛି ଅଞ୍ଚଳକୁ ଜଳ ଯୋଗାଣ ପାଇଁ ବିଧାୟକ କହିଥିବା ବେଳେ ଏଲ୍ଆଣ୍ଡଟି ତରଫରୁ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି ଏବଂ ଖୁବଶୀଘ୍ର ପ୍ରକଳ୍ପକୁ ସାରିବୁ ବୋଲି କମ୍ପାନୀ ଅଧିକାରୀ ମାନେ କହିଥିଲେ। ବିଧାୟକଙ୍କ ସହ ଫୁଲବାଣୀ ଆରଡବ୍ଲୁଏସ୍ଏସ୍ ଏସ୍‌ଡ଼ିଓ ତୀର୍ଥବାସୀ ପ୍ରଧାନ ଏବଂ ଦଳୀୟ ନେତା ମୁକ୍ତିକାନ୍ତ ମହାନ୍ତି, ଖଜୁରିପଡ଼ା ବ୍ଲକ୍ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ମଣ୍ଡଳ ସଭାପତି ରଞ୍ଜନ କହଁର, ସାଧାରଣ ସମ୍ପାଦକ କେଦାର ଗୌରୀ ସାହୁ, ରୋହିତ ପ୍ରଧାନ, ରଞ୍ଜନ ପ୍ରଧାନ (ଲୁଲୁ) ବିରଜା ପ୍ରସାଦ ବଗର୍ତ୍ତି ପ୍ରମୁଖ ସାମିଲ ଥିଲେ।

## ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ



କବିସୂର୍ଯ୍ୟନଗରରେ ଉପସ୍ଥିତ ଅତିଥିମାନେ ।

କବିସୂର୍ଯ୍ୟନଗର/ବୁଗୁଡ଼ା, ୨୪।୧୧ (କୃପାସିନ୍ଧୁ ସ୍ୱାଇଁ /କାଳିଚରଣ ଦାଶ)

କବିସୂର୍ଯ୍ୟନଗର ଶ୍ରୀଅରବିନ୍ଦ ପାଠଚକ୍ର ଠାରେ ସୋମବାର ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ ହୋଇଛି । ଏହି ପରିପେକ୍ଷୀରେ ବିଦ୍ୟାଳୟ ପରିସରରେ ମାତୃ ପତାକା ଉତ୍ତୋଳନ, ଡ୍ରିଲ, ମାର୍ଚ୍ଚପାଷ୍ଟ ହୋଇଥିଲା । ସଭାପତି ନଗେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜିକ କର୍ମୀ ଇ. ମାହେଶ୍ୱରୀ ଦୋରା, ଅନୁଷ୍ଠାନର ସମ୍ପାଦକ ନିଖିଳ ସାହୁ, କୋଷାଧକ୍ଷ ସନ୍ୟାସୀ ନାୟକ, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ଅଚାରୀ, ଅଧକ୍ଷା ହେନା ବଳିୟାର ସିଂ, ମାତୃପ୍ରେମୀ ସରଜୁ କୁମାରୀ ମାଝୀ, ଅସିତ ବୀରେନ ସାହୁ, ଶଶିଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅରବିନ୍ଦଙ୍କ ଯୋଗଦର୍ଶନ ଓ ସିଦ୍ଧି ଦିବସର ତାତ୍ପର୍ଯ୍ୟ ଉପରେ ଅତିଥିମାନେ ନିଜ ମତ ରଖିଥିଲେ। ସେହିପରି ବୁଗୁଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ୧୦୦ତମ ସିଦ୍ଧି ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରାତଃ କାଳରେ ମନ୍ତ୍ରଜପ ଓ ପୂର୍ବାହ୍ନରେ ମାତୃ ପତାକା ଉତ୍ତୋଳନ ସହ ଶିକ୍ଷାକେନ୍ଦ୍ରର ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ମାତୃପ୍ରେମୀ ଟି.ସୁଦର୍ଶନ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ପ୍ରାପ୍ତ ସମ୍ପର୍କେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷ ହରିହର ମହାରଣା ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ରଶ୍ମିତା ପାଢ଼ୀ, ଚନ୍ଦନା ମହାରଣା, ଧରିତ୍ରୀ ମହାପାତ୍ର, ରାଜେଶ୍ୱରୀ ମହାନ୍ତି, ବର୍ଷାରାଣୀ ବିଷୋୟୀ, ସାଗରୀ ବେହେରା, ପ୍ରିୟାଙ୍କା ବାରିକ, ପୂଜା ଦାଶ ଓ ଅନୀତା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ପ୍ରଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଶିକ୍ଷକ ବାଲ୍ମିକୀ ପାଣି ଧନ୍ୟବାଦ ଦେଇଥିଲେ।

## ଉପେନ୍ଦ୍ର ଭଞ୍ଜ ଅଦ୍ୱିତୀୟ ଓ ଅନନ୍ୟ

### 'ଓଡ଼ିଆ ସାହିତ୍ୟରେ କବି ସମ୍ରାଟଙ୍କ ପରାକାଷ୍ଠା' ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଭଞ୍ଜନଗର, ୨୪।୧୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ସୋମବାର 'ଓଡ଼ିଆ ସାହିତ୍ୟରେ କବି ସମ୍ରାଟଙ୍କ ପରାକାଷ୍ଠା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ. ସ୍ମିତାରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ବିଭାସ ଦାସ ଯୋଗ ଦେଇଥିଲେ। ବକ୍ତାମାନେ ଭଞ୍ଜ ସାହିତ୍ୟ ସଭିଙ୍କ ଆପଣାର। ଉପେନ୍ଦ୍ର ଭଞ୍ଜ ଅଦ୍ୱିତୀୟ ଓ ଅନନ୍ୟ । ତାଙ୍କଭଳି ଜଣେ ମହାନ ବ୍ୟକ୍ତିଙ୍କ ଘୁମୁସର ମାଟିରେ ଜନ୍ମ ନେବା ଏ ମାଟିପାଇଁ ଗୌରବର ବିଷୟ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ରାଜଲକ୍ଷ୍ମୀ ରଥ ସଂଯୋଜନା କରିଥିଲେ । 'ଓଡ଼ିଆ ସାହିତ୍ୟରେ କବି ସମ୍ରାଟଙ୍କ ପରାକାଷ୍ଠା' ଓ 'ଚର୍ଯ୍ୟା ଗୀତିକାରେ ଧର୍ମ ଦର୍ଶନ' ଶୀର୍ଷକ ଦୁଇଟି ପ୍ରବନ୍ଧକୁ ଛାତ୍ର ଚିନ୍ମୟ ପ୍ରସାଦ ପରିଡା ଓ ସୁଚିତ୍ରା ରଣା ପାଠ କରିଥିଲେ। ଅଧାପକ ଦିଗନ୍ତ ଜେନା ଓ ଅଧାପିକା ରୋଜାଲିନ ମହାରଣା, କଳ୍ପନା ସାଣ୍ଡ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ ସହ ମରଣାନ୍ତକ ଆକ୍ରମଣ, ୨ ଗିରଫ

ପାତ୍ରପୁର, ୨୪।୧୧ (ଉମା ଚରଣ ନେପାକ)

ଜରଡ଼ା ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ନାବାଳିକା (୧୭)ଙ୍କୁ ଅସଦାଚରଣ ପ୍ରଦର୍ଶନ ସହ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ଅଭିଯୋଗ ହେବା ପରେ ପୋଲିସ ନଂ.୩୯୨/୨୫ରେ ମାମଲା ରୁଜୁକରି ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପାତ୍ରପୁରର ନିରାକାର ବେହେରା(୨୨) ଓ କେ. ବେଲପଡ଼ା ଗ୍ରାମର କେ. ବିଘ୍ନେଶ୍ୱର ଦଳାଇ(୨୨)। ଖବରରୁ ଜଣାପଡିଛି, ଗତ ୨୧ ତାରିଖ ରାତି ୧୧ଟାରେ ବିଘ୍ନେଶ୍ୱରଙ୍କ ସହାୟତାରେ ନିରାକାର ସମ୍ପୃକ୍ତା ନାବାଳିକାଙ୍କ ଘରକୁ ଯାଇଥିଲେ। ସେତେବେଳେ ତାଙ୍କ ଘରେ କେହି ନ ଥିଲେ। ଏହି ସୁଯୋଗରେ ନିରାକାର ନାବାଳିକାଙ୍କୁ କାମୁଡି ଅସଦାଚରଣ ପ୍ରଦର୍ଶନ କରି ଆକ୍ରମଣ କରିଥିଲେ। ଖବରପାଇ ଯୁବତୀଙ୍କ ଭାଇ ପହଞ୍ଚିଯିବାରୁ ଯୁବକ ଜଣକ ତାଙ୍କୁ ଛାଡ଼ି ପଳାଇଥିଲେ। ନାବାଳିକାଙ୍କ ମା' ଜରଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ନାବାଳିକାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜିକୁ ପଠାଇଥିଲା। ଏହାର ତଦନ୍ତ କରି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରିଥିଲା।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ବିଜ୍ଞାନ ମେଳା

ଚକାପାଦ/ ତୁମୁଡିବନ୍ଧ, ୨୪।୧୧ (ପ୍ରତାପ କିଶୋର ବେହେରା/ ଦୀପକ କୁମାର ପରାସେଠ)

ଚକାପାଦ ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ କୁନି ବୈଜ୍ଞାନିକମାନଙ୍କ ବିଜ୍ଞାନ ଭିତ୍ତିକ ପ୍ରକଳ୍ପର ପ୍ରଦର୍ଶନୀ ମେଳା ସୋମବାର ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ସୁମନ୍ତ ମଲ୍ଲିକ ଉଦଘାଟନ କରିଥିଲେ। ୫୮ଟି ବିଦ୍ୟାଳୟରୁ ୯୦ଟି ପ୍ରକଳ୍ପ ପଞ୍ଜିକରଣ ହୋଇଥିଲା। ସେଥିମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଏଥିସହ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରୁ ଲୁଜୁରାମୁଣ୍ଡା ଉନ୍ନିତ ଉଚ୍ଚ ବିଦ୍ୟାଳୟ ଷଷ୍ଠ ଶେଣୀ ଛାତ୍ରୀ ପ୍ରତୁଷା ପ୍ରଧାନ ଓ ବିରିଗାଁ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଆଦ୍ୟଶା ଡିଗାଲ କୃତିତ୍ୱ ହାସଲ କରିଛନ୍ତି। ବିଚରାକ ଭାବେ ଅମିତ କୁମାର ତ୍ରିପାଠୀ, ବିଜ୍ଞାନ ଶିକ୍ଷକ କେରେଡ଼ି ଉନ୍ନିତ ଉଚ୍ଚ ବିଦ୍ୟାଳୟ ଓ ମନେଦ୍ର ପ୍ରଧାନ ବିଜ୍ଞାନ ଶିକ୍ଷକ ଦୟାନନ୍ଦ ଉଚ୍ଚ ବିଦ୍ୟାଳୟ ପାବୁରିଆ ଅଂଶ ଗ୍ରହଣ କରିଥିଲେ। ଶେଷରେ କୃତି ଛାତ୍ରୀଛାତ୍ର ମାନଙ୍କୁ ବ୍ଲକ ଅଧକ୍ଷା ବୈନେତ୍ରୀ କହ୍ନର, ବିଇଓ ରଞ୍ଜନ କୁମାର କହ୍ନର, ଏବିଇଓ ବୁଲୁ ଦେଶ ନାୟକ ଓ ଗୁରୁଜୀଲାଲ ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ତୁମୁଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବାଲ୍‌ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଛି। ତୁମୁଡିବନ୍ଧ ବ୍ଲକର ୧୪୯ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ୯୫ ଟି ପ୍ରକଳ୍ପ ପ୍ରଦର୍ଶୀତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନିମିତ୍ତ ଆସିଥିବା ସମସ୍ତ ପ୍ରକଳ୍ପକୁ ବିଚାରକ ଭାବେ ନାଗାର୍ଜୁନ ପ୍ରଧାନ ଏବଂ ଶ୍ୟାମ ସୁନ୍ଦର ସାହୁ ପରିଦର୍ଶନ କରିଥିଲେ। ସେଥିମଧ୍ୟରୁ ମୋଟ ୧୦ଟି ପ୍ରକଳ୍ପକୁ ଜିଲା ସ୍ତରୀୟ ପ୍ରଦର୍ଶନୀ ନିମିତ୍ତ ପଠାଇବା ପାଇଁ ଚୟନ କରାଯାଇଛି। ଅପରାହ୍ନରେ ଏକ ସଭା କାର୍ଯ୍ୟ ଆୟୋଜିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଦାରା ସିଂ ବାରିକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ତୁମୁଡିବନ୍ଧ ଗୋଷ୍ଠି ଶିକ୍ଷାଧିକାରୀ ଗଣେଶ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ତୁମୁଡିବନ୍ଧ ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ନେତ୍ର ମାନସେଠ, ତୁମୁଡିବନ୍ଧ ଏଏଚଓ ଦେବାଶିଷ ମଲ୍ଲିକ, ଏବିଇଓ ନିଳେନ୍ଦ୍ର ଦିଗାଲ, ତୁମୁଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଚନ୍ଦ୍ର ବଳିଆରସିଂ, ଶିକ୍ଷକ ଶରତ ଚନ୍ଦ୍ର ମାଝି, କୁମାର ପରାସେଠ, ଶ୍ରୀବଚ୍ଛ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।



# ଷଡ଼ଯନ୍ତ୍ରକାରୀଙ୍କୁ ଖୋଜୁଛି ସିବିଆଇ

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

- ଭୁବନେଶ୍ୱର କୋର୍ଟକୁ ମାମଲା ସ୍ଥାନାନ୍ତର
- ବ୍ରହ୍ମପୁର ଜେଲରେ ଥିବା ୧୨ ଅଭିଯୁକ୍ତ ଝାରପଡ଼ା ଆସିଲେ
- ସିବିଆଇ ଅଫିସରେ ପୁଣି ୩ ପରୀକ୍ଷାର୍ଥୀଙ୍କୁ ପଚରାଉଚରା
- କୋଲକାତା, ହାଇଦ୍ରାବାଦ ଯାଇ ଦୁଇ ସଂସ୍ଥାରେ କଲା ଛାନ୍‌ଭିନ

## ଶଙ୍କର, ମୁନାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ

ଭୁବନେଶ୍ୱର/ବ୍ରହ୍ମପୁର,୨୪।୧୧ (ତ୍ରିନାଥ ମହାନ୍ତି/ ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ଶଙ୍କର ମାଷ୍ଟରମାଇଣ୍ଡ ବୁଝାଯାଉଥିବାବେଳେ ଏହା ପଛରେ ଜଣେ ବଡ଼ ଷଡ଼ଯନ୍ତ୍ରକାରୀଙ୍କ ହାତ ରହିଛି। ତାଙ୍କରି ଇଙ୍ଗିତରେ ଶଙ୍କର ଏବଂ ମୁନା ଆଶାୟୀ ପରୀକ୍ଷାର୍ଥୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରୁଥିଲେ। ତେଣୁ ସିବିଆଇ ଶଙ୍କର ଏବଂ ମୁନାଙ୍କ ପଛରେ ଥିବା ଏହି ଷଡ଼ଯନ୍ତ୍ରକାରୀଙ୍କୁ ଖୋଜୁଛି। ଷଡ଼ଯନ୍ତ୍ରକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ସିବିଆଇ ଏକାଧିକ ପରୀକ୍ଷାର୍ଥୀଙ୍କ ବୟାନ ରେକର୍ଡ କରୁଛି। ପଞ୍ଚସଫ୍ଟ ସଂସ୍ଥାର ମାଲିକ ଶଙ୍କର ପୃଷ୍ଟି ଏବଂ ମୁନାଙ୍କୁ ପଚରାଉଚରା କରିବା ପାଇଁ ସିବିଆଇ କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଆହୁରି ମଧ୍ୟ ସିବିଆଇ କାର୍ଯ୍ୟାଳୟ ଭୁବନେଶ୍ୱରରେ ଥିବାରୁ ମାମଲା ଭୁବନେଶ୍ୱର କୋର୍ଟକୁ ସ୍ଥାନାନ୍ତର ପାଇଁ ଆବେଦନ କରିଥିଲା ସିବିଆଇ। ଏହାକୁ ବ୍ରହ୍ମପୁର ଜେଏମ୍ଏଫସି(ଗ୍ରାମୀଣ)କୋର୍ଟ ଅନୁମତି ଦେବା ପରେ ମାମଲା ଭୁବନେଶ୍ୱର କୋର୍ଟକୁ ସ୍ଥାନାନ୍ତର ହୋଇଛି। ମାମଲା ସ୍ଥାନାନ୍ତର ହୋଇଥିବାରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ଶଙ୍କର ପୃଷ୍ଟି ମୁନା ମହାନ୍ତି, ସିଲିକନ୍ କମ୍ପାନୀର ମାଲିକ ସୁରେଶ ଚନ୍ଦ୍ର ନାୟକ,ଦଲାଲ ଅରବିନ୍ଦ ଦାସ, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ.ଅଭିମନ୍ୟୁ ଦୋରା,ପ୍ରିୟଦର୍ଶିନୀ ସାମଲ, ସାଗର କୁମାର ଗୌଡ଼, ଲୋକନାଥସାହୁ,ବିଶ୍ୱଜିତ ହରିଚନ୍ଦନ ଓ ତଫିମ ଅହମଦ ଖାନଙ୍କୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ରାତି ୭ଟାରୁ ବ୍ରହ୍ମପୁର ଜେଲରୁ ସେମାନଙ୍କୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଏହି ମାମଲାରେ ସିବିଆଇ ପୁଣି ୩ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ରେ ୩ ଜଣ ପରୀକ୍ଷାର୍ଥୀ ଭୁବନେଶ୍ୱର କାର୍ଯ୍ୟାଳୟରେ କାଗଜପତ୍ର ସହ ହାଜର ହୋଇଥିଲେ। ପୂର୍ବରୁ ୨୦ ପରୀକ୍ଷାର୍ଥୀଙ୍କୁ ମୁହାଁମୁହିଁ ଜେରା କରିଥିଲା ସିବିଆଇ।

ପୋଲିସ ଏସ୍ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଓପିଆର୍‌ବି(ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ) ଟେଣ୍ଡର ଦେଇଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ ଟେକ୍ନୋଲ୍ୟାବ୍ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ ଏହାକୁ ସବ୍‌ଟେଣ୍ଡର ଭାବେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା। ଟେଣ୍ଡର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି କେଲେଙ୍କାରୀ ଯୋଜନା କରିଥିଲେ। ଏଥିରେ ସିଲିକନ୍ ଟେକ୍ ଲ୍ୟାବ୍ ଏବଂ ଆଇଟିଆଇ ସଂସ୍ଥାର କିଛି ବରିଷ୍ଠ ଅଧିକାରୀ ସଂପୃକ୍ତ ରହିଥିବା ସିବିଆଇ ଜାଣିବାକୁ ପାଇଛି। ସେମାନେ ନିଜ ସଂସ୍ଥାକୁ ବଦ୍‌ନାମ ଭୟରେ ଶଙ୍କର ପୃଷ୍ଟିଙ୍କୁ ସବ୍‌ଲେଟ୍‌ରେ ଟେଣ୍ଡର ଦେଲେ କେଲେଙ୍କାରୀର ଯୋଜନା କରିଥିଲେ। ଶଙ୍କର ଏହି ଟେଣ୍ଡର ପାଇବା ପରେ ପରୀକ୍ଷାର୍ଥୀଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରି ସମସ୍ତେ ମିଳିମିଶି ନେଉଥିଲେ। ଏହି ଅପରାଧ ସିଣ୍ଡିକେଟ୍ ଦକ୍ଷିଣ ଓଡ଼ିଶାରୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାରୁ ଅରବିନ୍ଦ ଦାସ ସମ୍ଭାଳୁଥିଲେ। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏଁ ଏଜେଣ୍ଟ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାଙ୍କୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲେ। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିବା ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାର ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତେ। ଜେରା ବେଳେ ଏଭଳି କିଛି ତଥ୍ୟ ସିବିଆଇ ପାଇଛି। ସୋମବାର ସିବିଆଇର ଦୁଇଟି ଟିମ୍ କୋଲକାତା ଏବଂ ହାଇଦ୍ରାବାଦ ଯାଇଛି। କୋଲକାତାରେ ଥିବା ଆଇଟିଆଇ ସଂସ୍ଥା ଏବଂ ହାଇଦ୍ରାବାଦରେ ଥିବା ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାରେ ଚଢ଼ାଉ କରି ଛାନଭିନ କରୁଥିବା ଜଣାପଡ଼ିଛି।

# ପୋଖରୀରୁ ମିଳିଲା ନିଖୋଜ ଆଇନଜୀବୀଙ୍କ ମୃତଦେହ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଝାରପୋଖରିଆ (ପ୍ରଧାନ କୁମାର ମହାନ୍ତ),୨୪।୧୧





ଆଇନଜୀବୀ ଗୁଲେଶ ଚନ୍ଦ୍ର ଗୋଛାୟତ। ପୋଖରୀରୁ ମିଳିଥିବା କାର୍।

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ସିଲଫେଡ଼ି ଉପରବେଡ଼ା ଗ୍ରାମସ୍ଥିତ ଏକ ପୋଖରୀରୁ ୨ ମାସ ୧୩ ଦିନ ହେଲା ନିଖୋଜ ଥିବା ଜଣେ ଆଇନଜୀବୀଙ୍କ ଗଳିତ ମୃତଦେହ କାର୍ ସହ ଉଦ୍ଧାର ହୋଇଛି। ଆଇନଜୀବୀ ଜଣକ ହେଲେ ବିଶୋଇ ଥାନା ଅଧୀନ ଗୁରୁକଟୁଣୀ ଗ୍ରାମର ଗୁଲେଶ ଚନ୍ଦ୍ର ଗୋଛାୟତ(୪୯)। ତାଙ୍କୁ ହତ୍ୟା ପରେ ଦୁର୍ଘଟଣାର ରୂପ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଆଇନଜୀବୀ ଗୋଛାୟତ ଗତ ସେପ୍ଟେମ୍ବର ୧୧ତାରିଖରୁ ନିଜ କାର୍ ସହ ନିଖୋଜ ଥିଲେ। ଘରୁ ଗଲା ବେଳେ ସେ ଖଡ଼ଖଡ଼ ବାହାଡ଼ାଗୋଡା ଯାଉଥିବା କହି ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ତେବେ ସୋମବାର ସକାଳ ୬ଟା ସମୟରେ ଝାରପୋଖରିଆ ଥାନା ଅଧୀନ ଉପରବେଡ଼ା ଗ୍ରାମ ପୋଖରୀରେ ଏକ କାର୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସାରସକଣା ଅଗ୍ନିଶମ ବାହିନୀ ଓ ଝାରପୋଖରିଆ ପୋଲିସ ପହଞ୍ଚି କାର୍‌ଟିକୁ ପାଣି ଭିତରୁ ଉଦ୍ଧାର କରିଥିଲେ। କାର୍ ସମ୍ମୁଖ ଦୁଇ କବାଟର କାଚ ଅଧା ଖୋଲାଥିବା ବେଳେ ପାଣି ଭିତରେ ଚାଳିକ ଉପରକୁ ହୋଇ ବୁଡ଼ି ରହିଥିବା ଦେଖିବାକୁ ମିଳିଥିଲା। ଉଦ୍ଧାର ପରେ କାର ପଛ ସିଟରେ ଏକ ଗଳିତ ମୃତଦେହ ପଡ଼ିଥିବା ସହିତ ନିଖୋଜ ଆଇନଜୀବୀ ଗୋଛାୟତଙ୍କ ପ୍ରମାଣପତ୍ର ମିଳିଥିଲା। ପୋଷାକ ଦେଖି ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ ହେଁ ସାଇଣ୍ଟିଫିକ ଟିମ୍ ଡିଏନ୍ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଛି। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଝାରପୋଖରିଆ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ତାଲା ଭାଙ୍ଗି ଘରୁ ସୁନା, ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ବ୍ରହ୍ମପୁର ନୀଳାଦ୍ରି ବିହାରର ଏକ ତାଲା ବନ୍ଦ ଘରୁ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଘରୁ ନଗଦ ୧୦ ଲକ୍ଷ ଟଙ୍କା ସହ ୧୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୫୫୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି, ନୀଳାଦ୍ରି ବିହାର ୨ୟ ଲାଇନରେ ଟି. ମନୋଜ ପାତ୍ର ପରିବାର ସହ ରହନ୍ତି । ଗତ ୨୨ ତାରିଖ ରାତିରେ ମନୋଜ ଓ ତାଙ୍କ ପରିବାର ଲୋକେ ଘଟଗାଁ ବୁଲିବାକୁ ଯାଇଥିଲେ। ଘରେ କେହି ନ ଥିବାରୁ ତାଲା ପଡିଥିଲା। ୨୩ ତାରିଖ ବିଳମ୍ବିତ ରାତିରେ ମନୋଜ ଓ ତାଙ୍କ ପରିବାର ଲୋକେ ବ୍ରହ୍ମପୁର ଫେରିଥିଲେ। ଘର ଭିତରକୁ ଯିବା ପୂର୍ବରୁ ସେ ମୁଖ୍ୟ କବାଟର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ଦେଖିବା ବେଳକୁ ଘର ଆଲମିରାରେ ରଖାଯାଇଥିବା ୧୦ ଲକ୍ଷ ଟଙ୍କା, ୧୦ ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର, ୫୦୦ ଗ୍ରାମ ଓଜନର ରୁପା ଅଳଙ୍କାର କିଛି ନ ଥିଲା। ଏହି ଲୁଟ୍ ସମ୍ପର୍କରେ ମନୋଜ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ସନ୍ଧାନୀ କୁକୁର ଓ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ ତଦନ୍ତ ଜାରି ରଖିଛି।

# ୪୨ ଗ୍ରାମ୍ ହେରୋଇନ୍ ଜବତ, ଜଣେ ଗିରଫ

ଜଳେଶ୍ୱର, ୨୪।୧୧ (ନବୀନ ସାହୁ)

ଜଳେଶ୍ୱର ସାଟେଲାଇଟ୍ ୟୁନିଟ୍ ପକ୍ଷରୁ ସୋମବାର ମହମ୍ମଦନଗର ପାଟଣା ପଞ୍ଚାୟତ ଜଳେଶ୍ୱର ଚାଳନ୍ତି ଓଟିରୋଡ ଓଭର୍‌ବ୍ରିଜ ପାଖରେ ୪୨ ଗ୍ରାମ ହେରୋଇନ୍, ଏକ ମୋଟର ସାଇକେଲ ଜବତ କରାଯିବା ସହିତ ଜଣେ ଯୁବକଙ୍କୁ ଜଳେଶ୍ୱର ସାଟେଲାଇଟ୍ ବିଭାଗ ଗିରଫ କରିଛି । ଉକ୍ତ ଯୁବକଙ୍କ ଘର ନୀଳଗିରି ବ୍ଲକ ଅଯୋଧ୍ୟା ଅଞ୍ଚଳରେ। ଚଢ଼ାଉ ବେଳେ ଇନ୍ସପେକ୍ଟର ଲକ୍ଷେସାଧବ ପ୍ରଧାନ, ଏଏସ୍ଆଇ ସଞ୍ଜୀବ କୁମାର୍ ମୁଣ୍ଡା, ବରୁଣ କୁମାର ନାହକ୍, ରାଜେଶ ସୂତାର, ମଧୁସ୍ମିତା ମହାନ୍ତ ସାମିଲ ଥିଲେ। ଜବତ ହେରୋଇନ୍‌ର ମୂଲ୍ୟ ୫ଲକ୍ଷ ଟଙ୍କା ହେବ। ଏ ନେଇ ଏକ ମାମଲା (ନଂ. ୧୮୩/୨୫-୨୬) ରୁଜୁ ହୋଇଛି। ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ସିବିବି-୨୫-୨୬, ତାରିଖ: ୨୨।୧୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ଇଆର୍‌ଏସ୍-ପିଓଏଚ୍)/ଖଡ଼ଗପୁର ୱାର୍କଶପ, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ନାମ:** ୩-ଫେଜ୍ ଲୋକୋମୋଟିଭ୍‌ର ନର୍-ବ୍ରେମସେ ଗଢ଼ଣର ଏକ ଉନ୍ନତ ସିସିବି ବ୍ରେକ୍ ସିଷ୍ଟମ୍‌ରେ ସ୍ଥାପିତ ଏଲ୍ଆରୟୁ/ଭାଲ୍‌ଭଗୁଡ଼ିକର ଥଇଥାନ ଏବଂ ଓଭରହଲିଂ । **ପରିମାଣ:** ୦୪ ଗୋଟି । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଟିଭି = ₹୬୫,୮୧,୫୯୧.୮୮, @୧୮% ଜିଏସ୍‌ଟି ସମେତ । **ଅମାନତ ରାଶି:** ₹୧,୩୧,୬୦୦/– । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୫।୧୨।୨୦୨୫ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ:** www.ireps.gov.in । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-875)

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.ST/OT/-AMC-IPS-STATCON-517, ତା.17.11.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମେସର୍ସ Statcon Energiaa INDIA ଲିମିଟେଡ୍ ଦ୍ୱାରା ଉତ୍ପାଦିତ SMPS ଆଧାରିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 43,35,466.74, EMD (ଟଙ୍କାରେ) : 86,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-।

ବିଡ୍ ଆରମ୍ଭ ହେବା ତାରିଖ : ତା.25.11.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.12.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-824/Q/25-26

## ପ୍ରଗତି ପଥେ... ପୌରପାଳିକା, ରାଇରଙ୍ଗପୁର

[illegible] ପଶୁମାନଙ୍କୁ ରାସ୍ତା ଉପରକୁ ନଛାଡି ନିଜ ଆୟତ୍ତରେ ରଖନ୍ତୁ । ୭. ପରିଷଦର ଦେୟ ଠିକ୍ ସମୟରେ ପୈଠ କରନ୍ତୁ । ୮. ପ୍ଲାଷ୍ଟିକ୍ ଜରିର ବ୍ୟବହାର ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ । ୯. ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣରେ ସହଯୋଗ କରନ୍ତୁ । ୧୦. ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ, ଏଣେତେଣେ ପାନ ଛେପ ପକାନ୍ତୁ ନାହିଁ, ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖନ୍ତୁ । ୧୧. ଘରର ପାଇଖାନା ଟାଙ୍କିର ପାଇପ୍ ଡ୍ରେନ୍‌କୁ ନଛାଡି ସେପ୍‌ଟିକ୍ ଟାଙ୍କିରେ ପକାନ୍ତୁ ଏବଂ ସେପ୍‌ଟିକ୍ ଟାଙ୍କି ପୂର୍ଣ୍ଣ ହେଲେ ରାଇରଙ୍ଗପୁର ପୌର ସଂସ୍ଥା ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଦାଖଲ କରି ପଞ୍ଜୀକୃତ ସେସ୍‌ପୁଲ୍ ଗାଡି ଦ୍ୱାରା ଏହାକୁ ସଫା କରାନ୍ତୁ ।

ଶ୍ରୀମତୀ ଶକୁନ୍ତଳା ହାଁସଦାଃ (ଓ.ରା.ସେ.), ନିର୍ବାହୀ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା | ଶ୍ରୀମତୀ ମମିତା ଚୌଧୁରୀ, ଉପାଧ୍ୟକ୍ଷା, ରାଇରଙ୍ଗପୁର ପୌରପାଳିକା | ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ, ପୌରାଧ୍ୟକ୍ଷ, ରାଇରଙ୍ଗପୁର ପୌରପାଳିକା

## ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ, ଗଞ୍ଜାମ

**ବିଜ୍ଞାପନ**

**ଦୈନିକ ଖବରକାଗଜ 'ଧରିତ୍ରୀ'ର ବାର୍ଷିକୋତ୍ସବ ଅବସରରେ ଛତ୍ରପୁର ରାଜସ୍ୱ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।**

୧.କୃଷିଜାତ ଦ୍ରବ୍ୟ ସଠିକ୍ ବିପଣନ ନିମନ୍ତେ ବଜାର ପ୍ରାଙ୍ଗଣ, କୃଷକ ବଜାର ଓ ବିପଣନ ସୌଧମାନ ସ୍ଥାପନ କରି ଚାଷୀ,ବ୍ୟବସାୟୀ ଓ ସାଧାରଣ ଖାଉଟିମାନଙ୍କ ଉପଯୋଗୀ ନିମନ୍ତେ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା । ୨. କୃଷିଜାତ ଦ୍ରବ୍ୟର ସଠିକ୍ ସଂରକ୍ଷଣ ନିମନ୍ତେ ଗୋଦାମ ଗୃହ ନିର୍ମାଣ ସହିତ ଓ ମୁଖ୍ୟ ବଜାର ପ୍ରାଙ୍ଗଣ ହିଞ୍ଜିଳିକାଟୁଠାରେ ଦୁଇଗୋଟି, ଛତ୍ରପୁର ଉପ ବଜାର ପ୍ରାଙ୍ଗଣରେ ୪ ଗୋଟି ଓ ହରିପୁର ବୁରୁଡି ଉପ-ବଜାର ପ୍ରାଙ୍ଗଣରେ ୨ ଗୋଟି ସୌରଚାଳିତ ଶୀତଳୀକରଣ ପ୍ରକୋଷ୍ଠ ସ୍ଥାପନ କରାଯାଇଅଛି । ୩. କୃଷିଜାତ ଦ୍ରବ୍ୟର ସଠିକ୍ ଓଜନ ଓ ଉଚିତ ମୂଲ୍ୟ ପ୍ରାପ୍ୟରେ କୃଷକଭାଇମାନଙ୍କୁ ସହଯୋଗ କରିବା । ୪.ଚାଷୀଙ୍କଠାରୁ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରମାନଙ୍କରେ ସରକାରୀ ଦରରେ ସିଧାସଳଖ ଧାନ କ୍ରୟ କରିବା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମିର ସୁବ୍ୟବସ୍ଥା କରିବା । ୫. ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ୍ ମାନ ନିରୂପଣ କରିବା ନିମନ୍ତେ ଚାଷୀ ଓ ବ୍ୟବସାୟୀମାନଙ୍କୁ ବିଭିନ୍ନ ସମୟରେ ତାଲିମ ଓ ସଚେତନତା ଶିବିରରେ ଆୟୋଜନ ଦ୍ୱାରା କୁଶଳୀ କରାଇବା । ୬. ମଣ୍ଡି ସ୍ତରରେ ଇ-ନାମ (e-NAM) ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ୍ ବିପଣନ ଓ ଉପଯୁକ୍ତ ମୂଲ୍ୟ ପ୍ରଦାନ ନିମନ୍ତେ ସୁବ୍ୟବସ୍ଥା କରିବା । ୭. ମାଇକ ପ୍ରଚାର ମାଧ୍ୟମରେ ପ୍ରତ୍ୟେକ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ଚାଷୀଭାଇମାନେ ସେମାନଙ୍କ ନାମକୁ ନିକଟସ୍ଥ ସେବା ସମବାୟ ସମିତିରେ ପଞ୍ଜୀକରଣ କରିବା ସହ ଧାନର ଦର ଓ F.A.Q. ମାନ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ | ସ୍ୱା./– ଉପ–ଜିଲ୍ଲାପାଳ, ଛତ୍ରପୁର ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

## SUNABEDA MUNICIPALITY ODISHA

'ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା'

## ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୫୨ତମ ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ସୁନାବେଡ଼ା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି । ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗର ହାତ ବଢ଼ାନ୍ତୁ । ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ।

ଶ୍ରୀଯୁକ୍ତ ସୁଜିତ କୁମାର ଚଉଧୁରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁନାବେଡା | ଡ. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌର ପରିଷଦ, ସୁନାବେଡା

ଶ୍ରୀମତୀ ରିତୁ କଣ୍ଠା, ଉପନଗରପାଳ, ପୌରପରିଷଦ, ସୁନାବେଡା

ସମସ୍ତ ପାରିଷଦବୃନ୍ଦ, ପୌରପରିଷଦ, ସୁନାବେଡା

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

**लापता: आवश्यक सूचना**



**गुमशुदा महिला फरहीन परवीन, उम्र–करीब 27 वर्ष**

सर्व साधारण को सूचित किया जाता है कि आवेदक आबिद आलम के द्वारा अपनी पत्नी **फरहीन परवीन, उम्र–करीब 27 वर्ष की गुमशुदगी** के संबंध में संबंधित थाना आजादनगर में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा फरहीन परवीन, उम्र–27 वर्ष, पति–आबिद आलम, पता–क्रॉस रोड नं0–12, म0नं0–02 कबीरया स्कूल के समीप, थाना– आजादनगर, जिला– पूर्वी सिंहभूम, जमशेदपुर** जो दिनांक–19.10.2025 को शाम समय करीब 06:30 बजे अपने घर से बिना बताये निकली है अभी तक वापस नहीं लौटी है। आवेदक एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका।

**गुमशुदा महिला का हुलिया निम्न प्रकार है :–उम्र–करीब 27 वर्ष, कद–लगभग 05 फीट 04 इंच, रंग–गोरी, बाल एवं ऑख–काला, पहनावा–काला रंग का नकाब, पहचान चिन्ह–बायें हाथ में कटे का निशान, भाषा–हिन्दी एवं उर्दू।**

अत: आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, पटमदा : 9431706496
थाना प्रभारी, आजादनगर : 9431706502

वरीय पुलिस अधीक्षक,पूर्वी सिंहभूम, जमशेदपुर

PR 366906 (Police)25-26*D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

## NATIONAL LAW UNIVERSITY ODISHA, CUTTACK

(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for "**Supply, Installation, Testing, and Commissioning of Gym Equipment at NLUO Cuttack**" and "**Repair of Existing Gym Equipment at NLUO Cuttack**". Last date & time of receipt is **04-12-2025** at **11.00A.M**. For details please visit website- https://nluo.ac.in/tenders/

Sd/- Registrar, NLUO

## Office of the Principal PRANANATH COLLEGE (AUTONOMOUS)

KHORDHA-752057 (ODISHA)
NAAC Accredited 'A' Level
Phone & Fax- (06755) 220264 (O),
Email:prananathcollege@yahoo.in/prananathautonomouscollege@gmail.com

**ଶୁଭେଚ୍ଛା ବାର୍ତ୍ତା**

୫୧ ବର୍ଷ ଧରି ଧରିତ୍ରୀ ରାଜ୍ୟର ଜନମାନସର ପ୍ରତୀକ ଲାଭ ରହିଛି । ତା'ର ଜନ୍ମବାର୍ଷିକ ଅବସରରେ ତାକୁ **ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ହାର୍ଦ୍ଦିକ ଶୁଭେଚ୍ଛା** । ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ସବୁବେଳେ ସେମାନଙ୍କର ସହଯୋଗିତା ପ୍ରଦାନ କରୁଛନ୍ତି ।

ସ୍ୱା./– ଡ. ବିନ୍ଦୁଶ୍ରୀ ମିଶ୍ର
ଅଧ୍ୟକ୍ଷା, ପ୍ରାଣନାଥ ମହାବିଦ୍ୟାଳୟ (ସ୍ୱୟଂଶାସିତ) ଖୋରଧା

## OFFICE OF THE GENERAL MANAGER WATCO DIVISION, BERHAMPUR

e-mail: gmwatcobam@gmail.com / Ph. No.: 06802233978

**Government of Odisha "e" Procurement Notice**

No. C-1533 NATIONAL COMPETITIVE BIDDING
Bid Identification No. WATCOBAM-14/2025-26 Dtd.18.11.2025

01. Name of Work : Provision for installation of IOT, EOT along with rising with rising height of compound wall by Janivilli Intake
02. Estimated Cost : 27.51 Lakh (Approx.)
03. Period of Completion : 1 (One) Month
04. Date & time of availability of bid document in the portal : From 11.00 Hrs. of Dt.26.11.2025 to 17.30 Hrs. of Dt.08.12.2025
05. Last date/time for bidding in the portal : 17.30 Hrs. of Dt.08.12.2025
06. Date of opening of Tender : On Dt.09.12.2025 at 11.00 Hrs.
07. Name and address of the Officer Inviting tender : General Manager, WATCO Division, Berhampur

Further details can be seen from the e-Procurement portal "https://tendersodisha.gov.in".

OIPR- Sd./- General Manager, WATCO Division, Berhampur

## ରାଜଗାଙ୍ଗପୁର ପୌର ପରିଷଦ, ରାଜଗାଙ୍ଗପୁର

ଦୈନିକ ସମ୍ବାଦପତ୍ର 'ଧରିତ୍ରୀ' ଭୁବନେଶ୍ୱରର ୫୨ତମ ଜନ୍ମବାର୍ଷିକୀ ଉତ୍ସବ, ୨୦୨୫ ପାଳନ ଉପଲକ୍ଷେ ରାଜଗାଙ୍ଗପୁର ପୌରପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ସହରକୁ ସର୍ବାଙ୍ଗୀନ ସୁନ୍ଦର, ସୁରକ୍ଷିତ [illegible] ... ୮. ଗାଈଗୋରୁଙ୍କୁ ରାସ୍ତା ଉପରେ ଛାଡନ୍ତୁ ନାହିଁ । ୯. ଘରେ ଓ ବାହାରେ ପାଣି ଜମିବା ପାଇଁ ଦିଅନ୍ତୁ ନାହିଁ । ୧୦.ଡେଙ୍ଗୁ ରୋଗକୁ ପରାସ୍ତ କରିବାରେ ପୌରପାଳିକାକୁ ସାହାଯ୍ୟ କରନ୍ତୁ ।

ଏମ୍‌ଡି ଇରଫାନ୍, ଉପାଧ୍ୟକ୍ଷ, ରାଜଗାଙ୍ଗପୁର ପୌର ପରିଷଦ | ଶ୍ରୀମତୀ ମାଧୁରୀ ଲୁଗୁନ୍, ପୌରାଧ୍ୟକ୍ଷା, ରାଜଗାଙ୍ଗପୁର ପୌର ପରିଷଦ | ଶ୍ରୀ ଗୋବିନ୍ଦ ଡନ୍‌ସେନା, ଓ.ପ୍ର.ସେ. (୧), ନିର୍ବାହୀ ଅଧିକାରୀ, ରାଜଗାଙ୍ଗପୁର ପୌର ପରିଷଦ

## OFFICE OF THE SUPERINTENDING ENGINEER, RURAL WORKS DIVISION, BALLIGUDA

E-Mail: rw_balliguda@yahoo.com

**NATIONAL COMPETITIVE BIDDING THROUGH e-Procurement**

No. O-1553 Bid Identification No. Online Tender / 14-2025-26/BLG

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 14-2025-26/BLG | Road Works | (05) Nos. | Rs.50.85 Lakhs to Rs.68.47 Lakhs | "B" Class | 03 (Three) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Executive Engineer, Rural Works Division, Balliguda | Online Tender / 14-2025-26/BLG | 25.11.2025 at 10.00 A.M. | 02.12.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: www.tendersodisha.gov.in.

OIPR- Sd./- Executive Engineer, R.W. Division, Balliguda

## Government of Odisha OFFICE OF THE EXECUTIVE ENGINEER RURAL WORKS DIVISION-II, NABARANGPUR, UMERKOTE

No. O-1535

e-mail: eerwukt@gmail.com & eerwukt@ymail.com

Letter No. 4089 Date:20.11.2025

**e-Procurement NOTICE**

1. Name of the Work : Building Works (Composite Tender)
2. Total No. of works : 15 (Fifteen) Nos.
3. Approx. Estimated Cost : Varies from 75.43 Lakhs to 80.43 Lakhs
4. Class of Contractor : "B" Class of Contractor only.
5. Period of Completion : As per DTCN

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/14/RWD-UKT/2025-26 | 26.11.2025 at 11.00 A.M. | 11.12.2025 upto 5.00 P.M. | 10.12.2025 at 01.00 P.M. | 12.12.2025 at 11.00 A.M. | To be intimated separately to the qualified bidder |

Further details can be seen from the Government website www.tendersodisha.gov.in.

OIPR- Sd./- Executive Engineer, Rural Works Division-II, Nabarangpur, Umerkote

## ଭାରତୀୟ କପା ନିଗମ ଲିମିଟେଡ୍

भा.क.नि. CCI | ମୋବାଇଲ ଆପ | कपास किसान

ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୪.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

## JHARKHAND URJA SANCHARAN NIGAM LIMITED

(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail:cetjusnl@gmail.com)

**e-TENDER NOTICE**

NIT No. – 541/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, supply, erection, testing & commissioning of Line Differential Protection for underground 132/33 KV Grid Sub-Station, Irba (Sikidiri) to Sikidiri Switchyard (SRHP) transmission line on turnkey basis |
| Estimated cost (Rs.) | Rs. 1,36,83,967.00 (including GST) |
| Earnest Money Deposit | Rs. 2,73,700.00 On line mode |
| Completion Period | 90 Days |
| e-Tender fee | Rs. 10,000.00 + 18% GST On line mode. |
| Start Date & Time of Download the Tender Documents | 25.11.2025 at 11:00 AM |
| Start Date and time of upload of BID | 25.11.2025 at 11:00 AM |
| Pre-bid meeting | 02.12.2025 at 12:00 PM |
| End date and time of upload of BID | 15.12.2025 upto 04:00 PM |
| BID Opening date for technical part | 16.12.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

PR 366925 Jharkhand Urja Sancharan Nigam Ltd(25-26)#D

Sd/- General Manager, C&M (NWBP)

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଝୁଅ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଳିଙ୍ଗ ୟୁଥ ବିଜୟୀ

## ଗତିକୃଷ୍ଣ ସ୍ମାରକୀ ଫୁଟବଲ ଲିଗ୍

**ଭୁବନେଶ୍ୱର,୨୪।୧୧(ଅନାଦି କର)**

ଭୁବନେଶ୍ୱର ଆଥ୍ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟବଲ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ୟୁଥ ବିଜୟୀ ହୋଇଛି।

ମା' ମଙ୍ଗଳା ଓ ସିଟି କ୍ଲବ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୪-୪ ଗୋଲରେ ଡ୍ର' ରହିଥିଲା। ମା' ମଙ୍ଗଳା ପାଇଁ ଚମ୍ପାଇ ହାଁସଦା ଦୁଇଟି ଗୋଲ କରିଥିବା ବେଳେ ବରିଶା ହେମ୍ବ୍ରମ ଓ କାଲୁ ଏସ୍ ମାଝୀ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଜବାବରେ ସିଟି କ୍ଲବ ପକ୍ଷରୁ ମହେନ୍ଦ୍ର ମାଝୀ, ଗୋବିନ୍ଦ ହାଁସଦା, ରବି ଓ ପ୍ରବିନ ମଲିକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଚମ୍ପାଇ ହାଁସଦାଙ୍କୁ ଅତିଥି ଭାବେ ମଧୁମାଧବ ଜେନା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ୟୁଥ ୨-୧ ଗୋଲରେ ଆରଡର ଫୁଟବଲ ଆସୋସିଏଶନକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଶଙ୍ଖା ହେମ୍ବ୍ରମ ଓ ଶିବରାମ ମୁର୍ମୁ ଗୋଟିଏ ଲେଖାଏ ଗୋଲ କରିଥିବା ବେଳେ ଆରଡର ଲାଗି ଭୁଆ ମାରାଣ୍ଡି ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିବରାମ ମୁର୍ମୁଙ୍କୁ ଅତିଥି ଭାବେ ଫୁଟବଲ କୋଚ୍ ଶଙ୍କର୍ଷଣ ଜେନା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍‌କୁ ପୁରସ୍କୃତ କରାଯାଉଛି।




ଟ୍ରଫି ସହ ଉଲ୍ଲସିତ ବିଶ୍ୱ ଚାମ୍ପିୟନ ଭାରତୀୟ ମହିଳା କବାଡ଼ି ଦଳ।

# ଟାଇଟଲ ବଜାୟ ରଖିଲା ଭାରତ

## ମହିଳା କବାଡ଼ି ବିଶ୍ୱକପ୍


**ନୂଆଦିଲ୍ଲୀ,୨୪।୧୧**

ଚଳିତ ବର୍ଷ ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ମହିଳାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରହିଛି। ଆଇସିସି ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଓ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ପରେ ମହିଳାମାନେ କବାଡ଼ି ବିଶ୍ୱକପ୍ ଟାଇଟଲ ହାସଲ କରିଛନ୍ତି। ବାଂଲାଦେଶର ଢ଼ାକାଠାରେ ଅନୁଷ୍ଠିତ ମହିଳା କବାଡ଼ି ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲରେ ଭାରତ ୩୫-୨୮ରେ ଚାଇନିଜ ତାଇପେକୁ ହରାଇ ଲଗାତର ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଟ୍ରଫି ଉଠାଇଛି।

ଡିଫେଣ୍ଡିଂ ଚାମ୍ପିୟନ ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଥିଲା। ଗ୍ରୁପ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍ ଜିତିବା ପରେ ଭାରତ ସେମିଫାଇନାଲରେ ୩୩-୨୧ ବ୍ୟବଧାନରେ ଇରାନକୁ ହରାଇଥିଲା। ଭାରତ ଭଳି ଚାଇନିଜ ତାଇପେ ମଧ ଅପରାଜେୟ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହି ଦଳ ସେମିଫାଇନାଲରେ ଆୟୋଜକ ବାଂଲାଦେଶକୁ ୨୫-୧୮ ବ୍ୟବଧାନରେ ପରାସ୍ତ କରିଥିଲା।

### ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ମହିଳା କବାଡ଼ି ଚାମ୍ପିୟନ ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ' ଜରିଆରେ ଅଭିନନ୍ଦନ ଜଣାଇଛନ୍ତି। 'କବାଡ଼ି ବିଶ୍ୱକପ୍ ଜିତି ଦେଶକୁ ଗର୍ବିତ କରିଥିବା ଭାରତୀୟ ମହିଳା କବାଡ଼ି ଦଳକୁ ଅଭିନନ୍ଦନ। ସେମାନେ ପୂରା ଟୁର୍ଣ୍ଣାମେଣ୍ଟରେ ଜବରଦସ୍ତ ଧୈର୍ଯ୍ୟ, ଦକ୍ଷତା ଓ ନିଷ୍ଠାର ପ୍ରଦର୍ଶନ କରିଥିଲେ। ସେମାନଙ୍କର ଏହି ଉପଲବ୍ଧି ଯୁବପିଢ଼ିଙ୍କୁ କବାଡ଼ିରେ କ୍ୟାରିୟର କରିବାକୁ ଏବଂ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେବ' ବୋଲି ପ୍ରଧାନମନ୍ତ୍ରୀ ମୋଦି ପୋଷ୍ଟ କରିଛନ୍ତି।



# ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ

## ଆନ୍ତଃ ଜିଲା ରାଜ୍ୟ ଟେବୁଲ ଟେନିସ୍

**ଭୁବନେଶ୍ୱର, ୨୪।୧୧ (ବିଜୟ ରଣା):** କଟକର ସିଡିଏ ସେକ୍ଟର-୭ରେ ଅବସ୍ଥିତି ବିଜୁ ପଟ୍ଟନାୟକ ମଲ୍‌ଟିପରପୋଜ୍ ଇନ୍‌ଡୋର ହଲ୍‌ରେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୧ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍-୨୫ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ସୋମବାର ଥିଲା ଚାମ୍ପିୟନଶିପ୍‌ର ୪ର୍ଥ ଦିବସ। ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସର ସେମିଫାଇନାଲ ଜିଜ୍ଞାସୁ ସାଇ କିରଣ ପ୍ରଧାନ(ପୁରୀ) ବନାମ ସୋମନାଥ ସୁବୁଦ୍ଧି (ଭୁବନେଶ୍ୱର) ଏବଂ ହିତେଶ ଅଗ୍ରୱାଲ (ଭୁବନେଶ୍ୱର ଟିଟି ଆସୋସିଏଶନ) ବନାମ ସୟଦ ଅର୍ଶ ଅଲି (କଟକ) ମଧ୍ୟରେ ହେବ। ଜିଜ୍ଞାସୁ କ୍ୱାର୍ଟରରେ କଟକର ଜୟଦ ଖାନ୍‌ଙ୍କୁ ୩-୦ରେ ପରାସ୍ତ କରିଥିବା ବେଳେ ସୋମନାଥ ୩-୨ରେ ଆୟୁଷମାନ ପତି (ଖୋର୍ଦ୍ଧା)ଙ୍କୁ ହରାଇଛନ୍ତି। ହିତେଶ ୩-୨ରେ ପ୍ରସାଦ ସିଂଙ୍କୁ ଏବଂ ଅର୍ଶ ଅଲି ୩-୦ରେ ଭୁବନେଶ୍ୱରର ଅଭିଷେକ ଦାସଙ୍କୁ ପରାସ୍ତ କରିଛନ୍ତି। ୧୯ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ସେମିଫାଇନାଲ ସାର୍ଥକ ଆର୍ଯ୍ୟ (କଟକ) ବନାମ ଜିଜ୍ଞାସୁ ସାଇକିରଣ ପ୍ରଧାନ (ପୁରୀ) ଏବଂ ଜିଜ୍ଞାସୁ ସାହୁ (କଟକ) ବନାମ ଅନିନ୍ଦୟ ଅନୁପମ ଦାସ (କେଡିଟିଟିଏ) ମଧ୍ୟରେ ହେବ। ସାର୍ଥକ କ୍ୱାର୍ଟରରେ ଆୟୁଷ୍ମାନ ଆର୍ଯ୍ୟଂଶ ପ୍ରସାଦ ସିଂ (ଭୁବନେଶ୍ୱର)ଙ୍କୁ ୩-୦ ; ଜିଜ୍ଞାସୁ ସାଇ କିରଣ ୩-୦ରେ ମହମ୍ମଦ ତକମିଲ ; ଜିଜ୍ଞାସୁ ସାହୁ ୩-୦ରେ ଆୟାନ ମୁସ୍ତାକ (କଟକ), ଅନିନ୍ଦୟ ୩-୧ରେ ବିଷ୍ଣୁ ପ୍ରସାଦ ବେହେରା (ଭୁବନେଶ୍ୱର)ଙ୍କୁ ୩-୧ରେ ହରାଇଛନ୍ତି। ୧୯ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ସେମିଫାଇନାଲ ସାକ୍ଷୀ ଭଗତ (କଟକ) ବନାମ ଆଶ୍ନା ଅଦିତି (କେଡିଟିଟି) ଏବଂ ଆରାଧ୍ୟା ସାହୁ (କଟକ) ବନାମ ଉର୍ଜ୍ଜା ବର୍ମା (କେଡିଟିଟିଏ) ମଧ୍ୟରେ ଖେଳାଯିବ। ସାକ୍ଷୀ କ୍ୱାର୍ଟରରେ ଆଫାନା ମୋସିନ ସିଂ (କଟକ)ଙ୍କୁ ୩-୧ ; ଅଶ୍ନା ୩-୨ରେ ଅଙ୍କିତା ଦଳେଇ (କଟକ) ; ଆରାଧ୍ୟା ୩-୨ରେ ସିଲ୍‌କି ମହାନ୍ତି (କଟକ) ଏବଂ ଉର୍ଜ୍ଜା ବର୍ମା ୩-୨ରେ ସ୍ୱସ୍ତିକା ଦାବାର (ଭୁବନେଶ୍ୱର)ଙ୍କୁ ପରାସ୍ତ କରିଛନ୍ତି।



ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପର ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍।


# Classified Everyday


0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649




1000sq.ft. open area with surrounding boundary wall. Available for rent at Mancheswar Industrial Estate. Water & electricity available. Contact- 8637280147. D-2656




All type of physiotherapy, contact Number- 9 5 5 6 9 2 4 0 5 9 / 765696134, Jharapada. D-1603

The massage felt totally professional, & comfortable at all times- 7978109255. D-216

AFFIDAVIT

By virtue of an affidavit sworn before Executive Magistrate, Kamakhyanagar, Dated 03.11.2025, I, Avaya Kumar Behera, Address: At/P.O.- Jamunakote, P.S.- Bhuban, Dist.- Dhenkanal, State- Odisha, PIN- 759024 declare that I have changed the name of my son from Ajaya Kumar Behera. to Sai Krishna Behera. Henceforth, he shall be known as Sai Krishna Behera for all purposes.
Avaya Kumar Behera D-2668

By virtue of an affidavit sworn before the Executive Magistrate, Balangir, Dated- 24.11.2025, I, Sarifa Agrawal, Address: At- A1-204, Wallfort Orchid Apartment, Shankar Nagar, P.O.- Shankar Nagar, Dist.- Raipur (C.G.). at present residing at At- Salepali, Balangir, P.O./P.S.- Balangir, Dist.- Balangir (Odisha), declare that I have changed my name from Sarifa Bano to Sarifa Agrawal. Henceforth, I shall be known as Sarifa Agrawal for all purposes
Sarifa Agrawal
(New Name) D-2667

I, Subasha Chandra Mohanty, S/o.- Sanatan Mohanty, residence of Kortal, P.S./Dist.- Jagatsinghpur, Odisha 754109, declare by this affidavit No.- 1855, Dtd.- 21.11.2025 that now onwards I shall be known as SUBASH CHANDRA MOHANTY for all purposes. D-2670

Email ମାଧ୍ୟମରେ କ୍ଲାସିଫାଏଡ୍‌ରୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Before Executive Magistrate, Khallikote, Ganjam, Affidavit No.- A/5161/24.11.25, I, Sures Maharana, At/P.O.- Palanga, P.S.- Rambha, Ganjam, Odisha that now onwards I shall be known as Suresh Maharana for all future purposes. D-2669

By virtue of an affidavit No.- 10558, Dated- 7.11.25 sworn before the Executive Magistrate, Badamba, I, Laxmidhar Prusty, S/o.- Rabindra Kumar Prusty, Vill./ P.O.- Sankhameri, P.S.- Badamba, Dist.- Cuttack, Odisha, PIN- 754031, declare that I have changed the name of my minor daughter's Ananya Priyadarshini to ANANYA PRIYADARSHINI PRUSTY. Henceforth, she shall be known as Ananya Priyadarshini Prusty for all purposes. D-2671

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତଃ. ଅନୀତା ଦଣ୍ଡପାଟ
ଆବିର୍ଭାବ: ୧୭।୦୫।୧୯୫୭
ସ୍ୱର୍ଗାରୋହଣ: ୧୫।୧୧।୨୦୨୫
ସ୍ୱାମୀ : ୰ସୁଧାଂଶୁ ଶେଖର ଦଣ୍ଡପାଟ
କାଶିଆବେଡା, ବଡ଼ଶୋଳ, ମୟୁରଭଞ୍ଜ
ଅଭୁଲା ସେ ଅନୁଭୂତି....
ଅପାସୋରା ଗାଥା......
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...
-:ଶୋକସନ୍ତପ୍ତ:-
ପୁଅ- ଦୀପକ, ଦୀନେଶ, ପୁଅବୋହୂ- ସ୍ୱପ୍ନା, ସୁନୀତା, ଝିଅ- ଲତିକା, ଜ୍ୱାଇଁ- ଲାଲମୋହନ,ଦିଅର- ରାମରାଞ୍ଜନ, ଯାଆ- ସୁଲେଖା, ନାତି- ଓମ ପ୍ରକାଶ, ରାଜା, ସାଇ,କ୍ରିଶ, ନାତୁଣୀ- ହର୍ଷିତା, ପୂଜା, ପଲକ, ଦ୍ରୀଷ୍ଟି ଓ ସମସ୍ତ ବନ୍ଧୁ ପରିଜନବର୍ଗ

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଇନ୍ଦ୍ରମଣୀ ସାହୁ
ମାଳପାଟଣା ଗ୍ରାମ, ପଟ୍ଟାମୁଣ୍ଡାଇ
ଆବିର୍ଭାବ: ୧୩.୦୩.୧୯୫୩
ତିରୋଧାନ: ୧୫.୧୧.୨୦୨୫
ଆପଣଙ୍କ ଅବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଯନ୍ତ୍ରଣାଦାୟକ। ଆପଣଙ୍କ ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ହୋଇ ରହିବ। ଆଜିର ଦିନରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା କରୁଅଛୁ।
-:ଆପଣଙ୍କ ଶୋକସନ୍ତପ୍ତ:-
ସ୍ତ୍ରୀ, ଦୁଇ ପୁଅ, ବୋହୂ, ଚାରି ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ପରିବାରବର୍ଗ।


# ଏମ୍. ୟୁନାଇଟେଡ୍ ମୁମ୍ବାଇକୁ ହରାଇଲା କଟକ ଏକାଦଶ

## ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

**ଢେଙ୍କାନାଳ,୨୪।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର, ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ସୋମବାର ମ୍ୟାଚରେ କଟକ ଏକାଦେଶ ୪-୦ ଗୋଲ୍‌ରେ ଏମ୍ ୟୁନାଇଟେଡ୍ ମୁମ୍ବାଇକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚକୁ ରେଫରି ଅରୁଣ କୁମାର ନାୟକ, ଦେବରାଜ ସ୍ୱାଇଁ, ଶଶିକାନ୍ତ ଦାସିଆ ଓ ମହେଶ ପ୍ରଧାନ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ କୁମାର ବେହେରା, ଜିଲା ସାମ୍ବାଦିକ ସଂଘ ଉପସଭାପତି ଅଭୟ କୁମାର ସାହୁ, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଶିଶିର ଶତପଥୀ, କୋଷାଧ୍ୟକ୍ଷ ବିନୋଦ ମହାନ୍ତି, ବରିଷ୍ଠ ସଦସ୍ୟ ନାରାୟଣ ପଟ୍ଟନାୟକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପରିଚାଳକ(ବ୍ୟବସାୟ) ଦେବାଶିଷ ପୁରୋହିତ ଓ ପରିଚାଳକ(ଅପରେଶନ) ସୋନାଲି ସାଗରିକା ମହାନ୍ତି ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ କୁମାର ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶ୍ୟାମ ସୁନ୍ଦର ମହାପାତ୍ର, ସରୋଜ ପାଢ଼ୀ, ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହନ୍ତ, ବିଭୂତି ଭୂଷଣ ପଟ୍ଟନାୟକ, ଅମିୟ ଭୂଷଣ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।



ଏମ୍ ୟୁନାଇଟେଡ୍ ମୁମ୍ବାଇ ଓ କଟକ ଏକାଦଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚ।

# ଇଟାଲୀକୁ ହାଟ୍ରିକ୍ ଟାଇଟଲ

**ବୋଲୋଗ୍ନା, ୨୪।୧୧ (ଏପି)**

ଇଟାଲୀ ଡେଭିସ କପ୍ ଟାଇଟଲ ବଜାୟ ରଖିଛି। ସିନରଙ୍କ ଅନୁପସ୍ଥିତିରେ ଏଥର ଇଟାଲୀ ଦଳର ଷ୍ଟାର ଖେଳାଳି ହୋଇଯାଇଥିଲେ ମାଟେଓ ବରେଟେନି ଓ ଫ୍ଲାଭିଓ କୋବୋଲି। ରବିବାର ଫାଇନାଲରେ ଦୁହେଁ ସିଙ୍ଗଲ୍ସ ମ୍ୟାଚ ଜିତି ଦଳକୁ ସ୍ପେନ ବିପକ୍ଷରେ ୨-୦ରେ ଅଗ୍ରଣୀ କରାଇଥିଲେ। ଇଟାଲୀର ଏହା ହେଉଛି କ୍ରମାଗତ ତୃତୀୟ ଏବଂ ଚତୁର୍ଥ ଡେଭିସ୍ କପ୍ ଟାଇଟଲ। ଏହା ପୂର୍ବରୁ ହାଟ୍ରିକ ଟାଇଟଲ ହାସଲ କରିଥିବା ଦେଶ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା। ଦଳ ୧୯୬୮ରୁ ୭୨ ପର୍ଯ୍ୟନ୍ତ ୫ଥର ଟାଇଟଲ ବିଜେତା ହୋଇଥିଲା।

# ମେନୋପଜ୍, ନାରୀ ଜୀବନର ଦ୍ୱିତୀୟ ବସନ୍ତ

ଡା. ସରୋଜିନୀ ଷଡ଼ଙ୍ଗୀ



**ଶୈଶବ, କୈଶୋର ଓ ଯୌବନ ଏହି ତିନୋଟି ପର୍ଯ୍ୟାୟ ଅତିକ୍ରମ କରି ନାରୀଟିଏ ପାଦ ଦେଇଥାଏ ଜୀବନର ଅନ୍ତିମ ପର୍ଯ୍ୟାୟ ବାର୍ଦ୍ଧକ୍ୟରେ । ଏହି ବୈଚିତ୍ର୍ୟମୟ ଓ ଲାଳିତ୍ୟମୟ ନାରୀତ୍ୱକୁ ସନ୍ତୁଳିତ କରି ରଖିଥାଏ ଦୁଇଟି ଅନ୍ତଃସ୍ରାବୀ ରସ ବା ହରମୋନ୍, ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ । ହେଲେ ମେନୋପଜ୍ ବା ମାସିକ ଋତୁସ୍ରାବର ବିରତି ପରେ ଏହି ହରମୋନ୍ କ୍ଷରଣ ବନ୍ଦ ହୋଇଯିବାରୁ ନାନା ପ୍ରକାର ଜଟିଳତା ଦେଖାଦିଏ । ହେଲେ ମେନୋପଜ୍ ଏବେ ଆଉ ନାରୀ ଜୀବନର ଶେଷ ପର୍ଯ୍ୟାୟ ନୁହେଁ, ବରଂ ନିଜର ଫିଟ୍‌ନେସ୍ ପ୍ରତି ସଜାଗ ମହିଳାଙ୍କ ପାଇଁ ଏହା ଦ୍ୱିତୀୟ ବସନ୍ତ ବୋଲି ଅଭିହିତ ହେଲାଣି...**

ନାରୀର ପ୍ରଜନନ ପ୍ରଣାଳୀ ଓ ଅନ୍ୟାନ୍ୟ ଇନ୍ଦ୍ରିୟ ବିକାଶରେ 'ଇଷ୍ଟ୍ରୋଜେନ୍'ର ଭୂମିକା ମହତ୍ତ୍ୱପୂର୍ଣ୍ଣ। ଏହି ହରମୋନ୍ ନାରୀମାନଙ୍କ ପାଇଁ ଏକ ରକ୍ଷାକବଚ ଭଳି କାମ କରିଥାଏ। ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ଦୁଇ ହର୍‌ମୋନ ୧୫ ରୁ ୪୫ ବର୍ଷ ପର୍ଯ୍ୟନ୍ତ ନାରୀର ପ୍ରଜନନ କ୍ଷମତାକୁ ଅକ୍ଷୁଣ୍ଣ ରଖିଥାଏ। ପ୍ରାୟ ୧ ବର୍ଷ ବା ବାରମାସ ଧରି ମାସିକ ଋତୁସ୍ରାବ ଆଦୌ ନ ହେଲେ ମହିଳାମାନଙ୍କର ରଜ ନିବୃତ୍ତି ବା ମେନୋପଜ୍ ହୋଇଛି ବୋଲି କୁହାଯାଇଥାଏ। ଏହାର ବୟସ ସୀମା ହେଉଛି ୪୫ରୁ ୫୦ ବର୍ଷ। ମେନୋପଜ୍ ବା ମାସିକ ଋତୁସ୍ରାବର ବିରତି ପରେ ଡିମ୍ବକୋଷରୁ ଝରୁଥିବା ହରମୋନ୍ ବନ୍ଦ ହୋଇଯିବାରୁ ନାନା ପ୍ରକାର ଜଟିଳତା ଦେଖାଦିଏ। ଯଦିଓ ମେନୋପଜ୍ ବା ମାସିକ ଋତୁସ୍ରାବର ବିରତି ନିଶ୍ଚିତ ଭାବରେ ବୟସ୍କ ହେବାର ଲକ୍ଷଣ, ତଥାପି ଏହି ପର୍ଯ୍ୟାୟକୁ ଏକ କଷ୍ଟକର ପର୍ଯ୍ୟାୟ ବୋଲି ନ ଭାବି ଏକ ଶୁଭଙ୍କର ପର୍ଯ୍ୟାୟ ଭାବେ ଏହାର ପ୍ରତ୍ୟେକ ମୁହୂର୍ତ୍ତର ସଦୁପଯୋଗ କରି ଫିଟନେସ୍‌ର ମନ୍ତ୍ର ଉଚ୍ଚାରଣ କଲେ ଯଥାର୍ଥରେ ଫିଟ୍ ଆଟ୍ ଫିଫ୍‌ଟି, ଷ୍ଟ୍ରଙ୍ଗ୍ ଆଟ୍ ସିକ୍ସଟି, ସୁଇଟ ଆଟ୍ ସେଭେଣ୍ଟି ଏବଂ ଏଫିସିଏଣ୍ଟ, ଏଲିଗେଣ୍ଟ ଏବଂ ଇଣ୍ଟେଲିଜେଣ୍ଟ ଆଟ୍ ଏଇଟି ରହିପାରିବେ।

**ଋତୁସ୍ରାବ ବିରତି ପରେ ଦେଖା ଦେଉଥିବା ମୁଖ୍ୟ ସମସ୍ୟାଗୁଡ଼ିକ ହେଉଛି–**

**୧.ସ୍ୱଳ୍ପକାଳୀନ ଲକ୍ଷଣ:** ଏହା ଋତୁସ୍ରାବ ବିରତିର ଅଳ୍ପଦିନ ମଧ୍ୟରେ ଦେଖାଦିଏ।

– ଉଦାସ ମାନସିକ ବିଚଳିତଭାବ ଆଦି।

– ଉଷ୍ମହୁଲା ବା ଗରମ ହୁଲା– ଯାହାକୁ 'ହଟ ଫ୍ଲଶେସ୍' ବୋଲି ମଧ୍ୟ କୁହାଯାଏ। ଏହା ଅନେକ ମହିଳାଙ୍କଠାରେ ଦେଖାଦେଇଥାଏ । ରାତି ଅଧରେ ନିଦ ଭାଙ୍ଗି ଯାଇ ଜଣେ ଜଣେ ମୁଣ୍ଡ, ମୁହଁ, କାନମୂଳ ଗରମ ହୋଇଯିବାର ଅନୁଭବ କରନ୍ତି। ବେଳେବେଳେ ଶୁଷ୍କତା ମୂତ୍ରନଳୀ (ୟୁରେଥ୍ରା), ମୂତ୍ରାଶୟ ଏବଂ ପ୍ରସବ ଦ୍ୱାରର ଶ୍ଳୈଷ୍ମିକ ଝିଲ୍ଲୀ ଶୁଖିଯିବା ଫଳରେ ପରିସ୍ରା ପୋଡ଼ା ତଥା ଘନଘନ ପରିସ୍ରା ହୋଇଥାଏ। ପରିସ୍ରା ସଂକ୍ରମଣ ମଧ୍ୟ ବାରମ୍ବାର ଦେଖାଦେଇଥାଏ। ଚର୍ମ, ଓଠ ଓ ଆଖି ପାଖରେ କଳା ଦେଖାଯାଏ।

**୨. ଦୀର୍ଘକାଳୀନ ସମସ୍ୟା:** ଏହା ଋତୁସ୍ରାବ ବିରତିର କିଛି ବର୍ଷ ପରେ ଘଟେ। ଯଥା– ଅଷ୍ଟିଓପୋରୋସିସ୍ ପ୍ରାୟ ୧୦% କେସ୍‌ରେ ଦେଖାଯାଇଥାଏ । ବୟସ୍କା ମହିଳାଙ୍କ ଜଂଘ ଓ ଗୋଡ଼ ମନକୁ ମନ ଭାଙ୍ଗିଯାଏ । ମହିଳାମାନଙ୍କ ପାଇଁ ଏହି ରିସ୍କ ୫୦% । ଅଷ୍ଟିଓ ଆର୍ଥ୍ରାଇଟିସ୍ ଆଣ୍ଠୁଗଣ୍ଠି ବାତ ଯୋଗୁ ଗଣ୍ଠି ବା ସନ୍ଧି ସଂଚାଳନା କରିବାରେ କଷ୍ଟ ହୁଏ ।

– ଏଥିରେ ସ୍ମୃତିଭ୍ରମ ବା ଆଲଜିମର୍ସ ମଧ୍ୟ ଦେଖାଦେଇଥାଏ ।

– ମେନୋପଜ୍ ପରେ ହୃଦ୍‌ରୋଗ ଏକ ସମସ୍ୟା। କରୋନାରୀ ଆର୍ଟେରୀ ଡିଜିଜ୍ ଉଚ୍ଚରକ୍ତ ଚାପ, ହୃଦ୍‌ଘାତ ଆଦି ମଧ୍ୟ ହୋଇଥାଏ । ଏହି ସମୟରେ ଇଷ୍ଟ୍ରୋଜେନ୍ ହରମୋନ୍ କମିଯିବା ଯୋଗୁ ରକ୍ତରେ ଚର୍ବି ବା ଲିପିଡ୍ ଅଂଶ ବଢ଼ିଯାଏ । ତେଣୁ ଉଚ୍ଚ ରକ୍ତଚାପ ରୋଗ, ମଧୁମେହ ରୋଗ, ହୃଦ୍‌ରୋଗ ଆଦି ହୋଇଥାଏ।

– ମାସିକ ଋତୁସ୍ରାବ ପରେ ରକ୍ତକ୍ଷରଣ ହେଲେ ନିଶ୍ଚିତ ଭାବରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ପାପ୍ ସ୍ମିଅର, ଅଲଟ୍ରାସାଉଣ୍ଡ, କଲପୋସ୍କାପି ଗାଇଡେଡ ଡିଏଣ୍ଡସି ଆଦି କରି ରୋଗର କାରଣ ଜାଣି ଚିକିତ୍ସା କରାଇବା ଉଚିତ୍ । କାରଣ ଏଥିରେ ଅବହେଳା କଲେ ଜରାୟୁ ଗ୍ରୀବା କର୍କଟରୋଗ, ଜରାୟୁ କର୍କଟରୋଗ, ଜରାୟୁ ଫାଇବ୍ରଏଡ, ଓଭାରିଆନ୍ ଟ୍ୟୁମର, ହରମୋନ୍ ବା ଇଷ୍ଟ୍ରୋଜେନ୍‌ର ବହୁଳ ବ୍ୟବହାର, ପ୍ରୋଲାପ୍ସ ଅଫ୍ ୟୁଟେରସ୍ ବହୁବର୍ଷ ଧରି ରହିଥିବା କପରଟି ମେନୋପଜ୍ ପରେ ମେଦବହୁଳତା, ଜରାୟୁ, ଗ୍ରୀବାରେ ଘା' ପଲିପ୍ ଆଦି ସମସ୍ୟା ଦେଖାଦେଇପାରେ।





**ପ୍ରତିରୋଧ ବ୍ୟବସ୍ଥା:**

– ମାନସିକ ଲକ୍ଷଣ ଏଡ଼ାଇବା ପାଇଁ ସୁସ୍ଥ ଜୀବନଯାପନ ଶୈଳୀ ଅବଲମ୍ବନ କରିବା, ଷ୍ଟ୍ରେସ୍ ଏଡ଼ାଇବା, ନିୟମିତ ବ୍ୟାୟାମ କରିବା, ମନ ପରିବର୍ତ୍ତନ ପାଇଁ ନିଜ ହବି ଉପରେ ଧ୍ୟାନ ଦେବା, ଫଳ ଓ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର। ପରିବାର ଓ ସାଙ୍ଗ ମେଳରେ ଅଧିକ ସମୟ ବିତାଇବା ସହ ସଭାସମିତି, ସତ୍‌ସଙ୍ଗ ଆଦିରେ ଯୋଗଦେବା ଭଲ ।

– ହଟ୍ ଫ୍ଲଶେସ୍ ଏଡ଼ାଇବା ପାଇଁ ତେଲ ଓ ଘିଅରେ ଛଣାଛଣି ଖାଦ୍ୟ ବା' ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ପରିହାର କରିବା ଉଚିତ। ବେଶି ଚା, କଫି ବା ଗରମପାନୀୟ ପିଇବା, ଧୂମପାନ ବା ମଦ୍ୟପାନ କରିବା ଉଚିତ୍ ନୁହେଁ।

– ଅଷ୍ଟିଓପୋରୋସିସ୍‌ର ସବୁଠୁ ଭଲ ଉପଚାର ହେଉଛି ତା'ର ପ୍ରତିରୋଧକରଣ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୟାଲସିୟମ, ଭିଟାମିନ୍ ଡି, ଆଣ୍ଟିଅକ୍ସିଡାଣ୍ଟ ଆଦି ଅଧିକ ଥିବା ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରିବା ଦରକାର।

– ମସ୍ତିଷ୍କର ଏଜିଂ ଯୋଗୁଁ ହେଉଥିବା ଆଲଜିମର୍ସ ବା ସ୍ମୃତିବିଭ୍ରମ ରୋଗକୁ ରୋକିବା ପାଇଁ ତଟକା ଫଳ, ପନିପରିବା ସୋୟାବିନ୍ ଆଦି ଖାଇବା ଉଚିତ୍।

– ଇଷ୍ଟ୍ରୋଜେନ୍ ରିପ୍ଲେସ୍‌ମେଣ୍ଟ ଥେରାପି ମଧ୍ୟ ଉପକାର କରିଥାଏ। ଏଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର। କେଉଁ ପ୍ରକାର ହରମୋନ୍, କିପରି ଖାଇବେ ଏବଂ ମଝିରେ କିପରି କ'ଣ କ'ଣ ଚେକ୍ କରାଇବେ, ସେ ବିଷୟରେ ବିଷଦ ଭାବରେ ବୁଝିନେବା ଭଲ ।

– ପ୍ରତ୍ୟେକ ମହିଳା ଯୋଗ ବ୍ୟାୟାମ ସହ ମର୍ନିଂ ଏବଂ ଇଭିନିଂ ୱାକ୍ କରିବା ଜରୁରୀ । ଏହାଛଡ଼ା କାହା ଉପରେ ନିର୍ଭର ନ କରି ନିଜେ ସକ୍ରିୟ ରହିବା ବା ଆକ୍ଟିଭ ରହିବା ଉଚିତ୍।

– କ୍ୟାଲସିୟମଯୁକ୍ତ ଖାଦ୍ୟ ଯଥା କ୍ଷୀର, ଛେନା ଓ ଦହି ଖାଇବା ଭଲ। ମାଇକ୍ରୋନ୍ୟୁଟ୍ରିଏଣ୍ଟ, ପ୍ରୋଟିନ୍ ଓ ବି କମ୍ପ୍ଲେକ୍ସ ତଥା ଭିଟାମିନ୍ ସି ଖାଇବା ଦରକାର। ପ୍ରତ୍ୟେକ ଦିନ କିଛି କିଛି ଆଲ୍‌ମଣ୍ଡ ଖାଇବା ହୃତ୍‌ପିଣ୍ଡ ପାଇଁ ଭଲ ।

– ସ୍ଥଳ ବିଶେଷରେ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ହରମୋନ୍ ରିପ୍ଲେସ୍‌ମେଣ୍ଟ ଥେରାପି ନିଆଯାଇ ପାରିବ। ମାସିକ ଋତୁସ୍ରାବ ବିରତି ପରେ କେତୋଟି ରୁଟିନ୍ ପରୀକ୍ଷାନିରୀକ୍ଷା କରିବା ଜରୁରୀ। ଏହାଛଡ଼ା ଆକ୍ଟିଭ ଲାଇଫ୍‌ଷ୍ଟାଇଲ୍ ନିର୍ବାହ କରିବା ସହ ଏହି ସମୟରେ ସକାରାତ୍ମକ ମନୋଭାବ ରଖିବା ଖୁବ୍ ଜରୁରୀ ।

ମାସିକ ଋତୁସ୍ରାବର ସମୟ ଏକ ଅବହେଳିତ ପର୍ଯ୍ୟାୟ ନୁହେଁ, ଏହା ନାରୀମାନଙ୍କ ଜୀବନର ଏକ ଉଚିତ୍ ପର୍ଯ୍ୟାୟ। ଯେଉଁ ସମୟରେ ସେମାନେ ଜୀବନ କ୍ଷେତ୍ରରେ ଉନ୍ନତିର ଏକ ଚରମ ପର୍ଯ୍ୟାୟରେ ପହଞ୍ଚିବାର ଆସ୍ପର୍ଦ୍ଧା ରଖିପାରିବେ ଏବଂ ସମସ୍ତ ଲାଳିତ୍ୟ ସହ ନିଜର ଜୀବନ ନିର୍ବାହ କରିପାରିବେ। ତେଣୁ ବାର୍ଦ୍ଧକ୍ୟକୁ ଅଭିଶାପ ବୋଲି ନ ଭାବି ଏହାକୁ ଏକ ଆଶୀର୍ବାଦ ରୂପେ ଗ୍ରହଣ କରନ୍ତୁ, ଦେଖିବେ ଗ୍ରେସ୍‌ଫୁଲ ଏଜିଂର ସୁନ୍ଦର ମନ୍ତ୍ରଧ୍ୱନିରେ ଜୀବନ ପୁଣିଥରେ ସଂଜୀବିତ ହୋଇଉଠିବ।

– ଲିଙ୍କ୍‌ରୋଡ୍, କଟକ–୧୨
ମୋ–୯୪୩୭୦୫୫୦୦୭



# ଉଲେନ୍ ଫ୍ୟାଶନ

**ଗୋଟେ ପଟେ ଶୀତରୁ ରକ୍ଷା ପାଇବା ପାଇଁ ସ୍ୱେଟର, ଜ୍ୟାକେଟ୍ ଦରକାର, ଆଉ ଗୋଟେ ପଟେ ଏହା ଭିତରେ ଡ୍ରେସ୍‌ର ଡିଜାଇନ୍ ଲୁଚିଯିବାକୁ ନେଇ ବଢ଼ିଯାଏ ଅଧିକାଂଶ ମହିଳାଙ୍କ ଟେନ୍‌ଶନ୍। ହେଲେ କେତୋଟି ଟ୍ରିକ୍ ଆପଣେଇଲେ ଉଲେନ୍ ଆଉଟ୍‌ଫିଟ୍‌ରେ ବି ଟ୍ରେଣ୍ଡି ଓ ଫ୍ୟାଶନେବଲ୍ ଲାଗିପାରିବେ ...**



★ବର୍ତ୍ତମାନ ବିଭିନ୍ନ ପ୍ରକାରର ଉଲେନ୍ ଓଭର କୋଟ୍ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଉଭୟ ମଡର୍ନ ଏବଂ ଟ୍ରାଡିସିନାଲ୍ ଆଉଟ୍‌ଫିଟ୍ ସହ ଏହାକୁ ଟିମ୍ ଅପ୍ କରି ଡିଫରେଣ୍ଟ ଲୁକ୍ ପାଇପାରିବେ। ବିଶେଷକରି ଶାଢ଼ି ସହ ଏହାକୁ ପିନ୍ଧିଲେ ଷ୍ଟାଇଲିଶ୍ ଲାଗିବେ।

★ଜିନ୍ସ ପ୍ୟାଣ୍ଟ, ଲେଗିଙ୍ଗ୍ସ, ପ୍ଲାଜୋ ଆଦି ସହ ଉଲେନ୍ କୁର୍ତ୍ତା ବର୍ତ୍ତମାନ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଏହା ଏଥ୍‌ନିକ ଲୁକ୍ ଦେବା ସହ ଷ୍ଟାଇଲିଶ୍ ମଧ୍ୟ ଲାଗିବ। କେବଳ ଲଙ୍ଗ୍ ନୁହେଁ, ଉଲେନ୍ ଶର୍ଟ କୁର୍ତ୍ତି ମଧ୍ୟ ବଜାରରେ ଉପଲବ୍ଧ, ଯାହାକୁ ଟ୍ରାଏ କରି ଟ୍ରେଣ୍ଡି ଲୁକ୍ ପାଇପାରିବେ।

★ମାର୍କେଟ୍‌ରେ ଲାଇଟ୍, ଡାର୍କ କଲର ହେଉ କିମ୍ବା ଡେନିମ୍ ଭଳି ବିଭିନ୍ନ ଡିଜାଇନ୍‌ର ଉଲେନ୍ ଜ୍ୟାକେଟ୍ ଉପଲବ୍ଧ। ଏହାକୁ ଜିନ୍ସ, ଟପ୍ସ ହେଉ କିମ୍ବା ଉଭୟ ସ୍ଲିଭ୍ ଥିବା ଓ ସ୍ଲିଭଲେସ୍ କୁର୍ତ୍ତି ସହିତ ପିନ୍ଧିଲେ ଷ୍ଟାଇଲିସ୍ ଲୁକ୍ ମିଳିଥାଏ।

★ଯଦି ଆପଣ ଅଫିସ୍ ଯାଉଛନ୍ତି, ତେବେ ଫର୍ମାଲ୍ ଲୁକ୍ ପାଇଁ ଉଲେନ୍‌ର ବ୍ଲେଜର୍ ଓ ପ୍ୟାଣ୍ଟ ପିନ୍ଧିପାରିବେ। ଅଫିସିଆଲ୍ ୱେର ପାଇଁ ଷ୍ଟାଇଲିଶ୍ କୋଟ୍ ଓ ବ୍ଲେଜର୍ ସହ ଜିନ୍ସ ପ୍ୟାଣ୍ଟର କମ୍ବିନେଶନ୍ ଟ୍ରାଏ କରନ୍ତୁ।

★ସ୍ଲିଭ୍‌ଲେସ୍ ଉଲେନ୍ ସ୍ୱେଟର୍ କିମ୍ବା ଜ୍ୟାକେଟ୍‌କୁ ମଧ୍ୟ ନିଜ ୱିଣ୍ଟର କଲେକ୍ସନ୍‌ରେ ସାମିଲ କରନ୍ତୁ। କାରଣ ଏହାକୁ ଯେକୌଣସି ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଫ୍ୟାଶନେବଲ୍ ଲାଗିଥାଏ।

★ଯଦି ଶାଢ଼ି ପିନ୍ଧୁଛନ୍ତି, ତେବେ ଏହା ସହ ଫୁଲ୍‌ସ୍ଲିଭ୍ ଉଲେନ୍ ସ୍ୱେଟର ଟ୍ରାଏ କରନ୍ତୁ ଆଟ୍ରାକ୍ଟିଭ୍ ଲାଗିବେ।

★ଉଲେନ୍ ପୋଞ୍ଚୋ ମଧ୍ୟ ବର୍ତ୍ତମାନ ଖୁବ୍ ଡିମାଣ୍ଡରେ ରହିଛି। ଏହାକୁ ଆପଣ ଟ୍ରାଡିସିନାଲ୍‌ଠୁ ଆରମ୍ଭ କରି ୱେଷ୍ଟର୍ନ ପର୍ଯ୍ୟନ୍ତ ସବୁ ଆଉଟ୍‌ଫିଟ୍ ସହିତ କ୍ୟାରି କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

# ଦୃଷ୍ଟିଶକ୍ତି କମୁଥିଲେ...

**ବର୍ତ୍ତମାନ ଅଧିକାଂଶ ପିଲାଙ୍କଠାରେ ଚକ୍ଷୁ ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ମା'ମାନେ ପିଲାମାନଙ୍କୁ ଇ–ଗ୍ୟାଜେଟ୍‌ର ବ୍ୟବହାର କମାଇବାକୁ ପରାମର୍ଶ ଦେବା ସହ ସେମାନଙ୍କ ଖାଦ୍ୟ ତାଲିକାରେ କେତୋଟି ଖାଦ୍ୟକୁ ସାମିଲ କଲେ ଦୃଷ୍ଟିଶକ୍ତି ବଢ଼ାଇ ପାରିବେ...**

**ଶାଗ:** ଶାଗରେ ଭରି ରହିଛି ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ୍ସ; ଯାହାକି ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ସବୁଠୁ ଭଲ ଖାଦ୍ୟ। ତେଣୁ ପ୍ରତିଦିନ ପିଲାମାନଙ୍କ ଖାଦ୍ୟ ତାଲିକାରେ ପାଳଙ୍ଗ, ଶଜନା, କୋଶଳା, ମେଥି ଭଳି ସବୁଜ ଶାଗ ସାମିଲ କରନ୍ତୁ।

**ପନିପରିବା:** ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ଗାଜର, ଫୁଲକୋବି, ବନ୍ଧାକୋବି ଭଳି ସମସ୍ତ ତଟକା ପନିପରିବାଜାତୀୟ ଖାଦ୍ୟ ମଧ୍ୟ ସାହାଯ୍ୟ କରିଥାଏ।

**ମଞ୍ଜି ଜାତୀୟ ଖାଦ୍ୟ:** ବିଭିନ୍ନ ମଞ୍ଜି ଯଥା କାଜୁ, ପେସ୍ତା, ଚିନାବାଦାମ ଏବଂ ଅନ୍ୟ ବାଦାମଜାତୀୟ ଖାଦ୍ୟରେ ଭରପୂର ମାତ୍ରାରେ ଭିଟାମିନ୍ ଇ, ସି, ଜିଙ୍କ୍, ଓମେଗା–୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ତେଣୁ ପିଲାଙ୍କୁ ପ୍ରତିଦିନ ଏଭଳି ଖାଦ୍ୟ ଦେଲେ ସେମାନଙ୍କ ଆଖିର ମାଂସପେଶୀ ସୁସ୍ଥ ଏବଂ ମଜଭୁତ ରହିବ।

**ସି ଫୁଡ୍:** ସାଲମନ୍, ଟୁନା ଭଳି ସମୁଦ୍ର ମାଛରେ ପ୍ରଚୁର ପରିମାଣରେ ଓମେଗା–୩ ଫ୍ୟାଟି ଏସିଡ୍ ଭରି ରହିଛି, ଯାହାକି ଚକ୍ଷୁ ଶୁଷ୍କ ହେବା ବା ଡ୍ରାଏ ଆଇ ଏବଂ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

**ଛୁଇଁ:** ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ଶିମ୍ବ, ବିନ୍ସ, ଝୁଡ଼ଙ୍ଗ, ଶଜନାଛୁଇଁ ଭଳି ଛୁଇଁଜାତୀୟ ଖାଦ୍ୟ ବେଶ୍ ଉପକାରୀ। କାରଣ ଏଥିରେ ପ୍ରୋଟିନ୍ ଏବଂ ଜିଙ୍କ୍ ପରିମାଣ ଖୁବ୍ ଅଧିକ, ଯାହାକି ଚକ୍ଷୁ ପାଇଁ ବେଶ୍ ଉପକାରୀ। ଛୁଇଁଜାତୀୟ ଖାଦ୍ୟକୁ ଭଜା, ସନ୍ତୁଳା କିମ୍ବା ସୁପ୍ କରି ଖାଇବାକୁ ଦିଅନ୍ତୁ।

**ଅଣ୍ଡା:** ଅଣ୍ଡାରେ ପ୍ରଚୁର ପରିମାଣର ଲ୍ୟୁଟିନ୍, ଭିଟାମିନ୍ ଇ, ସି ଭରି ରହିଛି। ତେଣୁ ପିଲାଙ୍କୁ ପ୍ରତିଦିନ ସିଝା ଅଣ୍ଡା ଖାଇବାକୁ ଦେଲେ ସେମାନଙ୍କଠାରେ ଚକ୍ଷୁ ସମସ୍ୟା ଦେଖାଦେବ ନାହିଁ।



## ସୌନ୍ଦର୍ଯ୍ୟ

# ୱିଣ୍ଟର ସ୍କିନ୍ କେୟାର

**ଶୀତଦିନେ ତ୍ୱଚା ଶୁଖିଲା ଏବଂ ଡଲ୍ ଦେଖାଯାଇଥାଏ, ଯାହାକୁ ନେଇ ଅଧିକାଂଶଙ୍କ ଟେନ୍‌ସନ ବଢ଼ିଯାଏ। ହେଲେ ଏଥିପାଇଁ ବାରମ୍ବାର ବ୍ୟୁଟି ପାର୍ଲର ଯିବା ବଦଳରେ ଆପଣ ଚାହିଁଲେ ଘରେ ରହି ମଧ୍ୟ କେତୋଟି ସ୍କିନ୍ କେୟାର୍ ଟିପ୍ସ ଆପଣେଇ ଶୀତରେ ବି ସବୁଠୁ ଆକର୍ଷଣୀୟ ଦେଖାଯାଇପାରିବେ...**


❖ ଶୀତଦିନ ଆରମ୍ଭ ହୋଇଯାଇଛି। ଏମିତିରେ ତ୍ୱଚାରେ ଅଧିକ ଧୂଳି ଜମିଥାଏ। ଏହାକୁ ଭଲ ଭାବେ ସଫା କରିବା ଲାଗି ଏକ ବଡ଼ ପାତ୍ରରେ ପାଣି ନେଇ ସେଥିରେ ୪–୫ଟି ମେଥିଦାନା ପକାଇ ଭଲ ଭାବେ ଫୁଟାଇ ଦିଅନ୍ତୁ। ପାଣି ଫୁଟି ଫୁଟି ଅଧା ହୋଇଗଲେ ଏହାକୁ ଚୁଲାରୁ ତଳକୁ ନେଇ ଆସନ୍ତୁ। ମୁଣ୍ଡକୁ ଟାୱେଲ୍‌ରେ ଘୋଡ଼ାଇ ଦିଅନ୍ତୁ। ମୁହଁରେ ସେହି ଫୁଟାପାଣିର ଷ୍ଟିମ୍ ନିଅନ୍ତୁ। ଏହା ତ୍ୱଚାକୁ ଭିତରୁ ଭଲ ଭାବେ ସଫା କରିବାରେ ସାହାଯ୍ୟ କରିଥାଏ।

❖ ୧–୨ ଘଣ୍ଟା ପୂର୍ବରୁ ଅଧା କପ୍ ଚାଉଳ ଭିଜାଇ ରଖନ୍ତୁ। ଏହାକୁ ଛାଣି ବାଟି ଦିଅନ୍ତୁ। ସେଥିରେ ୨ ଚାମଚ କ୍ଷୀର ଏବଂ ୧ ଚାମଚ କଫି ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଷ୍ଟିମ୍ ନେବା ପରେ ଏହି ପେଷ୍ଟକୁ ମୁହଁରେ ଲଗାଇ ୧ ମିନିଟ୍ ରଖିବା ପରେ ହାତରେ ମସାଜ୍ କରି ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚା ଭଲ ଭାବେ ସଫା ହୋଇଯାଏ ଏବଂ ଚିକ୍କଣ ଓ ସୁନ୍ଦର ଦେଖାଯାଇଥାଏ।

❖ ରାତିରେ ଶୋଇବା ପୂର୍ବରୁ ବାଦାମ ତେଲ କିମ୍ବା ନଡ଼ିଆ ତେଲକୁ ନଖ ଉଷୁମ କରି ତ୍ୱଚାରେ ମସାଜ୍ କରନ୍ତୁ। ଏଥିରେ ଥିବା ଭିଟାମିନ୍ ତ୍ୱଚାକୁ ଭିତରୁ ପୋଷଣ ପ୍ରଦାନ କରିଥାଏ। ଏତଦ୍‌ବ୍ୟତୀତ ରୁଖାପଣ ଦୂର କରିଥାଏ ଏବଂ ତ୍ୱଚା ଅଧିକ ଗ୍ଲୋ କରିଥାଏ।

❖ ବାନାନା ଫେସ୍ ମାସ୍କ ମଧ୍ୟ ଶୀତଦିନ ପାଇଁ ସବୁଠୁ ବେଷ୍ଟ। ଏହାକୁ ପ୍ରସ୍ତୁତ କରିବା ଲାଗି ଏକ ପାଚିଲା କଦଳୀକୁ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ ଅଧା ଚାମଚ ମହୁ, ଏକ ଚାମଚ କ୍ଷୀର ଏବଂ ୪–୫ ବୁନ୍ଦା ଲେମ୍ବୁରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫–୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦେବେ। ସପ୍ତାହରେ ଦୁଇଥର ଏହି ମାସ୍କ ଲଗାନ୍ତୁ। ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବ ଏବଂ ରୁକ୍ଷ ହେବାକୁ ଦେବ ନାହିଁ।





❖ ସ୍କିନ୍ ଡ୍ରାଏ ହୋଇଥିଲେ ଶୀତଦିନେ ଯଥାସମ୍ଭବ ମୁହଁରେ ସାବୁନ୍ କିମ୍ବା ଫେସ୍‌ୱାଶ୍ ନ ଲଗାଇବା ଭଲ। ଏହା ବଦଳରେ କ୍ଷୀରରେ ଅଳ୍ପ ହଳଦୀଗୁଣ୍ଡ ପକାଇ କ୍ଲିଞ୍ଜିଙ୍ଗ୍ କରିପାରିବେ।

❖ ଏହା ବ୍ୟତୀତ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା, ତେଲ ମସଲାଯୁକ୍ତ ଖାଦ୍ୟ ନ ଖାଇ ସନ୍ତୁଳିତ ଖାଦ୍ୟ, ଫଳ ଆଦି ଖାଇବା ଏବଂ ୭–୮ ଘଣ୍ଟା ଶୋଇବା ଦ୍ୱାରା ବି ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିବ।

# ଅରେଞ୍ଜ ଜାମ୍

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ୨ କିଗ୍ରା. ପାଚିଲା କମଳା, ଚିନି– ୫୦୦ଗ୍ରାମ୍, ଲୁଣ– ୧ ଚାମଚ ଏବଂ ଲେମ୍ବୁ ରସ– ୨ ଟେବୁଲ୍ ସ୍ପୁନ୍।

**ପ୍ରସ୍ତୁତି ପ୍ରଣାଳୀ:** ସର୍ବପ୍ରଥମେ କମଳାରୁ ଚୋପାକୁ ଭଲ ଭାବେ ଛଡ଼ାଇ ଦିଅନ୍ତୁ। ଏକ ଜୁସ୍‌ର ସାହାଯ୍ୟରେ ସବୁ କମଳାର ରସ ବାହାର କରିଦିଅନ୍ତୁ। ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ ବସାନ୍ତୁ। ସେଥିରେ କମଳା ରସ ପକାଇ ଧୀରେ ଧୀରେ ଗାଢ଼ ଏବଂ ପ୍ରାୟ ଅଧା ହୋଇଯିବା ପର୍ଯ୍ୟନ୍ତ (ପ୍ରାୟ ୧୫ ମିନିଟ୍) ଘାଣ୍ଟନ୍ତୁ। ବର୍ତ୍ତମାନ ଗ୍ୟାସ୍‌କୁ ସିମ୍‌ରେ ରଖି ସେଥିରେ ଚିନି ପକାଇ ଆସ୍ତେ ଆସ୍ତେ ଗୋଳାନ୍ତୁ। କିଛି ସମୟ ପରେ ଏହି ମିଶ୍ରଣ ଅଠାଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାକୁ ଥଣ୍ଡା କରିବା ପରେ ଏଥିରେ ଲେମ୍ବୁରସ ପକାଇ ମିଶାଇ ଦିଅନ୍ତୁ। ଏହା ଭଲ ଭାବେ ଥଣ୍ଡା ହୋଇଯିବା ପରେ ଏୟାର ଟାଇଟ୍ ବୋତଲରେ ରଖି ଦିଅନ୍ତୁ। ଏହି ଜାମ୍ ସମ୍ପୂର୍ଣ୍ଣ କେମିକାଲ ଫ୍ରି ହୋଇଥିବାରୁ ସ୍ୱାସ୍ଥ୍ୟ ପ୍ରତି ହିତକର। ଏହାକୁ ଆପଣ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖି ଖାଇପାରିବେ।



# ମୃତ୍ୟୁ ଉପତ୍ୟକା ହାତୀ କରିଡର

ବାଲେଶ୍ୱର ଜିଲା ଦେଇ ଯାଇଛି ଶିମିଳିପାଳ–କୁଲଡ଼ିହା–ହଦଗଡ଼ ହାତୀ କରିଡର। ଝାଡ଼ଖଣ୍ଡ ଅଭୟାରଣ୍ୟରୁ ଭାୟା ତପୋବନ (ପଶ୍ଚିମବଙ୍ଗ) ଦେଇ ହାତୀପଲ କୁଲଡ଼ିହା ଅଭୟାରଣ୍ୟକୁ ଆସନ୍ତି। ସାଧାରଣତଃ ନଭେମ୍ବରରେ ଆସି ଡିସେମ୍ବରରେ ଫେରିଯାନ୍ତି। କିଛି ବର୍ଷ ହେଲା ଏହି ଅଭୟାରଣ୍ୟ ସେମାନଙ୍କ ପାଇଁ ପାଲଟିଛି ମୃତ୍ୟୁ ଉପତ୍ୟକା। ଅଧିକାଂଶ ସମୟରେ ଦୁର୍ବୃତ୍ତମାନେ ହାତୀକୁ ମାରି ଦାନ୍ତ କାଟି ନେଉଛନ୍ତି। ଫଳରେ ବାଲେଶ୍ୱର ଜିଲାର ବିଭିନ୍ନ ଜଙ୍ଗଲରେ ଦୀର୍ଘ ବର୍ଷ ଧରି ହାତୀ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।


କୁଲଡ଼ିହାରେ ହାତୀପଲ

ବାଲେଶ୍ୱର ୱାଇଲ୍ଡଲାଇଫ୍ ଡିଭିଜନ୍ ଅଧୀନରେ ମୋଟ୍ ୩୪୮ବର୍ଗ କି.ମି. ଜଙ୍ଗଲ ରହିଛି। ଏହି ସମସ୍ତ ଜଙ୍ଗଲକୁ ଚାନ୍ଦିପୁର, ନୀଳଗିରି, କୁଲଡ଼ିହା, ଜଳେଶ୍ୱର ଓ ସୋର ୱାଇଲ୍ଡଲାଇଫ୍ ରେଞ୍ଜରେ ବିଭକ୍ତ କରାଯାଇଛି। ଏହା ଅଧୀନରେ ଥିବା କୁଲଡ଼ିହା ଅଭୟାରଣ୍ୟକୁ ବନ୍ୟପ୍ରାଣୀଙ୍କ ଭୂସ୍ୱର୍ଗ କୁହାଯାଏ। ଏଠାରେ ହାତୀ ବ୍ୟତୀତ କଲରାପତରିଆ ବାଘ, ହରିଣ, ଗୟଳ, ଶମ୍ବର, ଉଡ଼ନ୍ତା ଗୁଣ୍ଡୁଚି ମୂଷା, ବଣୁଆ କୁକୁର ସହ ବିଭିନ୍ନ ପ୍ରଜାତିର ବିରଳ ପକ୍ଷୀ ଦେଖାଯାଆନ୍ତି। ମିଳିଥିବା ତଥ୍ୟ ଅନୁସାରେ ୨୦୧୦ରେ ୨ଟି ହାତୀର ମୃତ୍ୟୁ ହୋଇଥିଲା। ୨୦୧୧ରେ ୪, ୨୦୧୨ରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିବା ବେଳେ ୨୦୧୩ରେ ହାତୀ ମୃତ୍ୟୁ ଶୂନ ଥିଲା। ୨୦୧୪, ୨୦୧୫ରେ ୨ଟି ଲେଖାଏ ହାତୀର ମୃତ୍ୟୁ ହୋଇଥିଲା। ୨୦୧୬ରେ ଏହି ସଂଖ୍ୟା ୩କୁ ବୃଦ୍ଧି ପାଇଥିଲା। ୨୦୧୭ରେ ହାତୀ ମୃତ୍ୟୁ ଘଟଣା ଆସି ନ ଥିଲା। ତେବେ ୨୦୧୮ରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ସବୁଠାରୁ ଚର୍ଚ୍ଚାର ବିଷୟ ଥିଲା ୨୦୧୯। ଏହି ବର୍ଷ ସର୍ବାଧିକ ୫ଟି ହାତୀର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୦ରେ ଗୋଟିଏ, ୨୦୨୧ରେ ୨ ହାତୀ ମରିଥିବା ଜଣାପଡ଼ିଛି। ୨୦୨୨ରେ ମଧ୍ୟ ୪ଟି ହାତୀର ମୃତ୍ୟୁ ହୋଇଥିଲା। ଚଳିତବର୍ଷ ୨ଟି ହାତୀର ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ଅପରପକ୍ଷରେ ୧୦ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ୧୮ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ୨୦୧୨–୧୩ରେ ୩ଜଣ, ୨୦୧୩–୧୪ରେ ଜଣେ, ୨୦୧୪–୧୫ରେ ୩ଜଣ, ୨୦୧୬–୧୭ରେ ୪ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୯–୨୦ରେ ୩ଜଣ, ୨୦୨୦–୨୧ରେ ଜଣଙ୍କର ମୃତ୍ୟୁ ହୋଇଛି। ପରବର୍ତ୍ତୀ ୨ ବର୍ଷରେ ୩ଜଣଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ଡିଏଫ୍ଓ ପ୍ରଫୁଲ୍ଲ କୁମାର ମଲ୍ଲିକ କହନ୍ତି, ହାତୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବିଶେଷକରି ହାତୀ ଜନବସତିକୁ ନ ପଶିବା ପାଇଁ ସଂରକ୍ଷିତ ବନାଞ୍ଚଳ ଚାରିପଟେ ଟ୍ରେଞ୍ଚ୍ ଖୋଳାଯାଉଛି। ଯେଉଁସବୁ ଗ୍ରାମାଞ୍ଚଳରେ ହାତୀ ଉପଦ୍ରବ ଅଛି ସେଠାରେ ସୋଲାର ଫ୍ୟାନ୍ସିଂ କରାଯାଉଛି। ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି। ହାତୀଙ୍କ ପାଇଁ ୨୪ ଘଣ୍ଟିଆ ଡିଭିଜନାଲ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

ପରିବେଶବିତ୍ ଡ. ସିଦ୍ଧାର୍ଥ ପତି କହନ୍ତି, ମଣିଷ–ହାତୀ ସଂଘର୍ଷ ହ୍ରାସ କରିବାରେ ଆବାସ ପରିଚାଳନା, ଭୌତିକ ପ୍ରତିବନ୍ଧକ ଏବଂ ପ୍ରତିରୋଧର ମିଶ୍ରଣ ଅନ୍ତର୍ଭୁକ୍ତ। ହାତୀ ବାସସ୍ଥାନକୁ କରିଡ଼ର ସହିତ ପୁନରୁଦ୍ଧାର, ସଂଯୋଗ କରିବା, ସୌରଚାଳିତ ବୈଦ୍ୟୁତିକ ବାଡ଼ ଏବଂ ଗର୍ତ୍ତ ପରି ପ୍ରତିବନ୍ଧକ ବ୍ୟବହାର କରିବା ଏବଂ ଚିଲି–ଆଧାରିତ ପ୍ରତିରୋଧକ କିମ୍ବା ଶବ୍ଦ ସୃଷ୍ଟି ଉପକରଣ ପରି ପ୍ରତିବନ୍ଧକ ନିୟୋଜିତ କରିବା ଦରକାର। ପରିପୂରକ ରଣକୌଶଳ ମଧ୍ୟରେ ଗୋଷ୍ଠୀ–ଆଧାରିତ ଆଗୁଆ ଚେତାବନୀ ବ୍ୟବସ୍ଥା ସୃଷ୍ଟି କରିବା ଏବଂ ଅଧିକ ସଂଘର୍ଷପୂର୍ଣ୍ଣ ଅଞ୍ଚଳରେ ଫସଲ ଚାଷ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ବିକଳ୍ପ ଜୀବିକା ପ୍ରଦାନ କରିବା ଦ୍ୱାରା ମାନବ–ହାତୀ ସଂଘର୍ଷକୁ ରୋକାଯାଇ ପାରିବ।

**–ବାଞ୍ଛାନିଧି ଦେ, ବାଲେଶ୍ୱର**





















































## ଚାନ୍ଦବାଲିର ଗର୍ବ ପୂଜାରାଣୀ

# କ୍ରିକେଟ ଖେଳିବା ସ୍ୱପ୍ନ ଥିଲା




ଭବିଷ୍ୟତରେ ଜଣେ ଭଲ ଖେଳାଳି ହେବା ଥିଲା ତାଙ୍କର ସ୍ୱପ୍ନ। ବହୁ ଉଦ୍ୟମ ଓ ପରିଶ୍ରମ ପରେ ସେହି ସ୍ୱପ୍ନ ତାଙ୍କର ସଫଳ ହୋଇଛି। ଓଡ଼ିଶା କ୍ରିକେଟ ଟିମ୍‌ରେ ଖେଳିବାକୁ ମନୋନୀତ ହୋଇଛନ୍ତି ଭଦ୍ରକ ଜିଲା ଚାନ୍ଦବାଲିର ଗର୍ବ ପୂଜାରାଣୀ ଦାସ(୨୧)। ନିକଟରେ ଘୋଷଣା ହୋଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପରିଚାଳିତ ୨୩ ବର୍ଷରୁ କମ୍ ମହିଳା ଦଳରେ ସେ ସ୍ଥାନ ପାଇ ଚାନ୍ଦବାଲି ସମେତ ଜିଲା ପାଇଁ ଗୌରବ ଆଣିଛନ୍ତି।

ଚାନ୍ଦବାଲି ବ୍ଲକ ବାଲିଗାଁ ଗ୍ରାମର କିଶୋର ଦାସ ଓ ରଜନୀ ଦାସଙ୍କ ଝିଅ ପୂଜା ୨୦୧୭ରୁ କ୍ରିକେଟ ପ୍ରତି ରୁଚି ଦେଖାଇ ନିୟମିତ ଅଭ୍ୟାସ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ବ୍ୟାଟ୍‌ସମ୍ୟାନ୍ ଭାବେ ରାଜ୍ୟସ୍ତରୀୟ ୧୬ ବର୍ଷରୁ କମ୍ କ୍ରିକେଟ ଟିମ୍‌ରେ ସେ ସାମିଲ ହୋଇଥିଲେ। କଠିନ ପରିଶ୍ରମ, ଅଟଳ ସଂକଳ୍ପ ଓ ତାଙ୍କ ବାପାଙ୍କ ମାର୍ଗଦର୍ଶନରେ ସେ ବ୍ଲକ୍, ଜିଲାସ୍ତରରେ ନିଜର ପାରଦର୍ଶିତା ଦେଖାଇଥିଲେ। ୧୯ବର୍ଷରୁ କମ୍ କ୍ରିକେଟରେ ଓଡ଼ିଶା ପକ୍ଷରୁ ଖେଳି ମୁମ୍ବାଇ ବିରୋଧରେ ୯୮ ରନ୍ କରି କ୍ରିକେଟ ଜଗତରେ ହଇଚଇ ସୃଷ୍ଟି କରିଥିଲେ। ପୂଜାରାଣୀ କହନ୍ତି, ତାଙ୍କ ବାପା ଜଣେ ଭଲ ଖେଳାଳି ଥିଲେ। ରଣଜୀ ଟ୍ରଫି ଖେଳିବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। କିନ୍ତୁ ଆର୍ଥିକ ଅଭାବ ଓ ବିଭିନ୍ନ ପାରିପାର୍ଶ୍ୱିକ ପରିସ୍ଥିତି ଯୋଗୁ ସେ ରଣଜୀ ଟିମ୍‌କୁ ଯାଇପାରି ନ ଥିଲେ। ତାଙ୍କ ବାପା ସଫଳ ହୋଇପାରି ନ ଥିବାବେଳେ ଝିଅକୁ କ୍ରିକେଟ ଖେଳାଇବା ଆରମ୍ଭ କରିଥିଲେ। ବାପାଙ୍କର ସେହି ସ୍ୱପ୍ନ ପୂରା କରିବା ପାଇଁ ସେ କ୍ରିକେଟ ଖେଳିବାକୁ ମନସ୍ଥ କରିଥିଲେ। ବାପା ତାଙ୍କୁ କ୍ରିକେଟ ଖେଳିବାକୁ ପ୍ରେରଣା ଦେଇଥିଲେ ବୋଲି ସେ କହିଛନ୍ତି। ସେ ଏବେ ଖୋର୍ଦ୍ଧାର ଏକ ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପଢୁଥିବା ବେଳେ ଓସିଏ କ୍ଲବ୍‌ରେ ରହି କ୍ରିକେଟ ଅଭ୍ୟାସ କରୁଛନ୍ତି। ଭବିଷ୍ୟତରେ ଭାରତୀୟ ମହିଳା ଟିମ୍‌ରେ ସାମିଲ ହୋଇ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।


**-ରିପୋର୍ଟ: କିଷାନ ପାତ୍ର, ଚାନ୍ଦବାଲି**





























## ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ
### ଖୋର୍ଦ୍ଧା

୨୦୧୬ ଜୁନ ୧ ତାରିଖରେ ଆମେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା କରି ଏଲ.ଏଲ.ବି. ତିନିବର୍ଷିଆ ୬୦ ଆସନ ବିଶିଷ୍ଟ ପାଠ୍ୟକ୍ରମ ଆରମ୍ଭ ଅବସରରେ ଘୋଷଣା କରିଥିଲୁ ଯେ ଆମେ ଏହି ଅନୁଷ୍ଠାନକୁ ଏକ ଲିଗାଲ୍ ହବ୍‌ରେ ପରିଣତ କରିବୁ । ଏହି ସଂକଳ୍ପକୁ ଆମେ ପୂରଣ କରିବାରେ ସକ୍ଷମ ହୋଇପାରିଛୁ ।

ସମ୍ପ୍ରତି ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୯୦୦ ଆସନରେ ପହଞ୍ଚିପାରିଛି ।

ଏଲ.ଏଲ.ବି. ତିନିବର୍ଷିଆ ପାଠ୍ୟକ୍ରମ- ୫୪୦ ଆସନ ।

ସମନ୍ୱିତ ବି.ଏ.ଏଲ.ଏଲ.ବି. (ଅନର୍ସ) ୫ ବର୍ଷିଆ ପାଠ୍ୟକ୍ରମ- ୩୦୦ ଆସନ

ପୋଷ୍ଟଗ୍ରାଜୁଏଟ ଲ ପାଠ୍ୟକ୍ରମ ଏଲ.ଏଲ.ଏମ-୬୦ ଆସନ

ସର୍ବମୋଟ = ୯୦୦ ଆସନ

ଓକେସିଏଲ ସହଭାଗିତାରେ ଅଥରାଇଜ୍‌ଡ ଲର୍ଣ୍ଣିଂ ସେଣ୍ଟର ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ସଫଳତାର ସହ ପରିଚାଳନା କରୁଛି ଏବଂ ଆଇନ ଶିକ୍ଷା ସହ କମ୍ପ୍ୟୁଟର ଶିକ୍ଷାକୁ ବି ପ୍ରାଧାନ୍ୟ ଦେଇଚାଲିଛି ।

ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ଅନ୍ୟୂନ ୧୦,୦୦୦ ପୁସ୍ତକ ଓ ଆନୁଷଙ୍ଗିକ ସୁବିଧା ଥାଇ ବିନୋଦ ବିହାରୀ ପୁସ୍ତକାଗାର ବ୍ୟବସ୍ଥିତ ଭାବେ ଚାଲିଛି ।


ଅନ୍ୟୂନ ୧୯ ଜଣ ଅଧ୍ୟାପକ ଅଧ୍ୟାପିକାମାନେ ନିରଳସ ଭାବେ ଶିକ୍ଷାଦାନ କରୁଛନ୍ତି ।

ଏତଦବ୍ୟତୀତ କମ୍ପ୍ୟୁଟର ଲ୍ୟାବ୍, ମୁଟ୍ କୋର୍ଟ, ଲିଗାଲ୍ ଏଜୁକେଶନ ସେଣ୍ଟର ତଥା ଆଇନ ସହାୟତା କେନ୍ଦ୍ର ସଫଳତାର ସହ ଚାଲିଛି । ଖୋର୍ଦ୍ଧା ସହର ଓ ଆଖପାଖ ଅଞ୍ଚଳରେ ଆଇନ ସଚେତନତାକୁ ପ୍ରମୁଖତା ଦିଆଯାଉଛି ।

ଏହି ସମସ୍ତ କାର୍ଯ୍ୟକ୍ରମ ସ୍ଥାନୀୟ ବୁଦ୍ଧିଜୀବୀ, ଜନସାଧାରଣ, ଆଇନଜୀବୀ, ସାମ୍ବାଦିକ ତଥା ସର୍ବସାଧାରଣଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ ଲାଗି ସମ୍ଭବ ହୋଇପାରିଛି ।

ଏଥିପାଇଁ ଆମେ ସମସ୍ତଙ୍କ ନିକଟରେ କୃତଜ୍ଞ ।

| ପ୍ରତାପ ଚନ୍ଦ୍ର ସାମନ୍ତରାୟ | ସୁଧୀର ମାନସିଂହ | ଡ. ବିବେକାନନ୍ଦ ଛୋଟରାୟ |
|---|---|---|
| ସଭାପତି | ପ୍ରତିଷ୍ଠାତା ସମ୍ପାଦକ | ଅଧ୍ୟକ୍ଷ |



ଧରିତ୍ରୀ DHARITRI 52 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୫/୨୦୨୫ Bhubaneswar, Tuesday, November 25/ 2025

# ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ


ଗୁଆହାଟୀ,୨୪।୧୧

ଭାରତ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ତୃତୀୟ ଦିନ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ରହିଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୪୮୯ ରନରେ ସୀମିତ ରହିଥିବା ବେଳେ ଭାରତୀୟ ଦଳ ୨୦୧ ରନରେ ଅଲଆଉଟ୍ ହୋଇଛି। ବ୍ୟାଟରେ ୯୩ ରନର ବିସ୍ଫୋରକ ଇନିଂସ ଖେଳିଥିବା ମାର୍କୋ ଜାନସେନ ବୋଲିଂରେ ୬ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୨୮୮ ରନରେ ଆଗରେ ରହିବା ପରେ ବି ଦ. ଆଫ୍ରିକୀୟ ଅଧିନାୟକ ଟେମ୍ବା ବଭୁମା ଘରୋଇ ଦଳକୁ

## ଜାନସେନଙ୍କୁ ୬ ଉଇକେଟ

ଫଲୋଅନ୍ ନ ଦେବାକୁ ନିଷ୍ପତ୍ତି ନେଇଥିଲେ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ତୃତୀୟ ଦିନ ଶେଷ ସୁଦ୍ଧା ବିନା କ୍ଷତିରେ ୨୬ ରନ କରିଛି। ମ୍ୟାଚ୍‌ରେ ଆହୁରି ୨ ଦିନ ବାକି ଥିବା ବେଳେ ଦକ୍ଷିଣ ଆଫ୍ରିକା ହାତରେ ୧୦ ଉଇକେଟ ସୁରକ୍ଷିତ ରଖି ୩୧୪ ରନରେ ଆଗରେ ରହିଛି।

ସୋମବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୯/୦ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦୁଇ ଅପରାଜିତ ଓପନର ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଡ୍ରିଙ୍କ୍ସ ପର୍ଯ୍ୟନ୍ତ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଦୁହେଁ ପ୍ରଥମ ଉଇକେଟରେ ୬୫ ରନ ଯୋଡ଼ିବା ପରେ ଭାରତୀୟ ଦଳକୁ ରାହୁଲ (୨୨)ଙ୍କ ରୂପେ ପ୍ରଥମ ଝଟ୍‌କା ଲାଗିଥିଲା। ଏହାପରେ ଜୟସ୍ୱାଲଙ୍କ ସହ ସାଇ ସୁଦର୍ଶନ ମିଶି ଦଳୀୟ ସ୍କୋରକୁ ୯୫ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ ମାତ୍ର ୨୭ ରନ୍ ମଧ୍ୟରେ ୬ ଉଇକେଟ ହରାଇଥିଲା। ଜୟସ୍ୱାଲ ୫୮ (୭ ଚୌକା ଓ ୧ ଛକା) ରନର ଅର୍ଦ୍ଧଶତକୀୟ ପାଳି ଆଉଟ୍ ହୋଇଥିବା ବେଳେ ସୁଦର୍ଶନ (୧୫), ଧ୍ରୁବ ଜୁରେଲ (୦), ଅଧିନାୟକ ରିଷଭ ପନ୍ତ (୭), ରବୀନ୍ଦ୍ର ଜାଡେଜା (୬), ନୀତୀଶ କୁମାର ରେଡ୍ଡୀ (୧୮) ବିଫଳ ହୋଇଥିଲେ। ଫଳରେ ଭାରତୀୟ ଦଳ ମାତ୍ର ୧୨୨ ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ଅଷ୍ଟମ ଉଇକେଟରେ ପ୍ରାୟ ୨୫ ଓଭର ବ୍ୟାଟିଂ କରି ୭୨ ରନ ଯୋଡ଼ି ଦଳୀୟ ସ୍କୋରକୁ ୧୯୪ ରନରେ ପହଞ୍ଚାଇଥିଲେ। ସମାନ ସ୍କୋରରେ ଦୁଇ ସେଟ୍ ବ୍ୟାଟର ଆଉଟ୍ ହୋଇଥିଲେ। ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା ସୁନ୍ଦର ୪୮ (୨ ଚୌକା ଓ ୧ ଛକା) ଓ କୁଲଦୀପ ୧୯ ରନ ପାଭିଲିଅନ ଫେରିଥିଲେ। ଶେଷରେ ଯଶପ୍ରୀତ ବୁମରା (୫)ଙ୍କୁ ଆଉଟ୍ କରି ଜାନସେନ ଘରୋଇ ଦଳର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଭାରତୀୟ ଦଳ ୮୩.୫ ଓଭରରେ ୨୦୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପାଇଁ ଜାନସେନ ୬ ଉଇକେଟ ସଫଳତା ହାସଲ କରିଥିଲେ। ସେ ତୃତୀୟ ଥର ପାଇଁ ଟେଷ୍ଟ କ୍ୟାରିୟରରେ ୫ କିମ୍ବା ତା'ଠାରୁ ଅଧିକ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇମନ ହାର୍ମର ୩ ଓ କେଶବ ମହାରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ମାର୍କୋ ଜାନସେନ

### ଫଲୋଅନ୍ ଦେଲେନି

ଭାରତୀୟ ଦଳ ଅଲଆଉଟ୍ ହେବା ପରେ ଫଲୋଅନ୍ ସମ୍ପର୍କରେ ଦ. ଆଫ୍ରିକା ଅଧିନାୟକ ବଭୁମା ଦଳୀୟ ଖେଳାଳି ଓ ଟିମ ମ୍ୟାନେଜମେଣ୍ଟ ସହ ପରାମର୍ଶ କରିଥିଲେ। ପ୍ରଥମତଃ ବଭୁମା ଦଳୀୟ ଖେଳାଳିଙ୍କୁ ଡକାଇ ଫିଲ୍ଡରେ ଭାରତକୁ ଫଲୋଅନ୍ ଦେବା ସମ୍ପର୍କରେ ପଚାରିଥିଲେ। ପରେ ସେ ଅମ୍ପାୟରଙ୍କଠାରୁ ଦୁଇ ମିନିଟ୍ ସମୟ ମାଗିଥିଲେ। ଅମ୍ପାୟର ତାଙ୍କୁ ଅନୁମତି ଦେବା ପରେ ସେ ଟିମ୍ ମ୍ୟାନେଜମେଣ୍ଟ ସହ କଥା ହେବାକୁ ଡ୍ରେସିଂ ରୁମ୍ ଦୌଡ଼ି ଯାଇଥିଲେ। ଆଲୋଚନା ପରେ ଦକ୍ଷିଣ ଆଫ୍ରିକା ଫଲୋଅନ୍ ଦେବ ନାହିଁ ବୋଲି ବଭୁମା ଅମ୍ପାୟରଙ୍କୁ ଜଣାଇଥିଲେ। ଏହାପରେ ଦ. ଆଫ୍ରିକା ତୃତୀୟ ଦିନ ଶେଷ ପର୍ଯ୍ୟନ୍ତ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ବିନା ଉଇକେଟରେ ୨୬ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରିଆନ ରିକଲଟନ ୧୩ ଓ ଏଡେନ ମାରକ୍ରାମ ୧୨ ରନରେ ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଅଫ୍ରିକା ପ୍ରଥମ ଇନିଂସ: ୪୮୯/ ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୨୦୧/ଅଲଆଉଟ୍ (ଯଶସ୍ୱୀ ଜୟସ୍ୱାଲ-୫୮, ୱାଶିଂଟନ ସୁନ୍ଦର-୪୮, ମାର୍କୋ ଜାନସେନ-୬/୪୮, ସାଇମନ ହାର୍ମର-୩/୬୪)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬/୦ (ରିଆନ ରିକଲଟନ-୧୩*, ଏଡେନ ମାରକ୍ରାମ-୧୨*)।

# ପ୍ରାଞ୍ଜଳିଙ୍କୁ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ

ଟୋକିଓ, ୨୪।୧୧ (ପି.ଟି.)

ଭାରତୀୟ ଶୁଟର ପ୍ରାଞ୍ଜଳି ପ୍ରଶାନ୍ତ ଧୂମଲ ଏଠାରେ ଚାଲିଥିବା ବଧିର ଅଲିମ୍ପିକ୍ସ ମହିଳା ୨୫ମିଟର ପିସ୍ତଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଇଭେଣ୍ଟରେ ଏହା ହେଉଛି ତାଙ୍କର ତୃତୀୟ ପଦକ। ପୂର୍ବରୁ ସେ ଅଭିନବ ଦେଶୱାଲଙ୍କ ସହ ମିକ୍ସଡ ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା ଏୟାର ପିସ୍ତଲରେ ଏକ ରୌପ୍ୟ ହାସଲ କରିସାରିଛନ୍ତି। ୟୁକ୍ରେନ୍‌ର ମୋସିନା ହାଲିନାଙ୍କୁ ରୌପ୍ୟ ଓ କୋରିଆର ଜେଅନ୍ ଜିଓନଙ୍କୁ ବ୍ରୋଞ୍ଜ ମିଳିଛି। ମହିଳା ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଅନୁୟା ପ୍ରସାଦ ଚତୁର୍ଥ ହୋଇଥିଲେ। ପ୍ରାଞ୍ଜଳି ଏକ ନୂଆ କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସହ ଫାଇନାଲକୁ ଉନ୍ନୀତ ହୋଇଥିଲେ। ସେ ୬୦୦ରୁ ୫୭୩ ସ୍କୋର କରିଥିଲେ। ଫାଇନାଲରେ ସେ ୩୪ ସ୍କୋର ସହ ପ୍ରଥମ ହୋଇଥିଲେ। ରୌପ୍ୟ ଜିତିଥିବା ମୋସିନାଙ୍କଠାରୁ ୨ ପଏଣ୍ଟ ଆଗରେ ରହିଥିଲେ। ଜେଅନ୍ ଏକ ଶୁଟଆଉଟରେ ଭାରତର ଅନୁୟା ପ୍ରସାଦଙ୍କୁ ପଛରେ ପକାଇ ୩୦ ସ୍କୋର ସହ ବ୍ରୋଞ୍ଜ ଜିତିଛନ୍ତି।




# ଓଡ଼ିଶାର ଲୋମାଙ୍କୁ ବ୍ରୋଞ୍ଜ



ପଦକ ସହ ଲୋମା ସ୍ୱାଇଁ

କୁଜଙ୍ଗ/ଭୁବନେଶ୍ୱର,୨୪।୧୧
(ମନୋଜ ପ୍ରଧାନ/ଅନାଦି କର)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇର ଝିଅ ତଥା ପୂର୍ବତନ ସରପଞ୍ଚ ଇଂ.ସଞ୍ଜୟ କୁମାର ଓ ଜ୍ୟୋତିର୍ମୟୀ ସ୍ୱାଇଁଙ୍କ କନ୍ୟା ଲୋମା ସ୍ୱାଇଁ ଜାପାନର ଟୋକିଓଠାରେ ଚାଲିଥିବା ବଧିର

## ବଧିର ଅଲିମ୍ପିକ୍ସ

ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ୫୦ କେଜି କରାଟେ ବର୍ଗରେ ଏହି ସଫଳତା ପାଇଛନ୍ତି। ଲୋମା ରିପିଚେଜ ରାଉଣ୍ଡରେ ବ୍ରାଜିଲ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଏହି ପଦକ ଜିତିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ(କେଆଇଓ)ର ସଭାପତି ହାନସି ଭରତ ଶର୍ମା, ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ସମ୍ପାଦକ ଡ. ଗୌରି ମହାନ୍ତି ଓ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

ଲୋମା କରାଟେ ବ୍ୟତୀତ ଜୁ ଜିତ୍ସୁ କ୍ରୀଡ଼ାରେ ଜଣେ ଜାତୀୟ ଚାମ୍ପିୟନ। ସେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କରାଟେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଲୋମାଙ୍କ ସହ ସେନ୍‌ସେଇ ସୁନୀଲ ରାଠି ସାଇ କୋଚ୍ ଭାବେ ଗସ୍ତ କରିଥିଲେ। ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଅନେକ ପଦକ ଜିତିଥିବା ଲୋମାଙ୍କୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଜଗତ୍‌ସିଂହପୁର କଲେକ୍ଟୋରେଟ୍‌ରେ ଗ୍ରୁପ-ସି ନିଯୁକ୍ତି ଦିଆଯାଇଛି।

# ବାରବାଟୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ ତ୍ରୁଟିକୁ ଧରିବ ସଫ୍ଟୱେର

କଟକ,୨୪।୧୧(ଶିଳ୍ପା ପ୍ରିୟଦର୍ଶିନୀ)

## ଭାରତ-ଦକ୍ଷିଣ ଆଫ୍ରିକା ଟି୨୦

### ଘୁଞ୍ଚିବ ସିଏମ୍ ଲାଉଞ୍ଜ, ହେବ ଲାଇଟ ଶୋ'

ବାରବାଟୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେର ବ୍ୟବହାର କରାଯିବ। ପ୍ରତ୍ୟେକ ଖୁଣ୍ଟକୁ ସଫ୍ଟୱେର ଜରିଆରେ ମନିଟରିଂ କରାଯିବ। ଯେକୌଣସି ସ୍ଥାନରେ ତ୍ରୁଟି ରହିଥିଲେ ତାହାର ଆଗୁଆ ସୂଚନା ମିଳିପାରିବ। ପ୍ରଥମକରି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଏଭଳି ପଦକ୍ଷେପ ନିଆଯିବ। ଏହାସହ ମ୍ୟାଚ୍‌କୁ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରାଯିବା ଏବଂ ପୂର୍ବ ତ୍ରୁଟିକୁ ନ ଦୋହରାଇବା ଦିଗରେ ଓସିଏ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଥିବା ନେଇ ଓସିଏ କନ୍‌ସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି।

ସୂଚନା ଅନୁଯାୟୀ, ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁଥିବା ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ପାଇଁ ଓସିଏ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ପୂର୍ବ ମ୍ୟାଚ୍‌ରେ ହୋଇଥିବା ତ୍ରୁଟିକୁ ଏଡାଇବାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେବେ ବାରବାଟୀରେ ୮ଟି ଫ୍ଲଡ୍ ଲାଇଟ୍ ରହିଛି। ପ୍ରତ୍ୟେକ ଖୁଣ୍ଟରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ସେହିପରି ପ୍ରତ୍ୟେକ ଫ୍ଲଡ୍ ଲାଇଟ୍ ସହ ୨ଟି ଲେଖାଏ ଡିଜି ସେଟ୍ ସଂଯୋଗ କରାଯିବ। ଆଉ ୨ଟି ଡିଜି ସେଟ୍ ପାୱାର ଅନ୍ ଅବସ୍ଥାରେ ମହଜୁଦ ରଖାଯିବ। ଗତ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ବେଳେ ଫ୍ଲଡ୍ ଲାଇଟ୍ ଲିଭିବା ଘଟଣାର ପୁନରାବୃତ୍ତି ଘଟିବାକୁ ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ଲାଉଞ୍ଜକୁ ସ୍ଥାନାନ୍ତର କରାଯିବା ଲାଗି ଯୋଜନା ହୋଇଛି। ଲାଉଞ୍ଜ ସମ୍ମୁଖରେ ସାଇଡ୍ ସ୍କ୍ରିନ ରହି ବାଧା ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଲାଉଞ୍ଜରେ ଦେଖିବାକୁ ମିଳିବେ। ପଦ୍ମ ଉପାଧି ବିଜେତା ଏବଂ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଲାଉଞ୍ଜ ହେବ। ମ୍ୟାଚ୍ ଆରମ୍ଭ ପୂର୍ବରୁ ବାରବାଟୀରେ ଏଥର ଆକର୍ଷଣୀୟ ଲାଇଟ୍ ଶୋ' ହେବ ବୋଲି ସୂଚନା ମିଳିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ